Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୧ ସଂଖ୍ୟା-୨୬ ୧୦ - ୧୬ ଜୁଲାଇ, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-26 10rd-16th July, 2017 BHUBANESWAR ₹ 5/- (8 Pages)



ଶ୍ରାବଣ ପହିଲି ସୋମବାର ଶୈବପୀଠକୁ କାଉଡ଼ିଆଙ୍କ ଯାତ୍ରା

# ୩ ପାକ୍ ବଙ୍କର ଧ୍ୱଂସ




**ଶ୍ରୀନଗର :** ପାକିସ୍ତାନ ସେନାର ଅସ୍ତ୍ରବିରତି ଉଲ୍ଲଂଘନର ମୁହଁତୋଡ଼ ଜବାବ ଦେଇଛି ଭାରତୀୟ ସେନା। ଜମ୍ମୁ-କାଶ୍ମୀରରେ ନିୟନ୍ତ୍ରଣ ରେଖାର ଅଳ୍ପଦୂରରେ ଥିବା ପାକିସ୍ତାନର ୩ ବଙ୍କରକୁ ଧ୍ୱଂସ କରିଛି ସେନା। ଉଲ୍ଲେଖଯୋଗ୍ୟ ଯେ ଶନିବାର ପୁଞ୍ଚ ସେକ୍ଟରରେ ଗୁଳିଚାଳନା କରିଥିଲା ପାକିସ୍ତାନ। ଏଥିରେ ଭାରତର ଜଣେ ଯବାନ ଓ ତାଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିଥିଲା। ତେବେ ରବିବାର ପ୍ରତିଆକ୍ରମଣରେ ଭାରତ ପାକିସ୍ତାନର କେତୋଟି ସୀମାର ଆଗୁଆ ଘାଟି ଧ୍ୱସ୍ତ କରିଛି ଓ ଏଥିରେ ୭ଜଣ ପାକିସ୍ତାନୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ ୨ ପାକିସ୍ତାନୀ ଯବାନ ଓ ୫ଜଣ ସ୍ଥାନୀୟ ସୀମାନ୍ତବାସୀ ମୃତ୍ୟୁବରଣ କରିଛନ୍ତି। ଏଥିରେ ପାଖାପାଖି ୧୬ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ପାକିସ୍ତାନର ପୁଞ୍ଚ ଜିଲ୍ଲା ହାଜିରା ସେକ୍ଟରରେ ଭାରତ ଆଜି ଆଖିବୁଜା ଗୁଳିଗୋଳା ବର୍ଷଣ କରିଥିଲା। ଆକ୍ରମଣରେ ସ୍ଥାନୀୟ ଅଞ୍ଚଳ କେତେକାଂଶରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବାବେଳେ ଏହାର ପ୍ରଭାବରେ ପାକିସ୍ତାନର ବାରିଆ ପେଟ୍ରିନୋଟ, ସାବାତି, ଡାକି, ପୋଲାଅସ ଏବଂ ଛତ୍ରୀ ଅଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆହତଙ୍କ ମଧ୍ୟରୁ ଅନ୍ୟୂନ ୭ଜଣ ପାକିସ୍ତାନୀ ଯବାନ ବିଶେଷ କ୍ଷତବିକ୍ଷତ ହୋଇଛନ୍ତି। ସେଥିମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏହି ଆକ୍ରମଣରେ ପାକିସ୍ତାନର ଏକ ସେନାଶିବିର ଧ୍ୱଂସ ପାଇଛି।

## ମନ୍ତ୍ର ଫୁଙ୍କି ଦିଲ୍ଲୀ ଫେରିଗଲେ ଶାହା

# ବିଜେଡି ଛାତିରେ '୧୨୦' ଛନକା

**ଭୁବନେଶ୍ୱର :** ତିନିଦିନିଆ ଓଡ଼ିଶାଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିଗଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା। ଏହି ତିନିଦିନ ଭିତରେ ସେ ଗଞ୍ଜାମ, ଯାଜପୁର ଓ ରାଜଧାନୀର ଧଉଳି ନିକଟବର୍ତ୍ତୀ ବସନ୍ତପୁର ଗାଁରେ 'ମୋ ବୁଥ୍ ସବୁଠୁ ମଜଭୁତ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶାହା ଗସ୍ତ କରିଥିବା ସବୁ ସ୍ଥାନରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭର ପ୍ରଥମ ଦିନରୁ ଶାହା ରାଜ୍ୟ ସରକାରଙ୍କ ବିରୋଧରେ କଠୋର ମନୋଭାବ ପୋଷଣ କରିଥିଲେ। ବିଜୁ ଜନତା ଦଳ ସରକାରକୁ ଓପାଡ଼ି ଫିଙ୍ଗି ଦେବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ ଅମିତ୍। ଆକ୍ରମଣାତ୍ମକ ଢଙ୍ଗରେ ସେ କହିଥିଲେ ଯେ ଓଡ଼ିଶାରେ ଏଥର ବିଜେପି, ଆଉ ବିଜେଡି ନୁହେଁ। ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି କହିଥିଲେ ଗଞ୍ଜାମରେ ଏବଂ ଏହାକୁ ଯାଜପୁରରେ ଦୋହରାଇଥିଲେ। ତାହା ହେଲା ଆଗାମୀ




ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଓଡ଼ିଶାରେ ଶାସନ କରିବ ଏବଂ ୧୨୦ ସିଟ୍‌ରେ ଜିତିବ। ଏଭଳି ଦୃଢ଼ୋକ୍ତି ସେ ଥରେ ନୁହେଁ, ବରଂ ବାରମ୍ବାର ପୁନରାବୃତ୍ତି କରି ବିଜେପି କର୍ମୀଙ୍କ ମନୋବଳକୁ ଟାଣ କରିବା ସହ ରାଜ୍ୟରେ ନୂଆ ସରକାରର ସମ୍ଭାବନା ସୃଷ୍ଟି କରିଛନ୍ତି। ଯାହାକି ବିଜେଡିକୁ ଅଡୁଆରେ ପକାଇଛି। ଏଭଳି ଆକଳନ ଏତେ ଆଗରୁ କେମିତି କଲେ ଅମିତ୍? ଭାଜପା କିଭଳି ରଣନୀତି ପ୍ରସ୍ତୁତ କରି ଓଡ଼ିଶା ହାତେଇବା ଲକ୍ଷ୍ୟରେ ରହିଛି, ତାହାକୁ ନେଇ ଅଙ୍କ କଷୁଛି ବିଜେଡି। ଯାହା ଜଣାଯାଏ, ଭାଜପାର ବିସ୍ତାରବାହିନୀ ବିଜେଡି ପାଇଁ ଚିନ୍ତାର କାରଣ। ଅତୀତରେ ବିଜେଡି ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ମୁଣ୍ଡ ଟେକି ପାରି ନ ଥିବାରୁ ଦୀର୍ଘବର୍ଷ ହେବ ଆରାମରେ ରାଜ୍ୟ ଶାସନ କରୁଛି ବିଜେଡି। ହେଲେ ବର୍ତ୍ତମାନ ବିଜେପି ଯେଭଳି ରଣନୀତି ପ୍ରସ୍ତୁତ କରୁଛି, ସେଥିରେ ବିବ୍ରତ ହୋଇପଡ଼ିଛି ବିଜେଡି। ନବୀନ ପଟ୍ଟନାୟକଙ୍କ ସରକାର ପାଇଁ ଅଡୁଆ ସୃଷ୍ଟି କରିଛି ଅମିତ୍‌ଙ୍କ ଆହ୍ୱାନ।

ଅମିତ୍‌ଙ୍କ ଓଡ଼ିଶା ଗସ୍ତ କାଳରେ ସେ ୩ଟି ଜିଲ୍ଲାର ବୁଥ୍‌ସ୍ତରକୁ ଯାଇ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସାଧାରଣ ଲୋକଙ୍କ ଘରେ ମଧ୍ୟାହ୍ନ ଭୋଜନ, ଚା'ପାନ ସହ ମୁଢ଼ି ଖାଇବା ପରେ ୨୦୧୯ରେ ରାଜ୍ୟରେ ସରକାର ପରିବର୍ତ୍ତନ ଘଟିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଓଡ଼ିଶାରେ ବିଜେପି ତା'ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କରିବା ପରେ ଅମିତଙ୍କର ଏହା ଥିଲା ଦ୍ୱିତୀୟ ବଡ଼ କାର୍ଯ୍ୟକ୍ରମ। ସୂଚନାଯୋଗ୍ୟ ଯେ ଅମିତଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେପି ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବ ବୋଲି ଘୋଷଣା କରିସାରିଛି। ୩ ଦିନରେ ସଡ଼କପଥରେ ୪୦୦ କିଲୋମିଟର ଗସ୍ତ କରି ଓଡ଼ିଆ ଲୋକଙ୍କ ମନୋଭାବ ବୁଝିପାରିଥିବା କହିଛନ୍ତି ଅମିତ୍ ଏବଂ କହିଛନ୍ତି ଯେ ସେ ନବୀନଙ୍କ ପରି ବିମାନରେ ଉଡ଼ି ବୁଲନ୍ତି ନାହିଁ। ତାହାରି ମଧ୍ୟରେ ବିଜେଡି ➤ ପୃ-୭

# ନିଜ ସ୍ଥିତିରେ ଅଟଳ ଭାରତୀୟ ସେନା

**ସିକିମ୍ :** ସିକିମ୍ ସେକ୍ଟରର ଡୋକଲାଠାରେ ଭାରତ-ଚୀନ୍‌ସେନା କିଛିଦିନ ହେଲା ମୁହାଁମୁହିଁ ସ୍ଥିତିରେ ରହିଥିବା ବେଳେ ଉଭୟ ରାଷ୍ଟ୍ର ନିଜ ନିଜର ଜିଦ୍‌ରେ ଅଟଳ ରହିଛନ୍ତି। ଐତିହାସିକ ଦୃଷ୍ଟାନ୍ତ ଅନୁସାରେ ଚୀନ୍ ସେନା ପ୍ରତ୍ୟାହାର ନ କରିବା ଜିଦ୍‌ରେ ଥିବାବେଳେ ଭାରତ ମଧ୍ୟ ଭୁଟାନ୍ ସହ ଚୁକ୍ତି ଓ ସୁରକ୍ଷା ଦୃଷ୍ଟିରୁ ନିଜ ଦୃଷ୍ଟିକୋଣରୁ ସେନା ନ ହଟାଇବାକୁ ନିଷ୍ପତ୍ତି ନେଇଛି। ଏଠାରେ ୧୦ ହଜାର ଫୁଟ ଉଚ୍ଚତାରେ ଭାରତୀୟ ଯବାନମାନଙ୍କ ପାଇଁ ଶିବିର ସ୍ଥାପନ ସହ ଖାଦ୍ୟ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣକୁ ଶକ୍ତିଶାଳୀ କରିଦେଇଛି।

ସିକିମ୍ ସେକ୍ଟରରେ ସୀମା ବିବାଦର ସମାଧାନ ପାଇଁ ଭାରତ ଆଗଭର ନ ହେଲେ ସିକ୍କିମ୍ ସ୍ୱାଧୀନତା ପାଇଁ ଚୀନ୍ ସମର୍ଥନ ଜଣାଇବ ବୋଲି ଚୀନା ସରକାରୀ ମିଡିଆରେ ନୂଆଦିଲ୍ଲୀକୁ ଧମକ ଦିଆଯାଇଛି। କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର ଦୈନିକ ସମ୍ବାଦପତ୍ର ଗ୍ଲୋବାଲ୍ ଟାଇମ୍ସରେ ପ୍ରକାଶିତ ଏକ କଡ଼ା ସମ୍ପାଦକୀୟରେ କୁହାଯାଇଛି, ନୂଆଦିଲ୍ଲୀକୁ ବାଟକୁ ଆଣିବାକୁ ହେଲେ ସିକ୍କିମ୍ ସ୍ୱାଧୀନତା ପ୍ରସଙ୍ଗ ଉଠାଇବାକୁ ପଡ଼ିବ। ଭାରତ ଯେଭଳି ବିବାଦକୁ ତେଜୁଛି, ତାକୁ ଶିକ୍ଷା ଦେବାପାଇଁ ସିକ୍କିମ୍‌ର ସ୍ୱାଧୀନତା ପ୍ରସଙ୍ଗ ଉତ୍ଥାପନ ଯଥାର୍ଥ ହେବ। ବିଶ୍ୱ ସେମାନଙ୍କୁ କିଭଳି ଦୃଷ୍ଟିରେ ଦେଖୁଛି, ସେ ସମ୍ପର୍କରେ ସିକ୍କିମ୍‌ର ଜନସାଧାରଣ ବେଶ୍ ସଚେତନ ଅଛନ୍ତି। ଭାରତ ସହ ସିକ୍କିମ୍‌ର ମିଶ୍ରଣକୁ ୨୦୦୩ରେ ଚୀନ୍ ସ୍ୱୀକୃତି ଦେଇଥିଲା। ସିକ୍କିମ୍‌ର କିଛି ଜନସାଧାରଣ ଏକ ପୃଥକ ରାଷ୍ଟ୍ରର ସ୍ୱପ୍ନ ଦେଖୁଛନ୍ତି ଏବଂ ବାହାର ➤ ପୃ-୭

## ଚୀନ୍ ମିଡିଆରେ ତେଜୁଛି ଭାରତ ବିରୋଧୀ ଆହ୍ୱାନ

**ବେଜିଂ :** ସିକିମ୍ ସେକ୍ଟରର ଡୋଙ୍ଗଲଙ୍ଗ୍ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମରିକ ବିବାଦ ପରିପ୍ରେକ୍ଷୀରେ ଚୀନ୍ ଭାରତକୁ ଏଭଳି ଶିକ୍ଷା ଦେଉ, ଯେପରି ୧୯୬୨ ତୁଳନାରେ



ତା'ର ଅଧିକ କ୍ଷତି ଘଟିବ। ଚୀନ୍‌ର ଏକ ପ୍ରମୁଖ ଦୈନିକ ସମ୍ବାଦପତ୍ର ଏଭଳି ରିପୋର୍ଟ ପ୍ରକାଶ କରିଛି। ଚୀନ୍ ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସର ସମ୍ପାଦକୀୟରେ ଆଜି ଭାରତକୁ କଟୁ ସମାଲୋଚନା କରାଯାଇଛି। ଚୀନ୍ ➤ ପୃ-୭

# ବାତିଲ ହେବ ଓଡ଼ିଶାର ୭୭୮ କମ୍ପାନୀର ପଞ୍ଜୀକରଣ

**ଝାରସୁଗୁଡ଼ା :** ଗତବର୍ଷ ନଭେମ୍ବର ୮ ତାରିଖରେ ବିମୁଦ୍ରୀକରଣ ହେବା ପରେ ସାରା ଦେଶରେ ଥିବା କେତେକ ବେନିୟମ କମ୍ପାନୀ ସରକାରଙ୍କ ସନ୍ଦେହଘେରରେ ଥିଲେ। ଏହି କମ୍ପାନୀଗୁଡ଼ିକ ଉପରେ ଶେଷରେ କେନ୍ଦ୍ର ସରକାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଛନ୍ତି। ଓଡ଼ିଶାରେ ଏହିପରି ୭୭୮ କମ୍ପାନୀ ଉପରେ ଭାରତ ସରକାରଙ୍କ କର୍ପୋରେଟ୍ ମନ୍ତ୍ରାଳୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏମାନଙ୍କର ପଞ୍ଜୀକରଣ ବାତିଲ କରିବାକୁ ନୋଟିସ ଦେଇଛି। ଭାରତ ସରକାରଙ୍କ କର୍ପୋରେଟ ମନ୍ତ୍ରାଳୟ ଜାରି କରିଥିବା ଏକ ରିପୋର୍ଟ ଅନୁସାରେ ଦେଶରେ ୧.୬ ମିଲିୟନ କମ୍ପାନୀ ପଞ୍ଜୀକରଣ କରିଛନ୍ତି। ବିମୁଦ୍ରୀକରଣ ପରେ ୧.୩ ମିଲିୟନ୍ କମ୍ପାନୀ ସେମାନଙ୍କର ନେଣଦେଣ ବ୍ୟାଙ୍କ ଜରିଆରେ କରିବା ସହିତ ସରକାରଙ୍କର ଆୟକର ରିଟର୍ଣ୍ଣ ସହିତ ଅନ୍ୟାନ୍ୟ ଟିକସ ପ୍ରଦାନ କରିଥିଲେ। ବାକିଥିବା ୩ ଲକ୍ଷ କମ୍ପାନୀ ସରକାରଙ୍କ ରାଡାରରେ ରହିଥିଲେ। ଏହି କମ୍ପାନୀଗୁଡ଼ିକର କାର୍ଯ୍ୟକଳାପ ସନ୍ଦେହଘେରରେ ରହିଥିଲା। ଅନେକ ଶିଳ୍ପସଂସ୍ଥା ତାଙ୍କର ଟିକସଫାଙ୍କି ସହିତ ବ୍ୟାଙ୍କରୁ ଋଣ ନେବା ଓ ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ବେନିୟମ ଭାବେ କେତେକ କମ୍ପାନୀ ତିଆରି କରିଥିଲେ। କେବଳ ସେତିକି ନୁହେଁ, ଏହିଭଳି କେତେକ ବେନିୟମ କମ୍ପାନୀ ମନି ଲଣ୍ଡରିଂ କାର୍ଯ୍ୟରେ ମଧ୍ୟ ଜଡ଼ିତ ରହିଥିବା ଭାରତ ସରକାରଙ୍କ ପାଖରେ ଖବର ରହିଥିଲା। ଜୁନ୍ ୩୦ ତାରିଖ ମଧ୍ୟରାତିରୁ ଦେଶରେ ଜିଏସ୍ଟି ➤ ପୃ-୭

## ନିଆଳି, ଜଗତସିଂହପୁର ପରେ ଭଞ୍ଜନଗରରେ ମେଣ୍ଢାମୃତ୍ୟୁ

# ହାବୁଡ଼େ ପଡ଼ିଛି ଅଜଣାଜନ୍ତୁ

**ନିଆଳି :** ନିଆଳି ମେଣ୍ଢାମୃତ୍ୟୁ ଘଟଣା ସାରା ରାଜ୍ୟରେ ଆତଙ୍କ ଖେଳାଇଥିବା ବେଳେ ଜଗତସିଂହପୁର ଓ ପରେ ପରେ ଭଞ୍ଜନଗରରେ ମେଣ୍ଢାମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇଦେଇଛି। ଦୀର୍ଘ ୩ ମାସ ଧରି ମେଣ୍ଢାମଡ଼କ ଜାରି ରହିଥିବା ବେଳେ ବନବିଭାଗ ମେଣ୍ଢା ହତ୍ୟାକାରୀ ଅଜଣାଜୀବକୁ ଖୋଜି ଖୋଜି ନୟାନ୍ତ ହେଲାଣି। ଏଭଳି ପରିସ୍ଥିତିରେ ଏବେ ଦ୍ୱୀପାଞ୍ଚଳ ବଡ଼ସିଠାକୋଠାରେ ସ୍ଥାନୀୟ ବାସିନ୍ଦା ଏକ ବୁଦାରୁ ଗୋଟିଏ ଜୀବକୁ ଧରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଘଟଣାସ୍ଥଳରୁ ଆଉ ୪ଟି ଜୀବ ଖସି ପଳାଇଥିବା ଗ୍ରାମବାସୀ କହିଛନ୍ତି। ଗତ କିଛିଦିନ ଧରି କ୍ରମାଗତ ଭାବେ ଅଜଣାଜୀବ ଗୁହାଳରେ ପଶି ମେଣ୍ଢାମାନଙ୍କୁ ଶିକାର କରୁଥିବାରୁ ଗ୍ରାମବାସୀମାନେ ରାତିରେ ପହରା ଦେଉଥିଲେ। ସେମାନଙ୍କ ହାବୁଡ଼ରେ ଗତକାଲି ରାତିରେ ଏହି ଜୀବଟି ପଡ଼ିଥିଲା। ଶିଆଳ ପରି ଦେଖାଯାଉଥିବା ଏହି ଜୀବଟିର ପତଳା ଶରୀର ଓ ତୀକ୍ଷ୍ଣ ଦାନ୍ତ। ଅନ୍ୟପକ୍ଷରେ ଏହା ଏକ ସାଧାରଣ ବିଲୁଆ ବୋଲି କେତେକ ବ୍ୟକ୍ତି କହୁଛନ୍ତି। ତେବେ ଏହା ରାମଶିଆଳ ପ୍ରଜାତିର ବୋଲି ଶିମିଳିପାଳରୁ ଆସିଥିବା ବିଶେଷଜ୍ଞ ଦଳ ମତପ୍ରକାଶ କରିଛନ୍ତି। ଏହାକୁ ଚିହ୍ନଟ କରିବା ଲାଗି ଏହାର ଲୋମ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟକୁ ପଠାଯିବ। ଜୀବଟିକୁ ନନ୍ଦନକାନନକୁ



ଅଣାଯାଇଛି। ଏହି ଜନ୍ତୁଦଳ ମେଣ୍ଢାଶିକାର କରୁଥିଲେ ନା ଅନ୍ୟ କେଉଁ ଜନ୍ତୁ ଏଥିରେ ସମ୍ପୃକ୍ତ ତାହା ଆଗକୁ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ଅନ୍ୟପଟେ ଶନିବାର ଏକବେରୁଆଁ ପଞ୍ଚାୟତ ସୁଦାନଗର ଗ୍ରାମର କାନନ କିଶୋର ଭୋଳଙ୍କ ଗୁହାଳରେ ଅଜଣା ବନ୍ୟଜନ୍ତୁ ୨ଟି ମେଣ୍ଢା ମାରିବା ସହ ଗୋଟିଏ ମେଣ୍ଢାକୁ ଆହତ ଓ ଆଉ ଗୋଟିଏ ମେଣ୍ଢା ନେଇ ପଳାଇଥିବା ସଂପର୍କରେ ସମ୍ପୃକ୍ତ ମେଣ୍ଢାପାଳକଙ୍କ ପକ୍ଷରୁ ସୂଚନା ମିଳିଛି। ସେହିଭଳି ଭଞ୍ଜନଗର ବ୍ଲକ ଅନ୍ତର୍ଗତ ସାନକୋଦଣ୍ଡା ପଞ୍ଚାୟତର ବଡ଼ପଥରା ଗ୍ରାମରେ ଏହିଭଳି ଘଟଣା ଘଟିଛି। ଏହି ଗ୍ରାମର ବଳରାମ ଗୌଡ଼ ନାମକ ବ୍ୟକ୍ତିଙ୍କର ଗୁହାଳରେ ଥିବା ୧୨ଟି ମେଣ୍ଢାଙ୍କୁ ଅଜଣା ଜନ୍ତୁ ଆକ୍ରମଣ କରିଥିଲା। ସେଥିମଧ୍ୟରୁ ୯ଟିର ମୃତ୍ୟୁ ଘଟିଥିବା ବେଳେ ୩ଟି ଗୁରୁତର ➤ ପୃ-୭

## କଂଗ୍ରେସରେ କଳି ତୁଟୁନି

# ସୁରଙ୍କୁ ତାରାଙ୍କ କଡ଼ା ଜବାବ

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ଦୁର୍ବଳ ସ୍ଥିତିରେ ଥିବା କଂଗ୍ରେସରେ ବାକ୍‌ଯୁଦ୍ଧ ଥମିବାର ନାଁ ନେଉନାହିଁ। ଗତ କିଛିଦିନ ଧରି ଉଠିଥିବା ଏହି ବାକ୍‌ଯୁଦ୍ଧ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଗତକାଲି ଏଥିରେ ଘିଅ ଢାଳିଥିବା ବରିଷ୍ଠ ନେତା ସୁର ରାଉତରାୟଙ୍କୁ କଡ଼ା ଜବାବ ଦେଇଛନ୍ତି କଂଗ୍ରେସର ବରିଷ୍ଠ ନେତା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି। ଘରେ ପଶି ଉଠାଇ ନିଆଯିବ ବୋଲି ଶନିବାର ସୁର କହିଥିବା ବେଳେ ରବିବାର ଏହାର ମୁହଁତୋଡ଼ ଜବାବ ଦେଇଛନ୍ତି ତାରା। ସେ କହିଛନ୍ତି ଯେ ଆମେ କାହାରିକୁ ଡରିନାହୁଁ। ଯିଏ ଉଠେଇ ନେବା କଥା କହୁଛନ୍ତି ଥରେ କରିକି ଦେଖନ୍ତୁ ତ! ନିଜ ଶୈଳୀରେ ସେ ଗଣମାଧ୍ୟମ ଆଗରେ ତାରା କହିଛନ୍ତି ଯେ ସେ ପ୍ରସାଦଙ୍କ ଶ୍ୱଶୁର ହୁଅନ୍ତୁ ବା ଆଉକିଏ, ଆମେ କ'ଣ ତାଙ୍କ ଦୟାରେ



ଅଛୁ? ଆମେ କଂଗ୍ରେସରେ ଅଛୁ ଏବଂ ଆଗକୁ ରହିବୁ। ଦେଖିବା ଆମକୁ କିଏ ଉଠାଇ ନେବ, କାହାର ଦମ୍ ଅଛି? କାହାକୁ ଡରିଯାଇ ଆମେ କୌଣସି ପରିସ୍ଥିତିରେ କମ୍ପ୍ରମାଇଜ୍ କରିବା ଲୋକ ନୁହଁ ବୋଲି ସେ ଚାଲେଞ୍ଜ ଦେଇଥିଲେ। ଯେଉଁମାନେ ଏଭଳି କଥା କହୁଛନ୍ତି ସେମାନେ କଂଗ୍ରେସ ଲୋକ ନୁହନ୍ତି, ନଚେତ୍ ଏଭଳି କଥା କୁହନ୍ତେନି। କେବଳ ଏହିଭଳି କେତେଜଣ ଲୋକଙ୍କ ପାଇଁ କଂଗ୍ରେସ ଓଡ଼ିଶାରେ ଶାସନକୁ ଫେରିପାରୁ ନାହିଁ ବୋଲି ତାରା ପ୍ରକାଶ କରିଛନ୍ତି।

# ରଥଯାତ୍ରା ପରେ ବଡ଼ଦାଣ୍ଡକୁ ବ୍ୟବସାୟୀଙ୍କ ଅକ୍ତିଆର

**ପୁରୀ (ବ୍ୟୁରୋ) :** ସରିଗଲା ଚଳିତବର୍ଷର ରଥଯାତ୍ରା। ତଥାପି ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଆତଯାତ ଜାରି ରହିଛି। ହେଲେ ଏମିତିବେଳେ ପୁରୁଣା ଅଭ୍ୟାସ ବଳରେ ବଡ଼ଦାଣ୍ଡ କବ୍‌ଜା କରି ରଖୁଥିବା ବ୍ୟବସାୟୀମାନେ ତତ୍ପର ହୋଇଉଠିଛନ୍ତି। ରଥଯାତ୍ରା ପାଇଁ କିଛିଦିନ ମୁକ୍ତଥିବା ବଡ଼ଦାଣ୍ଡ ପୁଣି ଉଠାଦୋକାନୀଙ୍କ କବ୍‌ଜାକୁ ଚାଲିଯାଇଛି। ରଥଯାତ୍ରା ଶେଷ ହେଉ ହେଉ ସିଂହଦ୍ୱାରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଖଟ, ଠେଲାଗାଡ଼ି, ଉଠାକ୍ୟାବିନ୍, ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଭର୍ତ୍ତି ହୋଇ ରାସ୍ତା ଅବରୋଧ ଆରମ୍ଭ ହୋଇଗଲାଣି। ବଡ଼ଦାଣ୍ଡ ଜାତୀୟ ରାଜପଥ ବିଭାଗ ଅଧୀନ ହୋଇଥିବାରୁ ଏଠାରେ କୌଣସି ଅବରୋଧ ରହିବା ବେଆଇନ। କିନ୍ତୁ ଏହାକୁ ଖାତିର ନକରି ପୁରୀ ପୌରସଂସ୍ଥା ପ୍ରତିବର୍ଷ ବଡ଼ଦାଣ୍ଡକୁ ରଥଯାତ୍ରା ପରେ ନିଜ ଅକ୍ତିଆରକୁ ନେଇ ସହରର କେତେକ ଅସାମାଜିକ ଲୋକଙ୍କ ସହଯୋଗରେ ବିଭିନ୍ନ ବ୍ୟବସାୟୀମାନଙ୍କୁ ପୈତୃକ ସମ୍ପତ୍ତି ଭଳି ବାଣ୍ଟି ଦେଇଥିବା ଅଭିଯୋଗ ଉଠିଛି। ବ୍ୟବସାୟୀମାନେ କୌଣସି ଲାଇସେନ୍ସ ନ ପାଇ ପୌରସଂସ୍ଥାକୁ ଜୋରିମାନା ଆକାରରେ ପଇସା ଦେଇ ରସିଦ୍ ହାସଲ କରୁଛନ୍ତି ଏବଂ ବଡ଼ଦାଣ୍ଡର ଦୁଇ ପାର୍ଶ୍ୱରେ ଶହ ଶହ ଖଟ ଓ କ୍ୟାବିନ୍ ପଡି ଥିବାରୁ ଯାନବାହନ ଯିବା ରାସ୍ତା ଅବରୋଧ ହୋଇ ଗଲାଣି। ଏହା ଦେଖି ➤ ପୃ-୭








# କ୍ରାଇମବ୍ରାଞ୍ଚ ସ୍କାନରରେ ଯୁବତୀ

**ବ୍ରହ୍ମପୁର :** ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନର ସମ୍ପୃକ୍ତିରେ ବ୍ରହ୍ମପୁରରୁ ୪ ଜଣଙ୍କୁ ଗିରଫ କରାଯିବା ଘଟଣାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଏସ୍‌ଟିଏଫ୍ ଓ ଇଓଡବ୍ଲ୍ୟୁର ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ଗୋପାଳପୁର ଯାଇ ଅନୁଧ୍ୟାନ ଆରମ୍ଭ କରିଛି। ସେହିପରି ରାଜନ୍‌ର ସହଯୋଗୀ କୁହାଯାଉଥିବା ସୁରେଶ ପୂଜାରୀଙ୍କ ଫୋନ୍‌କଲ ଓ ଜବତ କରାଯାଇଥିବା ଚାଇନା ସିମ୍‌ବକ୍ସ ସମ୍ପର୍କରେ ଅଧିକ ଖୋଳତାଡ଼ ଆରମ୍ଭ କରାଯାଇଛି। ଏହି ଟିମ୍‌ରେ ସାଇବର ବିଶେଷଜ୍ଞମାନଙ୍କୁ ମଧ୍ୟ ସାମିଲ କରାଯାଇଥିବା ଜଣାପଡ଼ିଛି। ସେହିପରି ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ



## ବ୍ରହ୍ମପୁରରେ ଅଣ୍ଡରୱାର୍ଲ୍ଡ ଲିଙ୍କ୍

ଲକ୍ଷ୍ମୀନାରାୟଣ ସରାଫ୍, ସହଯୋଗୀ ପ୍ରଦୀପ ଚୌଧୁରୀ, ସୁରେଶ ଶତପଥୀ ଏବଂ ସନ୍ତୋଷ ସାହୁଙ୍କୁ ରିମାଣ୍ଡରେ ଅଣାଯାଇ ଜେରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ସ୍ପେଶାଲ ଡିଜି ବି.କେ. ଶର୍ମା ସୋସିଆଲ ମିଡିଆ ଟ୍ୱିଟର ମାଧ୍ୟମରେ ଜଣାଇଛନ୍ତି। ସେହିପରି ଏହି ଘଟଣାରେ ଜଣେ ଯୁବତୀଙ୍କ ନାଁ ସାମ୍ନାକୁ ଆସିଛି। ଦୀପିକା ପାଣିଗ୍ରାହୀ ନାମକ ଏହି ଯୁବତୀଙ୍କ ପରିଚୟପତ୍ର ବ୍ୟବହାର କରାଯାଇ ସିମ୍‌ଗୁଡ଼ିକ ରେଜିଷ୍ଟ୍ରେସନ କରାଯାଇଛି। ଏଭଳି ପ୍ରାୟ ୪୦୦ ସିମ୍ କାର୍ଡ ରେଜିଷ୍ଟ୍ରେସନ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏ ନେଇ ପୋଲିସ ସ୍ପଷ୍ଟ ସୂଚନା ଦେଇ ନ ଥିବା ବେଳେ ଦୀପିକା ପାଣିଗ୍ରାହୀ ଏବେ ମୁମ୍ବାଇରେ ରହୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଅଭିଯୁକ୍ତମାନେ ଏକ ସିମ୍‌ବକ୍ସ ମାଧ୍ୟମରେ ଅଣ୍ଡରୱାର୍ଲ୍ଡ ଡନ୍ ଓ ଲୋକଙ୍କ ମଧ୍ୟରେ ସଂଯୋଗ କରାଉଥିବା କ୍ରାଇମବ୍ରାଞ୍ଚ ଜାଣିବା ପାରିଥିଲା। ଏସ୍-ୱାର୍ଲ୍ଡ ନାମକ ସଂସ୍ଥା ଖୋଲି ୫ଟି ସିମ୍ ମାଧ୍ୟମରେ ଏକ ଛୋଟ ଟେଲିଫୋନ୍ ଏକ୍ସଚେଞ୍ଜ ମାଧ୍ୟମରେ ବେପାର ଚଳାଇଥିଲେ। ଏହି ସିମ୍‌ବକ୍ସ ମାଧ୍ୟମରେ ବିଦେଶରୁ ଆସୁଥିବା କଲ୍‌କୁ ଲୋକାଲ୍ କଲ୍ ଭାବରେ ଶୋ' କରାଇ ଲୋକଙ୍କ ନିକଟରେ ପହଞ୍ଚାଯାଉଥିଲା। ଫଳରେ କଲ୍‌ଟି ବିଦେଶରୁ ନା ଦେଶ ଭିତରୁ ଆସିଛି, ତାହା ଧରାପଡ଼ି ନ ଥାଏ। କିଛିଦିନ ତଳେ ମୁମ୍ବାଇର ଜଣେ ବ୍ୟବସାୟୀଙ୍କୁ ଏଭଳି ଉପାୟରେ ଛୋଟା ରାଜନର ସହଯୋଗୀ ସୁରେଶ ପୂଜାରୀ କଲ୍ କରି ୨ କୋଟି ଟଙ୍କା ମାଗିଥିଲା। ଏ ନେଇ ଅଭିଯୋଗ ହେବା ପରେ ମୁମ୍ବାଇ ଭିଜିଲାନ୍ସ ପକ୍ଷରୁ ଛାନ୍‌ଭିନ୍ ଆରମ୍ଭ ହୋଇଥିଲା। ବିଭିନ୍ନ ତଥ୍ୟକୁ ଆଧାର କରି ଶେଷରେ ଶନିବାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଛତ୍ରପୁର ଅଞ୍ଚଳରେ ଚଢ଼ଉ କରି ୪ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଦ୍ୱାରା ବ୍ୟବହୃତ ୫ଟି ଚାଇନା ସିମ୍ ଉଦ୍ଧାର କରାଯାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ନିବିଡ଼ ବନ୍ଧୁତ୍ୱର ପରାକାଷ୍ଠା ଦେଖାଇଲେ ନେତାନ୍ୟାହୁ

**ତେଲ୍‌ଆଭିଭ୍ :** ଐତିହାସିକ ଇସ୍ରାଏଲ୍ ଗସ୍ତ ସଫଳ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ ୩ ଦିନିଆ ଗସ୍ତ ଶେଷ କରି ଜି-୨୦ ଶୀର୍ଷ ବୈଠକରେ ଯୋଗ ଦେବାପାଇଁ ଜର୍ମାନୀର ହାମ୍ବର୍ଗ ଯିବା ପୂର୍ବରୁ ଏହା କହିଛନ୍ତି। ସେ ଟ୍ୱିଟର୍‌ରେ ଉଲ୍ଲେଖ କରିଛନ୍ତି, "ମୁଁ ଇସ୍ରାଏଲ୍‌ର ଆତିଥ୍ୟ ପାଇଁ ଜନସାଧାରଣ ଓ ସରକାରଙ୍କୁ କୃତଜ୍ଞତା ଜଣାଉଛି। ଏହି ସଫଳ ଗସ୍ତ ଭାରତ-ଇସ୍ରାଏଲ ସମ୍ପର୍କକୁ ଅଧିକ ଦୃଢ଼ୀଭୂତ କରିବ।" ଏହି ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଗୋପାଳ ବାଗ୍‌ଲେ କହିଛନ୍ତି, "ଏହି ଐତିହାସିକ ଗସ୍ତ ଅନେକ ପ୍ରତିଶ୍ରୁତି ଓ ସମ୍ଭାବନା ସୃଷ୍ଟି କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପୁନର୍ବାର ପ୍ରୋଟୋକଲ୍ ଭାଙ୍ଗି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଦାୟ ଜଣାଇଛନ୍ତି।" ପ୍ରଧାନମନ୍ତ୍ରୀ ମୋଦିଙ୍କ ୩ ଦିନିଆ ଗସ୍ତର ଶେଷ ଦିନରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ନିଜେ ଡ୍ରାଇଭ୍ କରି ତାଙ୍କୁ ଜିପ୍‌ରେ ଓଲ୍‌ଗା ବିଚ୍ ବୁଲାଇ ନିବିଡ଼ ବନ୍ଧୁତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ଦୁଇ ନେତା ଜେରୁଜେଲମ୍‌ରୁ ହେଲିକପ୍ଟର ଯୋଗେ ହାଇଫା ଅଭିମୁଖେ ଯାତ୍ରା କରିଥିଲେ। ହାଇଫା ମେମୋରିଆଲ୍ ଯାଇ ପ୍ରଥମ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଭାରତୀୟ ଯବାନଙ୍କ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଥମ ବିଶ୍ୱଯୁଦ୍ଧରେ ଏହି ସହରର ମୁକ୍ତିସଂଗ୍ରାମରେ ୪୪ ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ। ଏହା ପରେ ମୋଦି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ ସହିତ ଓଲ୍‌ଗା ବିଚ୍ ବୁଲିବାକୁ ଯାଇଥିଲେ। ସେଠାରେ ନେତାନ୍ୟାହୁ ମୋଦିଙ୍କୁ ମୋବାଇଲ୍ ୱାଟର୍ ପ୍ୟୁରିଫିକେସନ୍ ଜିପ୍‌ରେ ବସାଇ ବୁଲାଇଥିଲେ। ଇସ୍ରାଏଲ୍ ୱାଟର୍ ମେନେଜ୍‌ମେଣ୍ଟ ଟେକ୍ନୋଲୋଜିରେ ବେଶ୍ ଅଗ୍ରଗତି କରିଛି। ଏହି ଅବସରରେ ନେତାନ୍ୟାହୁ ମୋଦିଙ୍କୁ ଏହି ଟେକ୍ନୋଲୋଜି ବୁଲି ଦେଖାଇଥିଲେ। ୱାଟର୍ ଟ୍ରିଟ୍‌ମେଣ୍ଟ ସାଇଟ୍‌ରେ ମୋଦିଙ୍କୁ ୱାଟର୍ ମ୍ୟାନେଜ୍‌ମେଣ୍ଟ, ଟ୍ରିଟ୍‌ମେଣ୍ଟ ଓ ପ୍ୟୁରିଫିକେସନ୍ ଜିପ୍ ପ୍ରଦର୍ଶନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ଜିପ୍‌ର ଓଜନ ୧୫୪୦ କେଜି ଏବଂ ଏହାର ବେଗ ଘଣ୍ଟା ପ୍ରତି ୯୦ କି.ମି.। ଯେକୌଣସି ପାଣିରେ ଏହାକୁ ପରିଚାଳନା କରାଯାଇ ପାରିବ। ଏହି ସମୟରେ ଦୁଇ ନେତା ଖାଲି ପାଦରେ ବିଚ୍‌ରେ ବୁଲିବା ସହ ଆଣ୍ଠୁ ପର୍ଯ୍ୟନ୍ତ ପାଣିରେ ପଶି ବେଶ୍ ଉପଭୋଗ କରିବାର ଦୃଶ୍ୟ ସୋଶାଲ ମିଡିଆରେ ଖୁବ୍ ଚର୍ଚ୍ଚାର ବିଷୟ ହୋଇଛି।

## ମୋଦିଙ୍କ ଇସ୍ରାଏଲ ଗସ୍ତ



### ଭାରତ-ଇସ୍ରାଏଲ୍ ମଧ୍ୟରେ ୧୨ ଏମ୍‌ଓୟୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତର ଶେଷ ଚରଣରେ ଭାରତ-ଇସ୍ରାଏଲ୍ ସିଇଓ ଫୋରମ୍ ଏଠାରେ ୧୨ଟି ରଣନୀତିକ ବ୍ୟବସାୟ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ୪.୩ ବିଲିୟନ୍‌ର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତିରକ୍ଷା, କୃଷି, ଜଳସେଚନ, ଜଳ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ଓ ପରିବହନ, ଜୀବ ବିଜ୍ଞାନ, ଡିଜିଟାଲ୍ ଟେକ୍ନୋଲୋଜି ପ୍ରଭୃତି କ୍ଷେତ୍ରରେ ଏହି ଡିଲ୍ ହୋଇଛି। ୧୮ ଭାରତୀୟ ଓ ୧୪ ଇସ୍ରାଏଲୀ ସିଇଓ ଏଥିରେ ଅଂଶ ଗ୍ରହଣ କରିଥିଲେ। ଭାରତୀୟ ପକ୍ଷର ନେତୃତ୍ୱ ନେଇଥିଲେ ପଙ୍କଜ ଆର୍ ପଟେଲ। ଏହି ସିଇଓ ଫୋରମ୍ ପ୍ରଧାନମନ୍ତ୍ରୀ ମୋଦି ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିଥିଲେ। ଚଳିତ ବର୍ଷ ଭାରତ-ଇସ୍ରାଏଲ କୂଟନୈତିକ ସମ୍ପର୍କର ୨୫ ବର୍ଷ ପୂର୍ତ୍ତି ଅବସରରେ ଏହି ଏମ୍‌ଓୟୁ କରାଯାଇଛି।

# ଅଚଳ କୁମାର ଜ୍ୟୋତି ମୁଖ୍ୟ ନିର୍ବାଚନ କମିଶନର



**ନୂଆଦିଲ୍ଲୀ :** ଅଚଳ କୁମାର ଜ୍ୟୋତିଙ୍କୁ ଭାରତ ସରକାର ମଙ୍ଗଳବାର ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ଜ୍ୟୋତିଙ୍କ ନିଯୁକ୍ତି ନେଇ ଆଇନ ମନ୍ତ୍ରାଳୟ ବିଜ୍ଞପ୍ତି ଜାରି କରିଛି। ବର୍ତ୍ତମାନ ମୁଖ୍ୟ ନିର୍ବାଚନ କମିଶନର ଥିବା ଡ଼କ୍ଟର ନସିମ୍ ଜୈଦି ବୁଧବାର ଅବସର ଗ୍ରହଣ କରିବା ପରେ ଜୁଲାଇ ୬ ତାରିଖ ଅର୍ଥାତ୍ ଗୁରୁବାରଠାରୁ ଅଚଳ କୁମାର ଦାୟିତ୍ୱ ଗ୍ରହଣ କରିବେ। ସେ ହେବେ ଭାରତର ୨୧ତମ ମୁଖ୍ୟ ନିର୍ବାଚନ କମିଶନର। ଏହାପୂର୍ବରୁ ୧୯ ଏପ୍ରିଲ, ୨୦୧୫ରେ ନସିମ ଜୈଦି ଭାରତର ୨୦ତମ ମୁଖ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଥିଲେ। ୨୩, ଜାନୁଆରୀ, ୧୯୫୩ରେ ଜନ୍ମଗ୍ରହଣ କରିଥିବା ଅଚଳ କୁମାର ଜ୍ୟୋତି ୧୯୭୫ ବ୍ୟାଚ୍ ଗୁଜରାଟ କ୍ୟାଡ୍‌ରର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ଗୁଜରାଟର ପୂର୍ବତନ ମୁଖ୍ୟ ଶାସନ ସଚିବ। ତେବେ ଅଚଳଙ୍କ କାର୍ଯ୍ୟକାଳ ମାତ୍ର ୬ ମାସ ରହିବ। ସେ ଜାନୁଆରୀ ୨୦୧୮ରେ ଅବସର ଗ୍ରହଣ କରିବେ।

# ମିଳିପାରେ ଅଚଳ ନୋଟ୍ ଜମା ସୁଯୋଗ

**ନୂଆଦିଲ୍ଲୀ :** ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ନୋଟ୍‌କୁ ଜମା କରିବା ସୁଯୋଗ ଦିଆ ନଯିବା ନେଇ ସୁପ୍ରିମ୍‌କୋର୍ଟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ଲୋକମାନେ ସେମାନଙ୍କ କଷ୍ଟ ଉପାର୍ଜିତ ଟଙ୍କାକୁ ଜମା କରିବା ଲାଗି ସୁଯୋଗ ପାଇବେ କି ନାହିଁ ତାହାର ଜବାବ ଦୁଇ ସପ୍ତାହ ମଧ୍ୟରେ ଦେବାକୁ ପ୍ରଧାନ ବିଚାରପତି ଜେ.ଏସ୍. ଖେହରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି। ଅଚଳ ନୋଟ୍‌କୁ ଜମା କରିପାରି ନଥିବା ଲୋକଙ୍କ ବାସ୍ତବତାକୁ କେସ୍ ଟୁ କେସ୍ ବା ଗୋଟିଏକୁ ଗୋଟିଏ ଭିତ୍ତିରେ ପରଖିବାକୁ ସରକାର ବସ୍ତୁତଃ ପ୍ରସ୍ତୁତ ଅଛନ୍ତି ବୋଲି ସଲିସିଟର ଜେନେରାଲ ରଞ୍ଜିତ କୁମାର ସୁପ୍ରିମ୍‌କୋର୍ଟରେ କହିଛନ୍ତି। ତେବେ ସୁପ୍ରିମ୍‌କୋର୍ଟ ଏ ମାମଲାରେ କଡା ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣେ ଲୋକଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ସରକାର ନଷ୍ଟ କରିଦେଇ ପାରିବେ ନାହିଁ। ଅଚଳ ନୋଟ୍ ଜମା କରିବା ନେଇ ତୁମେ ଲୋକମାନଙ୍କୁ ପ୍ରଥମେ ଗୋଟିଏ ପ୍ରତିଶ୍ରୁତି ଦେଇଥିଲ। ଯେଉଁମାନେ ସେମାନଙ୍କ ଅଚଳ ଟଙ୍କାକୁ କୌଣସି ବାସ୍ତବ କାରଣ ପାଇଁ ଜମା କରିପାରି ନାହାନ୍ତି ସେମାନଙ୍କୁ ସେଥିରୁ ବଞ୍ଚିତ କରାଯାଇପାରିବ ନାହିଁ। ପ୍ରତିଶ୍ରୁତିରୁ ସରକାର ଓହରି ଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ସରକାର ଗତବର୍ଷ ନଭେମ୍ବର ୮ ତାରିଖରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ।



ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅଚଳ ନୋଟ୍‌କୁ ଜମା କରିବାକୁ ସୁଯୋଗ ଦେଇଥିଲେ। ତେଣୁ ଯଦି ଜଣେ ଲୋକ ପ୍ରମାଣିତ କରିବେ ଯେ ସେ ରଖିଥିବା ଅର୍ଥ ତାଙ୍କ ନିଜର। ଡିସେମ୍ବର ୩୦ ତାରିଖ ସୁଦ୍ଧା ଏହି ଟଙ୍କାକୁ ଜମା କରିବାରେ ସେ ବାସ୍ତବ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କୁ ଅଚଳ ନୋଟ୍ ବଦଳାଇବାକୁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଏହି ନିର୍ଦ୍ଦେଶନାମା ଦେବା ପରେ ସଲିସିଟର ଜେନେରାଲ ରଞ୍ଜିତ କୁମାର ଏ ନେଇ କିଛିଟା ସମାଧାନ ପନ୍ଥା କଥା ଉଠାଇଥିଲେ। ସମସ୍ତଙ୍କୁ ଅଚଳ ନୋଟ୍ ଜମା କରିବାର ସୁଯୋଗ ଦେବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ନଦେବାକୁ ସେ ଖଣ୍ଡପୀଠକୁ ଅନୁରୋଧ କରିଥିଲେ।

## ଚାଷୀ ଆତ୍ମହତ୍ୟା ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଟିପ୍ପଣୀ

# ସମସ୍ୟାର ସମାଧାନ ପନ୍ଥା ନୁହେଁ କ୍ଷତିପୂରଣ

**ନୂଆଦିଲ୍ଲୀ :** ଚାଷୀଙ୍କ ଆତ୍ମହତ୍ୟା ପରେ କ୍ଷତିପୂରଣ ଦେବା ସମସ୍ୟାର ସମାଧାନ ନୁହେଁ ବୋଲି ଆଜି ସୁପ୍ରିମକୋର୍ଟ ସରକାରଙ୍କୁ କହିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ କହିବା ଅନୁସାରେ, ସରକାରଙ୍କୁ ଋଣ ପ୍ରଭାବ କମ୍ କରିବାର ଆବଶ୍ୟକତା ରହିଛି। ଏଥିସହିତ ସରକାରଙ୍କୁ ଚାଷୀଙ୍କ ପାଇଁ ପ୍ରସ୍ତୁତ ଯୋଜନାଗୁଡିକୁ କେବଳ କାମରେ ସୀମିତ ନରଖି ତାହାକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ ହେବ। ସେହିପରି ଚାଷୀ ଆତ୍ମହତ୍ୟା ମାମଲାର ରାତାରାତି ସମାଧାନ କରାଯାଇପାରିବ ନାହିଁ ବୋଲି ସରକାର ଦେଇଥିବା ଦଲିଲକୁ ସୁପ୍ରିମକୋର୍ଟ ଅସ୍ୱୀକାର କରିଛନ୍ତି। ପ୍ରତିଦିନ ଚାଷୀଙ୍କ ଆତ୍ମହତ୍ୟା ମାମଲା ବଢିଚାଲିଛି। ବ୍ୟାଙ୍କଗୁଡ଼ିକ ଯୋଜନାକୁ ନେଇ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହାନ୍ତି। ଫଳରେ ଚାଷୀମାନେ ମଧ୍ୟସ୍ଥିଙ୍କ ଷଡ଼ଯନ୍ତ୍ର ଶିକାର ହେଉଛନ୍ତି। ସରକାରଙ୍କୁ ଏଦିଗରେ କାର୍ଯ୍ୟ କରିବାକୁ ହେବ। ଚାଷୀଙ୍କୁ ଋଣ ଦେବା ପୂର୍ବରୁ ପ୍ରଥମେ ସେମାନଙ୍କର ଫସଲ ବୀମା କରାଇବାକୁ ହେବ। ଫଳରେ ଯଦି ଫସଲ ନଷ୍ଟ ହୁଏ ତେବେ ଋଣ ଶୁଝିବା ଦାୟିତ୍ୱ ବୀମା କମ୍ପାନୀର ହେବ। ସୁପ୍ରିମକୋର୍ଟ ସରକାରଙ୍କୁ ଚାଷୀଙ୍କ କଲ୍ୟାଣ ପାଇଁ ଯୋଜନାଗୁଡିକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଲାଗି ୬ ମାସ ସମୟ ଦେଇଛନ୍ତି। ସୂଚନଯୋଗ୍ୟ ଯେ, ଗୁଜୁରାଟରେ ଚାଷୀ ଆତ୍ମହତ୍ୟାକୁ ନେଇ ଏକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ଜନହିତ ଆବେଦନ ଦାଏର କରାଯାଇଥିଲା। ଆବେଦନରେ ଚାଷୀ ଆତ୍ମହତ୍ୟାକୁ ନେଇ ଗାଇଡ୍‌ଲାଇନ୍ ଜାରି କରିବାକୁ ଦାବି କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଥିଲେ।

## ସପ୍ତମ ବେତନ କମିଶନ

# ସର୍ବାଧିକ ୧୫୭% ଘରଭଡା ଭତ୍ତା ପାଇବେ କେନ୍ଦ୍ରୀୟ କର୍ମଚାରୀ

**ନୂଆଦିଲ୍ଲୀ :** କେତେକ ସଂଶୋଧନ ସହ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ୍ ୭ମ ବେତନ ଆୟୋଗ କରିଥିବା ସୁପାରିସକୁ ମଞ୍ଜୁରୀ ପ୍ରଦାନ କରିଥିବା ଦୃଷ୍ଟିରୁ ଚଳିତମାସ ଦରମାରେ କେନ୍ଦ୍ର କର୍ମଚାରୀମାନେ ସର୍ବାଧିକ ୧୫୭% ଘର ଭଡା ଭତ୍ତା (ଏଚ୍‌ଆର୍‌ଏ) ପାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତ ସପ୍ତାହରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ସମ୍ପର୍କିତ ସୁପାରିସକୁ ମଞ୍ଜୁରୀ ମିଳିଥିଲା। ଏଚ୍‌ଆର୍‌ଏ କ୍ଷେତ୍ରରେ ଦେଶର ସହରଗୁଡିକୁ ଏକ୍ସ, ୱାଇ ଏବଂ ଜେଡ୍ ଭଳି ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ବର୍ତ୍ତମାନ ଏଚ୍‌ଆର୍‌ଏ ଏକ୍ସ ସହର ପାଇଁ ୩୦%(ଜନସଂଖ୍ୟା ୫୦ ଲକ୍ଷ କିମ୍ବା ତାଠାରୁ ଅଧିକ), ୱାଇ ୨୦%(୫ରୁ ୫୦ ଲକ୍ଷ ଜନସଂଖ୍ୟା) ଏବଂ ଜେଡ୍ ୧୦%(୫ଲକ୍ଷ ଜନସଂଖ୍ୟାରୁ କମ୍ ) ଆଧାରରେ ପ୍ରଦାନ କରାଯାଉଛି। ୭ମ ବେତନ କମିସନ୍‌ଙ୍କ ସୁପାରିସ ପରେ ଏହାକୁ ଏକ୍ସ ସହର ପାଇଁ ୨୪%, ୱାଇ ୧୬% ଏବଂ ଜେଡ୍ ୮%କୁ ହ୍ରାସ କରାଯାଇଥିବା ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଏହି ସବୁ ସହର ଲାଗି ଘର ଭଡା ଭତ୍ତା ୫,୪୦୦ ଟଙ୍କା, ୩,୬୦୦ ଟଙ୍କା ଏବଂ ୧୮୦୦ ଟଙ୍କାରୁ କମ୍ ହେବନାହିଁ। ତେବେ ସର୍ବନିମ୍ନ ଭତ୍ତା ୧୮୦୦ ଟଙ୍କାରୁ କମ୍ ହେବନାହିଁ। ପ୍ରଥମରୁ ତୃତୀୟ ଶ୍ରେଣୀ ମଧ୍ୟରେ ରହୁଥିବା ୭.୫ ଲକ୍ଷ କର୍ମଚାରୀ ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଲାଭବାନ୍ ହେବେ। ଏ.କେ. ମାଥୁରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଭତ୍ତା ଉପରେ ୭ମ ବେତନ ଆୟୋଗଙ୍କ ସୁପାରିସ ଅନୁଯାୟୀ, କେନ୍ଦ୍ରୀୟ କର୍ମଚାରୀଙ୍କ ଘର ଭଡା ଭତ୍ତା ୧୨୨%ରୁ ୧୫୭% ମଧ୍ୟରେ ବୃଦ୍ଧି କରାଯାଇଛି।

# ୧୯୬୨ ଯୁଦ୍ଧର ନାୟକ ଯଶବନ୍ତଙ୍କୁ ପରମବୀର ଚକ୍ର ପ୍ରଦାନ ଦାବି

**ଡେରାଡୁନ :** ୧୯୬୨ରେ ଭାରତ-ଚୀନ ଯୁଦ୍ଧରେ ଅସାଧାରଣ ସାହସିକତା ପ୍ରଦର୍ଶନ କରି ସହିଦ ହୋଇଥିବା ଭାରତୀୟ ଯବାନ ଯଶବନ୍ତ ସିଂହ ରାୱତଙ୍କୁ ମରଣୋତ୍ତରଭାବେ ପରମବୀର ଚକ୍ର ସମ୍ମାନରେ ସମ୍ମାନିତ କରିବାକୁ ତାଙ୍କର ପରିବାରବର୍ଗ ଦାବି କରିଛନ୍ତି। ୧୯୬୨ରେ ଚୀନ ଆକ୍ରମଣ ସମୟରେ ସ୍ୱର୍ଗତ ଯଶବନ୍ତ ଅରୁଣାଚଳ ପ୍ରଦେଶର ତାୱାଙ୍ଗ୍‌ସ୍ଥିତ ସ୍ଥଳସେନାର ୪ ଗରୱାଲ ରାଇଫଲ୍‌ସରେ ଯବାନଭାବେ କାର୍ଯ୍ୟରତ ଥିଲେ। ଯୁଦ୍ଧ ସମୟରେ ୨୧ ବର୍ଷୀୟ ଯଶବନ୍ତ ଏକାକୀ ନାଉରାନାଙ୍ଗ୍‌ଠାରେ ଥିବା ଭାରତୀୟ ଆଗୁଆ ଘାଟିକୁ ଦୀର୍ଘ ୭୨ ଘଣ୍ଟା ଧରି ଚୀନ ସୈନ୍ୟଙ୍କ ଆକ୍ରମଣରୁ ରକ୍ଷା କରିଥିଲେ। ସହିଦ ହେବାପୂର୍ବରୁ ସେ ଶତାଧିକ ଚୀନ ସୈନ୍ୟଙ୍କୁ ମାରିବାରେ ସକ୍ଷମ ହୋଇଥିଲେ। ହତ୍ୟା କରିବାପରେ ଚୀନ ସେନା ଅତ୍ୟନ୍ତ ପ୍ରତିଶୋଧ ପରାୟଣ ହୋଇ ତାଙ୍କର ମୁଣ୍ଡ କାଟିନେଇଥିଲୋ ତେବେ ଯଶବନ୍ତଙ୍କ ଏଭଳି ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଚୀନ ପକ୍ଷରୁ ପରବର୍ତ୍ତୀ ସମୟରେ ତାଙ୍କର କଟାମୁଣ୍ଡକୁ ଫେରାଇ ଦିଆଯାଇଥିଲା। ଏହି ଘାଟିକୁ ଭାରତୀୟ ସେନା ପକ୍ଷରୁ ଯଶବନ୍ତଗଡ ନାମରେ ନାମିତ କରାଯାଇଛି। ଅପୂର୍ବ ସାହସିକତା ପାଇଁ ଯଶବନ୍ତଙ୍କୁ ମହାବୀର ଚକ୍ରରେ ସମ୍ମାନିତ କରାଯାଇସାରିଛି। ଭାରତ ସରକାରଙ୍କ ପକ୍ଷରୁ ତାୱାଙ୍ଗ୍‌ରେ ତାଙ୍କର ଏକ ସ୍ମୃତିପୀଠ ନିର୍ମିତ ହୋଇଛି। ଭାରତ ସରକାର ଏବେ ମଧ୍ୟ ଯଶବନ୍ତଙ୍କୁ ଜଣେ ସକ୍ରିୟ ସୈନିକଙ୍କ ମାନ୍ୟତା ପ୍ରଦାନ କରୁଛନ୍ତି। ଏ ବାବଦରେ ତାଙ୍କୁ ମାସିକ ଦରମା ମିଳୁଥିବାବେଳେ ନିର୍ଦ୍ଧାରିତ ଛୁଟି ମଧ୍ୟ ମଞ୍ଜୁର କରାଯାଉଛି। ତାଙ୍କର ଜୋତା ପଲିସ ଓ ସେନା ପୋଷାକ ଇସ୍ତ୍ରୀ କରିବାକୁ ଲୋକ ନିୟୋଜିତ କରାଯାଇଛି।

# ପେନସିଲ୍‌ରେ ଅଙ୍କା ଗାନ୍ଧୀଙ୍କ ପ୍ରତିକୃତି ଓ ଚିଠି ନିଲାମ ହେବ

**ଲଣ୍ଡନ :** ଜଣେ ବ୍ରିଟିଶ ଚିତ୍ରକରଙ୍କ ଦ୍ୱାରା ପେନସିଲରେ ଅଙ୍କାଯାଇଥିବା ମହାତ୍ମାଗାନ୍ଧୀଙ୍କ ଚିତ୍ରକଳା ଓ ଗାନ୍ଧିଜୀଙ୍କ ହାତଲେଖା ଚିଠିକୁ ଜୁଲାଇ ୧୧ରେ ଲଣ୍ଡନରେ ନିଲାମ କରାଯିବ ବୋଲି ଜଣାପଡିଛି। ଗାନ୍ଧିଜୀ ସାଧାରଣତଃ କୌଣସି ଚିତ୍ରକରଙ୍କୁ ନିଜର ପ୍ରତିକୃତି ଆଙ୍କିବାକୁ ଅନୁମତି ଦେଇନଥାନ୍ତି। ତେବେ ୧୯୩୧ରେ ଗୋଲଟେବୁଲ ବୈଠକରେ ଯୋଗଦେବାକୁ ଲଣ୍ଡନ ଯାଇଥିବାବେଳେ ବ୍ରିଟିଶ ଚିତ୍ରକର ଜନ ହେନେରି ଆମ୍‌ସୱିଜ୍ ପେନସିଲରେ ଗାନ୍ଧିଜୀଙ୍କର ଏକ ପ୍ରତିକୃତି ଆଙ୍କିଥିଲେ। ଗାନ୍ଧିଜୀ ଏହାକୁ ଦେଖି ଆନନ୍ଦ ପ୍ରକାଶ କରିବା ସହ ଉକ୍ତ ଚିତ୍ରକଳାରେ ସ୍ୱାକ୍ଷର କରିଥିଲେ। ଏଥିରେ 'ସତ୍ୟ ହିଁ ଭଗବାନ/ ଏମ୍.କେ.ଗାନ୍ଧୀ/୪.୧୨.୩୧' ଲେଖାଯାଇଛି। ଗାନ୍ଧିଜୀ ଲଣ୍ଡନ ଛାଡିବା ପୂର୍ବରୁ ଉକ୍ତ ଚିତ୍ରକଳାକୁ ଜଣେ ବ୍ରିଟିଶ ମହିଳାଙ୍କୁ ହସ୍ତାନ୍ତର କରିଥିଲେ। ଏଥିସହିତ ୧୯୦୫ରେ ବଙ୍ଗ ବିଭାଜନ ପ୍ରସଙ୍ଗରେ ଶରତଚନ୍ଦ୍ର ବୋଷଙ୍କ ନିକଟରୁ ଗାନ୍ଧିଜୀ ଯେଉଁ ଚିଠି ଲେଖିଥିଲେ ତାହାକୁ ମଧ୍ୟ ନିଲାମ କରାଯିବ ବୋଲି ଜଣାପଡିଛି। ଚିତ୍ରକଳା ଓ ଚିଠି ନିଲାମ ହେଲେ ୮ରୁ ୧୨ ହଜାର ପାଉଣ୍ଡ ଅର୍ଥ ମିଳିବ ବୋଲି ନିଲାମକାରୀ ସଂସ୍ଥା ଆଶା ରଖିଛି।

# ୧୫ ବର୍ଷରେ ଆଇଆଇଟିରେ ଆଡମିସନ ନେବେ ଅଭୟ

**ଫିରୋଜାବାଦ :** ମାତ୍ର ୧୫ ବର୍ଷ ବୟସରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ରେ ନାମ ଲେଖାଇବେ ଅଭୟ ଅଗ୍ରୱାଲ। ପ୍ରବେଶିକା ପରୀକ୍ଷା ରେଜଲ୍ଟ ବାହାରିବା ପରେ ସେ ଆଇଆଇଟିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉତ୍ତରପ୍ରଦେଶର ଫିରୋଜାବାଦରେ ରହୁଥିବା ଅଭୟ ଅଗ୍ରୱାଲଙ୍କ ସର୍ବଭାରତୀୟ ର୍‍ୟାଙ୍କିଂ ରହିଛି ୨୪୭୬। ପୂର୍ବରୁ ସେ ସ୍କୁଲରେ ପଢୁଥିବା ବେଳେ ସହପାଠୀଙ୍କ ତୁଳନାରେ ଅଧିକ ଶ୍ରେଣୀର ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ସହପାଠୀମାନେ ଦଶମ ପଢୁଥିବା ବେଳେ ସେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ସୂଚନାଯୋଗ୍ୟ ଯେ, ୨୦୧୩ ମସିହାରେ ବିହାରର ଜଣେ ୧୩ ବର୍ଷୀୟ ବାଳକ ସର୍ବକନିଷ୍ଠ ଛାତ୍ର ଭାବରେ ଆଇଆଇଟି-ଜେଇଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୦ ମସିହାରେ ୧୪ ବର୍ଷୀୟ ଦିଲ୍ଲୀର ସହଲ କୌଶିକ ଆଇଆଇଟି-ଜେଇଇ ପରୀକ୍ଷାରେ ସର୍ବଭାରତୀୟ ର୍‍ୟାଙ୍କ୍ ୩୩ ରଖିଥିଲେ। ଏହାପରେ ସେ କାନପୁର ଆଇଆଇଟିରେ ଆଡମିଶନ ନେଇଥିବା ସର୍ବକନିଷ୍ଠ ଛାତ୍ର ହୋଇଥିଲେ।

## ରେଳ ଟିକେଟ୍

# ବିଦେଶୀ ନାଗରିକ ୩୬୦ ଦିନ ପୂର୍ବରୁ କରିପାରିବେ ବୁକିଂ

**ନୂଆଦିଲ୍ଲୀ :** ବିଦେଶୀ ନାଗରିକମାନଙ୍କ ଲାଗି ରେଳବାଇ ପକ୍ଷରୁ ନୂଆ ବ୍ୟବସ୍ଥା ଆରମ୍ଭ କରାଯିବ। ଏଣିକି ବିଦେଶୀ ନାଗରିକମାନେ ୩୬୦ ଦିନ ପୂର୍ବରୁ ଅଗ୍ରିମ ଭାବେ ରେଳ ଟିକେଟ୍ ବୁକିଂ କରିପାରିବେ। ବିଦେଶୀ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ବିଦେଶୀ ନାଗରିକଙ୍କ ଅଗ୍ରିମ ଟିକେଟ୍ ବୁକିଂ ସମୟସୀମା ୧୨୦ ଦିନ ରହିଥିବାବେଳେ ଏହି ନୂତନ ଯୋଜନାରେ ସମୟସୀମାକୁ ୩୬୦ ଦିନକୁ ବୃଦ୍ଧି କରାଯାଇଛି। ଚଳିତ ସପ୍ତାହରେ ଭାରତୀୟ ରେଳପଥ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ବିଦେଶୀ ନାଗରିକମାନେ ପ୍ରଥମ ଶ୍ରେଣୀ ଏସି, ଦ୍ୱିତୀୟ ଶ୍ରେଣୀ ଏସି, ମେଲ୍ ଏକ୍ସପ୍ରେସ୍‌ର ଏକ୍‌ଜିକ୍ୟୁଟିଭ୍ ଶ୍ରେଣୀ ବ୍ୟତୀତ ରାଜଧାନୀ, ଶତାବ୍ଦୀ, ଗତିମାନ୍ ଏବଂ ତେଜାସ୍ ଟ୍ରେନ୍‌ରେ ୩୬୦ ଦିନ ପୂର୍ବରୁ ଆଗୁଆ ଟିକେଟ୍ ବୁକିଂ କରିପାରିବେ। ତେବେ ଏହି ସୁବିଧା ସ୍ଲିପର ଏବଂ ତୃତୀୟ ଶ୍ରେଣୀ ଏସିରେ ଉପଲବ୍ଧ ହେବ ନାହିଁ। ଏହାଛଡା ବିଦେଶୀ ନାଗରିକମାନେ ଶେଷ ମିନିଟ୍‌ରେ ଯାତ୍ରା ସୁବିଧା ଉପଲବ୍ଧ କରାଉଥିବା 'ସୁବିଧା ଟ୍ରେନ'ରେ ଏହି ବୁକିଂ ସୁବିଧା ହାସଲ ପାଇପାରିବେ ନାହିଁ। ରେଳବାଇ ପକ୍ଷରୁ ଦିଆଯିବାକୁ ଥିବା ଏହି ଯୋଜନା ଫଳରେ ବିଦେଶୀ ନାଗରିକମାନେ ସେମାନଙ୍କର ଛୁଟି କଟାଇବା ଯୋଜନାକୁ ଆଗକୁ ପ୍ରସ୍ତୁତ କରିବା ପାଇଁ ପର୍ଯ୍ୟାପ୍ତ ସମୟ ପାଇବେ। ଏହି ସୁବିଧାରେ ବିଦେଶୀ ନାଗରିକ/ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ)ଟ୍ରାଭେଲ୍ ଏଜେଣ୍ଟ ବିନା ଅନ୍‌ଲାଇନ୍‌ରେ କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡକୁ ଉପଯୋଗ କରି ନିଜର ଟିକେଟ୍ ବୁକିଂ କରିପାରିବେ। ଅନ୍‌ଲାଇନ୍‌ରେ ଟିକେଟ୍ ବୁକିଂ କରିବାବେଳେ ଆଇଆର୍‌ସିଟିସିରେ ଟିକେଟ୍ ବୁକିଂ ସାଇଟ୍‌ରେ ଏଥିପାଇଁ ବିଦେଶୀ ନାଗରିକଙ୍କୁ ନିଜର ଭିସା ସମ୍ପର୍କିତ ସବିଶେଷ ତଥ୍ୟ, ପାସ୍‌ପୋର୍ଟ ଏବଂ ଅନ୍ତର୍ଜାତୀୟ ମୋବାଇଲ ନମ୍ବର ଦେବାକୁ ହେବ। ଏଥିରେ ଆଇଆର୍‌ସିଟିସି ପ୍ରତି ଟିକେଟ୍ ପିଛା ୨୦୦ ଟଙ୍କା ସର୍ଭିସ୍ ଚାର୍ଜ ନେବ। ଟିକେଟ୍ ବାତିଲ୍ କ୍ଷେତ୍ରରେ ବର୍ତ୍ତମାନ ପ୍ରଚଳିତ ନିୟମ କାର୍ଯ୍ୟକାରୀ ହେବ। ଏ କ୍ଷେତ୍ରରେ ମୋଟ ଯାତ୍ରା ଭଡାରୁ ଫ୍ଲାଟ୍ ୫୦ ଟଙ୍କା କଟାଯିବ। ଖୁବ୍ ଶୀଘ୍ର ରେଳବାଇ ପକ୍ଷରୁ ଏକ ମୋବାଇଲ ଆପ୍‌ର ଶୁଭାରମ୍ଭ କରାଯିବ।

## ଜିଏସ୍‌ଟିରେ ଏମ୍‌ଆରପି ଦ୍ୱନ୍ଦ୍ୱ ଦୂର

# ଦର ବଢ଼ାଇଲେ ବିଜ୍ଞାପନ ଦେବେ କମ୍ପାନୀ

**ନୂଆଦିଲ୍ଲୀ :** ଦେଶରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରୀ ହେବା ପରେ ବିଭିନ୍ନ ସାମଗ୍ରୀର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆରପି)କୁ ନେଇ ଅନେକ ଦ୍ୱନ୍ଦ୍ୱ ଦେଖାଦେଇଛି। କେନ୍ଦ୍ର ସରକାର ଏହି ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରୟାସ କରିଛନ୍ତି। ଜିଏସ୍‌ଟି ଲାଗୁ ହେବା ଦ୍ୱାରା କୌଣସି ସାମଗ୍ରୀର ମୂଲ୍ୟ ଏମ୍‌ଆରପି ଠାରୁ ଅଧିକ ରହିଲେ ନିର୍ମାତା / ଆମଦାନିକାରୀ / ପ୍ୟାକେଜିଂ କରୁଥିବା ସଂସ୍ଥାକୁ ଦୁଇଟି ଖବରକାଗଜରେ ଉକ୍ତ ବର୍ଦ୍ଧିତ ଦର ସମ୍ପର୍କରେ ବିଜ୍ଞାପନ ଦେବାକୁ ହେବ। ଏଥିସହିତ ନିର୍ମାତା/ ଆମଦାନୀକାରୀ / ପ୍ୟାକେଜିଂ କରୁଥିବା ସଂସ୍ଥାଙ୍କୁ ସାମଗ୍ରୀ ଉପରେ ପୂର୍ବ ଏମ୍‌ଆରପି ଏବଂ ସଂଶୋଧିତ ଏମ୍‌ଆରପିକୁ ଲେଖିବାକୁ ହେବ। କନ୍ତୁ ଜିଏସ୍‌ଟି ପରେ ଦର କମିଥିଲେ ବିଜ୍ଞାପନ ଦେବାର କୌଣସି ଆବଶ୍ୟକତା କମ୍ପାନୀଙ୍କ ପାଇଁ ନାହିଁ। କିନ୍ତୁ ପୁରୁଣା ଏମ୍‌ଆର୍‌ପି ସହିତ ସଂଶୋଧିତ ଏମ୍‌ଆର୍‌ପିର ଷ୍ଟିକର ସାମଗ୍ରୀ ଉପରେ ସେମାନଙ୍କୁ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଲଗାଇବାକୁ ପଡିବ। ପ୍ୟାକେଟ ଉପରେ ଉଭୟ ପୁରୁଣା ଏବଂ




ସଂଶୋଧିତ ଏମ୍‌ଆରପି ଦେଖାଯାଉଥିବା ଆବଶ୍ୟକ। ଯେ କୌଣସି ସାମଗ୍ରୀର ଏମ୍‌ଆରପିରେ ସବୁ ପ୍ରକାର ଟିକସ ସାମିଲ ରହିଛି। ତେଣୁ ସାମଗ୍ରୀ ଉପରେ କୌଣସି ପ୍ରକାର ଅତିରିକ୍ତ ଟିକସ ଆଦାୟ କରାଯାଇପାରିବ ନାହିଁ ବୋଲି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ସଚିବ ହସ୍‌ମୁଖ ଅଧିଆଙ୍କ ଉପସ୍ଥିତିରେ ଖାଉଟି ବ୍ୟାପାର ସଚିବ ଅବିନାଶ ଶ୍ରୀବାସ୍ତବ ଏହା କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି ଯେଉଁମାନେ ଏହି ନୂଆ ନିୟମକୁ ପାଳନ କରିବେ ନାହିଁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସାମଗ୍ରୀର ପୁରୁଣା ଷ୍ଟକ୍ ଉପରେ ସରକାର ନିର୍ମାତା ଏବଂ ବ୍ୟବସାୟୀଙ୍କୁ ୩ ମାସ ମହଲତ ପ୍ରଦାନ କରିଛନ୍ତି। ବ୍ୟବସାୟୀଙ୍କ ନିକଟରେ ଯେଉଁ ପୁରୁଣା ଷ୍ଟକ୍ ରହିଛି ତାହାକୁ ସେମାନେ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିକ୍ରି କରିପାରିବେ। ପ୍ୟାକିଂ ସାମଗ୍ରୀ ମୂଲ୍ୟ ଯଥେଷ୍ଟ ଅଧିକ ରହୁଥିବାରୁ ସରକାର ସାମଗ୍ରୀ ନିର୍ମାତା ଓ ବ୍ୟବସାୟୀଙ୍କୁ ଏହି ମହଲତ ଦେଇଛନ୍ତି। ତେଣୁ ସେମାନେ ସଂଶୋଧିତ ଏମ୍‌ଆର୍‌ପିର ଷ୍ଟିକର ସାମଗ୍ରୀ ଉପରେ ମାରି ସେସବୁକୁ ବିକ୍ରି କରିପାରିବେ ବୋଲି ଶ୍ରୀ ଶ୍ରୀବାସ୍ତବ କହିଛନ୍ତି।

## କେମିତି କଟିବ ଏ ସପ୍ତାହ

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି। ଗୃହିଣୀମାନେ ଗୃହ କାର୍ଯ୍ୟରେ ବ୍ୟସ୍ତ ରହିବେ।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଛାତ୍ରଛାତ୍ରୀମାନେ ପାଠ ପଢ଼ାରେ ମନ ଦେବେ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ଦୂର ଯାତ୍ରା କରିପାରିବେ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭବାନ ହେବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



Bhubaneswar, 10th - 16th July, 2017
ଭୁବନେଶ୍ୱର, ୧୦ - ୧୬ ଜୁଲାଇ, ୨୦୧୭



# ଦିବ୍ୟାଙ୍ଗଙ୍କୁ ମିଳିବ ୩ ଏସି କୋଚ୍‌ରେ ସବା ତଳସିଟ୍



**ଭୁବନେଶ୍ୱର :** ଟ୍ରେନ୍‌ରେ ଦିବ୍ୟାଙ୍ଗଙ୍କ ଯାତ୍ରାକୁ ଅଧିକ ସହଜ କରିବା ପାଇଁ ଭାରତୀୟ ରେଳବିଭାଗ ପକ୍ଷରୁ ନୂଆ ନିୟମ ଲାଗୁ କରାଯାଇଛି। ଏଣିକି ଏକ୍ସପ୍ରେସ୍ ଓ ମେଲ୍ ଟ୍ରେନ୍‌ରେ ୩ଏସି କୋଚ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଲୋୟର ବର୍ଥ (ତଳସିଟ୍) ଆରକ୍ଷଣ ରହିବ। ଏହାଦ୍ୱାରା ଉପର ସିଟ୍‌ରେ ଚଢ଼ିବା ନେଇ ଉପୁଜୁଥିବା ଅସୁବିଧା ଦୂର ହୋଇପାରିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ଏସବୁ ଟ୍ରେନ୍‌ରେ ତଳ ବର୍ଥ ମିଳୁ ନଥିବାରୁ ଦିବ୍ୟାଙ୍ଗ ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏମିତିକି ଟିକେଟ୍ ଥାଇ ମଧ୍ୟ ଦିବ୍ୟାଙ୍ଗ ଯାତ୍ରୀମାନେ ତଳେ ଶୋଇ ଶୋଇ ଦୟନୀୟ ଭାବେ ଯାତ୍ରା କରିବାକୁ ବାଧ୍ୟ ହେଉଥିଲେ। ଗତ କିଛିଦିନ ତଳେ ଜଣେ ଦିବ୍ୟାଙ୍ଗ ଆଥଲେଟ୍ ଟ୍ରେନ୍ ଚଟାଣରେ ଯାତ୍ରା କରିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। ପରେ ଏ ନେଇ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କ ନିକଟରେ ଅଭିଯୋଗ ହୋଇଥିଲା।

## ଭିନ୍ନକ୍ଷମ ଅଧିକାର ଆଇନ

# ଉଲ୍ଲଙ୍ଘନ କଲେ ୫ଲକ୍ଷ ଜୋରିମାନା

**ଭୁବନେଶ୍ୱର :** ସରକାରୀ ଓ ବେସରକାରୀ ସ୍ତରରେ ଭିନ୍ନକ୍ଷମଙ୍କୁ ଶିକ୍ଷା, କର୍ମସଂସ୍ଥାନ ତଥା ନିଯୁକ୍ତି ଆଦି କ୍ଷେତ୍ରରେ ଯେପରି କୌଣସି ପ୍ରକାର ପକ୍ଷପାତ କରା ନଯାଏ ସେ ଦିଗ ପ୍ରତି ଦୃଷ୍ଟି ଦେବାକୁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ କାର୍ଯ୍ୟକାରୀ ହୋଇଛି। ୨୦୧୭ ଏପ୍ରିଲ ୧୯ରୁ ପ୍ରଚଳନ ହୋଇଥିବା ଏହି ଆଇନର ଧାରା ୮୯ରେ ଉଲ୍ଲେଖ କରାଯାଇଛି ଯେ ଭିନ୍ନକ୍ଷମଙ୍କ ଅଧିକାର ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହୋଇଥିବା ଏହି ଆଇନର ଉଲ୍ଲଙ୍ଘନ କଲେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରାଯିବ। ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ପ୍ରସ୍ତୁତ ଆଇନ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। କୌଣସି ପରିସ୍ଥିତିରେ ଆଇନର ଉଲ୍ଲଘଂନ କରା ନଯାଇ ଠିକଣା ଭାବେ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ସାଧାରଣ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସାଧାରଣ ପ୍ରଶାସନିକ କ୍ଷେତ୍ରରେ ଉକ୍ତ ନିୟମ ଆଧାରରେ ଧାର୍ଯ୍ୟ ବ୍ୟବସ୍ଥା ଅନୁସାରେ ନିଯୁକ୍ତି କ୍ଷେତ୍ରରେ କୌଣସି ସରକାରୀ ପ୍ରତିଷ୍ଠାନ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କୁ କୌଣସି ପରିସ୍ଥିତିରେ ପକ୍ଷପାତ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ପ୍ରତ୍ୟେକ ସରକାରୀ ପ୍ରତିଷ୍ଠାନ ଆବଶ୍ୟକ ସୁବିଧାସୁଯୋଗ ସହିତ ଉପଯୁକ୍ତ ପରିବେଶରେ ବିନା ପ୍ରତିବନ୍ଧକରେ କାର୍ଯ୍ୟ କରିବାର ସୁଯୋଗ ଦେବେ। ଭିନ୍ନକ୍ଷମ କାରଣରୁ କାହାରିକୁ ପଦୋନ୍ନତିରୁ ବଞ୍ଚିତ କରାଯିବ ନାହିଁ। କୌଣସି କର୍ମଚାରୀ ଚାକିରି କାଳରେ କୌଣସି କାରଣରୁ ଭିନ୍ନକ୍ଷମ ହୋଇଯାଇଥିଲେ ତାଙ୍କୁ ତଳ ପାହ୍ୟାରେ ନିଯୁକ୍ତ କରାଯାଇପାରିବ ନାହିଁ। ତେବେ ଯଦି ଭିନ୍ନକ୍ଷମ ହେବା ପରେ ସମ୍ପୃକ୍ତ କର୍ମଚାରୀ ନିଜ ପଦ ପାଇଁ ଉପଯୁକ୍ତ ବୋଲି ବିବେଚିତ ହେଉ ନଥିବେ ସେ କ୍ଷେତ୍ରରେ କର୍ମଚାରୀ ପାଉଥିବା ବେତନ ଓ ଚାକିରି ସୁବିଧା ଅପରିବର୍ତ୍ତିତ ରଖାଯିବା ସହିତ ଅନ୍ୟ କୌଣସି ପଦକୁ ସ୍ଥାନାନ୍ତରିତ ହୋଇପାରିବେ। ଭିନ୍ନକ୍ଷମମାନଙ୍କ ନିଯୁକ୍ତି ଓ ବଦଳି ପାଇଁ ସରକାର ନୀତି ନିର୍ଦ୍ଧାରଣ କରିପାରିବେ। ଭିନ୍ନକ୍ଷମ ଅଧିକାର ଆଇନ କାର୍ଯ୍ୟକାରୀ କରାଯିବା ସମୟରେ ବ୍ୟକ୍ତି କେତେ ପ୍ରତିଶତ ଭିନ୍ନକ୍ଷମ ତାହା ନିର୍ଦ୍ଧାରଣ କରି ତଦନୁସାରେ ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷ ବିଜ୍ଞପ୍ତି ଜାରି କରିବେ। ଭିନ୍ନକ୍ଷମମାନଙ୍କୁ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ତଥା କୃଷି ଓ ଗୃହ ନିର୍ମାଣ, ଦାରିଦ୍ର୍ୟ ଦୂରୀକରଣ ଯୋଜନା, ବ୍ୟବସାୟ, ଉଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ପାଞ୍ଚ ପ୍ରତିଶତ ସଂରକ୍ଷଣ ସୁବିଧା ସହିତ ଭିନ୍ନକ୍ଷମ ମହିଳାଙ୍କୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବା ନିମନ୍ତେ ଆଇନରେ ବ୍ୟବସ୍ଥା ରହିଛି।

## ଅନ୍ୱେଷାରେ ଅବ୍ୟବସ୍ଥା

# ସତ କହି ଦଣ୍ଡ ପାଇଲେ ମାଟ୍ରନ୍

**କେନ୍ଦୁଝର :** ଓଡିଶା ସରକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଶିଶୁମାନଙ୍କୁ ଜିଲ୍ଲା ମୁଖ୍ୟାଳୟରେ ଉନ୍ନତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢାଇବା ପାଇଁ ଅନ୍ୱେଷା ଯୋଜନା ୨୦୧୫ ଶିକ୍ଷା ବର୍ଷରେ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋପବନ୍ଧୁ ଛାତ୍ରାବାସ ସମ୍ମୁଖରେ ଏକ ଅନ୍ୱେଷା ପାଇଁ ଛାତ୍ରାବାସ ଖୋଲାଯାଇଛି। ଏଥିରେ ଉକ୍ତ ବର୍ଗର ଛାତ୍ରଛାତ୍ରୀମାନେ କେନ୍ଦୁଝର ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ପଢିବା ପାଇଁ ଯାଇଥାନ୍ତି। ଉକ୍ତ ଛାତ୍ରାବାସରେ ରହି ଅଧ୍ୟୟନ କଲେ ସେମାନଙ୍କର ପୁତ୍ର ଓ କନ୍ୟାମାନେ ସଫଳତା ହାସଲ କରିପାରିବେ ବୋଲି ଅଭିଭାବକମାନଙ୍କ ବହୁ ଆଶା ଓ ଆଶଙ୍କା ରହିଛି। କିନ୍ତୁ ଉକ୍ତ ଛାତ୍ରାବାସ ରହିଥିବା ୨୯୩ଜଣ ଶିଶୁଙ୍କ ଖାଦ୍ୟପେୟ, ପୋଷାକ, ବହି, ପତ୍ର, ଖେଳ ସାମଗ୍ରୀ, ସାବୁନ, ତେଲ ଓ ଅନ୍ୟାନ୍ୟ ସାମଗ୍ରୀ କଥାକୁ ଲକ୍ଷ୍ୟ କଲେ ସରକାରଙ୍କ ଯୋଜନାଯେ ବାଟବଣା ହେଉଛି ଏହା ସହଜେ ଅନୁମେୟ। ଏଠାକୁ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଚାଉଳ ସଠିକ୍ ପରିମାଣର ରୋଷେଇ ନହୋଇ ବାଟମାରଣା ହେଉଥିବା ଅଭିଯୋଗରୁ ଜଣାପଡିଛି। କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ପୋଷାକପତ୍ର, ବହିସାମଗ୍ରୀ, ଲିଖନ ସାମଗ୍ରୀ, ଖେଳ ସାମଗ୍ରୀ ଇତ୍ୟାଦି ଛାତ୍ରଛାତ୍ରୀଙ୍କୁ ଦିଆନଯାଇ ହଡପ କରାଯାଉଥିବା ଏକ ଅଭିଯୋଗରୁ ଜଣାପଡିଛି। ଏହି ଅନ୍ୱେଷା ଛାତ୍ରାବାସର ୱାର୍ଡେନଙ୍କ ଅଭିଯୋଗ ଅନୁସାରେ ପରିଚାଳକ କେବଳ ରାତି ୭ଟାରେ ଏଠାକୁ ଆସି ୮ଟାବେଳେ ପଳାଇଯାଆନ୍ତି। ଛାତ୍ରାବାସର କୌଣସି ଭଲମନ୍ଦ ବୁଝନ୍ତି ନାହିଁ। ଦୁଇଜଣ ୱାର୍ଡେନ ଏବଂ ୩ଜଣ ରୋଷେୟା ଛାତ୍ରାବାସ ପରିଚାଳନା କରନ୍ତି। ଛାତ୍ରଛାତ୍ରୀମାନଙ୍କ ପାଇଁ ସକାଳ ଜଳଖିଆ ପାଇଁ ୪ଟି ବିସ୍କୁଟ, ସୁଜି, ଚୂଡ଼ା ଓ ସିମେଇ ଇତ୍ୟାଦି ୫୦ ଗ୍ରାମ୍ ଥିବାବେଳେ ଛୁଆଙ୍କୁ ସଠିକ୍ ପରିମାଣର ଖାଦ୍ୟ ଦିଆଯାଏ ନାହିଁ ବୋଲି ଅଭିଯୋଗୁ ଜଣାପଡିଛି। ଏଥିସହ ଦିନ ଏବଂ ରାତି ଖାଇବା ସଠିକ୍ ପରିମାଣର ଦିଆଯାଉନାହିଁ। ୨୯୩ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ଗୋଟିଏ ଓଳିରେ ୨୦କିଲୋ ଗ୍ରାମ ଚାଉଳ ଓ ୨କିଲୋ ଡାଲି ଦିଆଯାଏ ବୋଲି ମାଟ୍ରନ ଅଭିଯୋଗ କରିଛନ୍ତି। ଭାତ ମଧ୍ୟ ସବୁ ପିଲାଙ୍କୁ ସଠିକ୍ ପରିମାଣର ଦିଆଯାଉନାହିଁ। ମଙ୍ଗଳ ସଂପ୍ରସାରଣ ଅଧିକାରିଣୀଙ୍କୁ ଏବାବଦରେ କହିବାରୁ ମୋ ଝିଅ ୨ଟି ବିସ୍କୁଟରେ ଦିନ ସାରା ରହୁଛି, ଛୋଟ ଛୁଆ କେତେ ଖାଇବେ ବୋଲି କହୁଥିବା ଅଭିଯୋଗ ହୋଇଛି। ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସାବୁନ, ସାମ୍ପୋ ଇତ୍ୟାଦି ଆସୁଥିଲେ ମଧ୍ୟ ଗୋଟିଏ ସାମ୍ପୋରେ ୧୦ଜଣ ମୁଣ୍ଡ ସଫା କରନ୍ତି ଏବଂ ଗୋଟିଏ ସାବୁନରେ ୧୦ଜଣ ଲଗାଉଥିବା ଜଣାପଡିଛି। ମାତ୍ର ୪କିଲୋଗ୍ରାମ ସର୍ଫ ଓ ୧୦ଟି ସାବୁନରେ ମାସ ସାରା ସମସ୍ତ ଅନ୍ତେବାସୀ ଡ୍ରେସ ଓ ବେଡସିଟ୍ ସଫା କରାଯାଏ। ଫଳରେ ଠିକ୍ ଭାବେ ସଫା ହୋଇପାରେ ନାହିଁ। ସଫା ଡ୍ରେସ ନପିନ୍ଧିଲେ ସ୍କୁଲ ବସ ପିଲାଙ୍କୁ ବିଦ୍ୟାଳୟକୁ ମନା କରୁଥିବା ଜଣାପଡିଛି। ଛାତ୍ରଛାତ୍ରୀଙ୍କ ପାଇଁ ୬ମାସରେ ୨ଟି ପାଉଡର ଓ ୨ଟି ସେଣ୍ଟ ଆସିଥିଲା। ପଣ୍ଡସ ପାଉଡରକୁ ଲୁଚାଇ ରଖି କମ୍ ଦାମ ପାଉଡର ଛାତ୍ରଛାତ୍ରୀଙ୍କୁ ଦେବାକୁ ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ କହନ୍ତି ବୋଲି ଅଭିଯୋଗ ହୋଇଛି। ଏଠାରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କର ଅଭିଭାବକ ଗରୀବ ହୋଇଥିଲେ ମଧ୍ୟ ଡ୍ରେସ ଓ ସ୍କୁଲ ବ୍ୟାଗ ଅଭିଭାବକମାନେ କିଣିକି ଦେଇଥାନ୍ତି। ଏହିସବୁ ଅଭିଯୋଗ କରିବାରୁ ଜଣେ ୱାର୍ଡେନଙ୍କୁ ଏଠାରୁ ବଦଳି କରି ଦିଆଯାଇଛି। ପରିଚାଳକ ଦୋଷ କଲେ ମଧ୍ୟ ବିଚରା ୱାର୍ଡେନ ଅନ୍ନପୂର୍ଣ୍ଣ ପ୍ରଦାନ କାହିଁକି ଦଣ୍ଡ ପାଇଲେ ତାହା ଜଣାପଡୁନାହିଁ। ଏସବୁ କଥା ଜିଲ୍ଲାପାଳ ତଦନ୍ତ କରି ଛାତଛାତ୍ରୀଙ୍କ ପାଇଁ ଆସୁଥିବା ସୁବିଧାକୁ ବାଟମାରଣା କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୱାର୍ଡେନ ଜଣକ ଦାବି କରିଛନ୍ତି।

## ଜଙ୍ଗଲ ଅଧିକାର ଆଇନ

# ରାଜ୍ୟ ଦ୍ୱୈତ ଆଇନ ସଂଶୋଧନ କରୁ

**ଭୁବନେଶ୍ୱର :** ରାଜ୍ୟ ସରକାର ଜଙ୍ଗଲ ଅଧିକାର ଆଇନ ୨୦୦୬ ଏବଂ ଓଡ଼ିଶା କେନ୍ଦୁପତ୍ର ନିୟନ୍ତ୍ରଣ ଓ ବିକ୍ରୟ ଆଇନ ୧୬୧ ମଧ୍ୟରେ ରହିଥିବା ପରସ୍ପର ବିରୋଧୀ ନୀତି ବନବାସୀଙ୍କ ସ୍ୱାର୍ଥ ବିରୋଧୀ। ଯାହା ଫଳରେ ଗରିବ ବନବାସୀ ସେମାନଙ୍କର ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏଥିନେଇ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁ ନାହିଁ ଓ ଗରିବ ଗ୍ରାମବାସୀ ଦୁଇଟି ଆଇନ ଜାଲରେ ଛନ୍ଦି ହୋଇ ଯାଇଛନ୍ତି। ତେଣୁ ରାଜ୍ୟ ସରକାର ଆଇନରେ ଆବଶ୍ୟକ ସଂଶୋଧନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ। ସୋମବାର ଶ୍ରୀ ଓରାମ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଜଙ୍ଗଲବାସୀଙ୍କର ଅଧିକାର ସୁରକ୍ଷା ନିମନ୍ତେ ଜଙ୍ଗଲ ଅଧିକାର ଆଇନ୍ ପ୍ରଣୟନ ହୋଇଛି। ମାତ୍ର ରାଜ୍ୟ ସରକାର ଏହାପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଯାହା ଫଳରେ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଗରିବ ଆଦିବାସୀମାନେ ନ୍ୟାୟ ନିମନ୍ତେ ଏ ଦୁଆରରୁ ସେ ଦୁଆର ଦୌଡୁଛନ୍ତି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଅଞ୍ଚଳରେ ସ୍ଥାନୀୟ ଜନଜାତି ବର୍ଗର ଲୋକମାନେ ଏହିପରି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରୁଥିବା ଲୋକମାନେ ଏଥିରେ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାର କେବଳ ନବରଙ୍ଗପୁର ଜିଲ୍ଲାରେ କେନ୍ଦୁପତ୍ର ଗ୍ରାମସଭା ଜରିଆରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ମାତ୍ର ଅନ୍ୟାନ୍ୟ ଜିଲା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ମାତ୍ର ରାଜ୍ୟ ସରକାର ଏହି ପ୍ରସଙ୍ଗର ସମାଧାନ କରିବା ପରିବର୍ତ୍ତେ ଜଙ୍ଗଲ ଅଧିବାସୀଙ୍କ ସ୍ୱାର୍ଥର ସୁରକ୍ଷା ନିମନ୍ତେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ଜଙ୍ଗଲ ଅଧିକାର ଆଇନକୁ କାର୍ଯ୍ୟକାରୀ କରିବା ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଦାୟିତ୍ୱ। ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଲୋକଙ୍କୁ ସେମାନଙ୍କର ଅଧିକାର ଓ ଜମି ପଟ୍ଟା ପ୍ରଦାନ କରିବା କଥା। କିନ୍ତୁ ରାଜ୍ୟରେ ପଟ୍ଟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ଏବଂ ଯେଉଁଠି ପଟ୍ଟା ମିଳିଛି, ସେଠାରେ ଜମି ପ୍ରଦାନ କରାଯାଉ ନାହିଁ। ଫଳରେ ଗରିବ ଜନସାଧାରଣ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ମୁଖମନ୍ତ୍ରୀ ତୁରନ୍ତ ଏ କ୍ଷେତ୍ରରେ ହସ୍ତକ୍ଷେପ କରିବାକୁ ଜୁଏଲ୍ ପ୍ରସ୍ତାବ ଦେଇଛନ୍ତି।

# ସର୍ବାଧିକ ବୟସ ସୀମା ୩୨ ଧାର୍ଯ୍ୟ

**କଟକ :** ଶିକ୍ଷା ସହାୟକ ନିଯୁକ୍ତି ସମ୍ପର୍କିତ ବିଚାରଧୀନ ମାମଲା ଗୁଡିକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜବାବ ଦାଖଲ କରିଛି। ଯୋଗ୍ୟତା ନିର୍ଦ୍ଧାରଣରେ କୌଣସି ତ୍ରୁଟି ନାହିଁ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ୨୦୧୬, ଡିସେମ୍ବର ୨୬ରେ ପ୍ରକାଶିତ ଏ ସମ୍ପର୍କିତ ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାରେ ଗଣଶିକ୍ଷା ବିଭାଗ ଯୁମ ସଚିବ ବିଶ୍ୱନାଥ ସେଠୀ ଏହି ସତ୍ୟପାଠ ଦାଖଲ କରିଛନ୍ତି। ନିଯୁକ୍ତି ବିଜ୍ଞପ୍ତିରେ ଶିକ୍ଷା ସହାୟକଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ବାଧିକ ବୟସ ସୀମା, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟ କେତେକ ମାନଦଣ୍ଡ ଗ୍ରହଣୀୟ ନୁହେଁ ଏବଂ ଏହା ପୂର୍ବ ବର୍ଷ ଗୁଡିକରେ ପ୍ରକାଶିତ ବିଜ୍ଞପ୍ତିର ବିରୁଦ୍ଧାଚରଣ କରୁଛି ବୋଲି ଦର୍ଶାଇ ଆବେଦନକାରୀମାନେ ଏପରି ବିଜ୍ଞପ୍ତି ରଦ୍ଦ କରିବାକୁ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଅନ୍ୟପକ୍ଷରେ ଗଣଶିକ୍ଷା ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ ଓଡ଼ିଶା ଏଲିମେଣ୍ଟାରି ଏଜୁକେସନ୍ (ମେଥଡ ଅଫ୍ ରିକ୍ରୁଟମେଣ୍ଟ ଆଣ୍ଡ କଣ୍ଡିସନ୍ସ ଅଫ୍ ସର୍ଭିସ ଅଫ୍ ଟିଚର୍ସ ଆଣ୍ଡ ଅଫିସର୍ସ) ଆମେଣ୍ଡମେଣ୍ଟ ରୁଲ୍ସ, ୨୦୧୪ ଓ ଓଡ଼ିଶା ସିଭିଲ ସର୍ଭିସେସ (ଫିକ୍ସେସନ୍ ଅଫ୍ ଅପର ଏଜ୍ ଲିମିଟ) ରୁଲ୍ସ ଅନୁସାରେ ସର୍ବାଧିକ ବୟସ ସୀମା ୩୨ ଧାର୍ଯ୍ୟ କରାଯାଇଛି। ଓଟିଇଟି ପାସ୍ ଯୋଗ୍ୟତା ସମସ୍ତ ପ୍ରାର୍ଥୀଙ୍କ ପାଇଁ ବାଧ୍ୟତାମୂଳକ କରାଯିବା ପ୍ରସଙ୍ଗରେ ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ ଶିକ୍ଷା ଅଧିକାର ଆଇନ ଅନୁସାରେ ଏହି ମାନଦଣ୍ଡ ଧାର୍ଯ୍ୟ କରାଯାଇଛି କେବଳ ପିଲାମାନଙ୍କୁ ଗୁଣବତ୍ତା ଥିବା ଶିକ୍ଷା ପ୍ରଦାନ ପାଇଁ। ଏଥିସହିତ ଓଟିଇଟି ପରୀକ୍ଷା ସତ୍ୟପାଠରେ ଦର୍ଶାଯାଇଛି ଯେ ପ୍ରତ୍ୟେକ ବର୍ଷର ଖାଲି ପଡୁଥିବା ପଦବୀ ପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପ୍ରକାଶ କରାଯାଇଥିବା ୧୪ ହଜାର ୮୭ଟି ପଦବୀ ମଧ୍ୟରେ କୌଣସି ପୁରୁଣା ବର୍ଷର ଖାଲି ପଡିଥିବା ପଦବୀ ଅନ୍ତର୍ଭୁକ୍ତ ହୋଇନାହିଁ। ଡିସେମ୍ବର ୨୬ରେ ଶିକ୍ଷା ସହାୟକ

## ଶିକ୍ଷା ସହାୟକ ନିଯୁକ୍ତି ଯୋଗ୍ୟତା ବିବାଦ ମାମଲା

ଦେବା ଲାଗି ପ୍ରାର୍ଥୀଙ୍କ ପାଇଁ କୌଣଓି ସର୍ବାଧିକ ବୟସ ସୀମା ନାହିଁ। ବିଜ୍ଞପ୍ତିରେ ୨୦୧୬-୧୭ ବର୍ଷରେ ୧୪ ହଜାର ୮୭ଟି ଶିକ୍ଷା ସହାୟକ ପଦବୀ ପୂରଣ ହେବ ବୋଲି ସୂଚନା ଦିଆଯାଇଥିବା ବେଳେ ୨୦୧୪-୨୦୧୫ ବର୍ଷର ଖାଲି ପଡିଥିବା ୭ ହଜାର ପଦବୀ ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି କେତେକ ଆବେଦନକାରୀ ଦର୍ଶାଇଥିଲେ। ଏପରି ପରିସ୍ଥିତିରେ ପୂର୍ବବର୍ଷ ଗୁଡିକରେ ଶିକ୍ଷା ସହାୟକ ପଦବୀ ପୂରଣ ପାଇଁ ଥିବା ନିୟମ ୨୦୧୬-୧୭ ବର୍ଷର ବିଜ୍ଞପ୍ତି ପାଇଁ ଲାଗୁ କରାଯିବା ଉଚିତ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବା ବେଳେ ଗଣଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ପୁରୁଣା ନିୟମାବଳୀରେ ଆବଶ୍ୟକ ସଂଶୋଧନ ପ୍ରସଙ୍ଗରେ ଯଥାର୍ଥତା ସଂକ୍ରାନ୍ତରେ ଅବଗତ କରାଯିବା ପରେ ସରକାର ୨୦୧୬, ଅକ୍ଟୋବର ୨୫ରେ ଏ ସମ୍ପର୍କିତ ଅନୁମୋଦନ ପ୍ରଦାନ କରିଥିଲେ। ଏଭଳି ପରିସ୍ଥିତିରେ ୨୦୧୬, ଡିସେମ୍ବର ୨୬ରେ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲା ଗୁଡିକ ଖାରଜ କରାଯାଉ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଦର୍ଶାଯାଇଛି। ଆବେଦନକାରୀ ପ୍ରାର୍ଥୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ସୌଭାଗ୍ୟ ସାମଲ, ହେମନ୍ତ କୁମାର ରାଟସିଂ ପ୍ରମୁଖ ମାମଲାର ପରିଚାଳନା କରୁଛନ୍ତି।

# ‘ପିସି’ ଧରାପଡ଼ିଲେ ଫୌଜଦାରୀ ମାମଲା

**ଭୁବନେଶ୍ୱର :** ପିସି ନେଉଥିବା ଜଣାପଡ଼ିଲେ ବା ଧରା ପଡ଼ିଲେ ସମ୍ପୃକ୍ତ କର୍ମଚାରୀ ବା ଅଧିକାରୀଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବ। ଯେ କେହି ହୁଅନ୍ତୁ ନା କାହିଁକି କାହାରିକୁ ଛଡ଼ାଯିବ ନାହିଁ। ମୁଖ୍ୟ ସଚିବ ଏ ସଂକ୍ରାନ୍ତରେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ପଞ୍ଚାୟତିରାଜ ସଚିବ ଏହି ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି। ପିସି ବନ୍ଦ କରିବା ଲାଗି ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି ପ୍ରଶାସନ। ବିଶେଷ ଭାବରେ ବ୍ଲକସ୍ତରରେ ପିସି କାରବାର ବନ୍ଦ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଦିନକ ତଳେ ଭିଜିଲାନ୍ସ ନିର୍ଦ୍ଦେଶକ ଆର୍.ପି.ଶର୍ମା ସାମ୍ବାଦିକ ସମ୍ମିଳନୀରେ ବ୍ଲକ୍‌ସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ପିସି କାରବାର ଉପରେ ଦୃଷ୍ଟି ରଖା ଯାଇଥିବା ସୂଚନା ଦେଇଛନ୍ତି। ଏପରିକି ଏଥିପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କହିଛନ୍ତି। ରାଜ୍ୟ ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ କୁମାର ସିଂହ ସୋମବାର ସଚିବାଳୟରେ ଏ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ପିସି କାରବାର ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା କିଛି ମାମଲାର ତଦନ୍ତ ଜାରି ରହିଛି ଓ କେତେକ କ୍ଷେତ୍ରରେ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ପିସି ସମ୍ପର୍କରେ ଅଭିଯୋଗ ନିମନ୍ତେ ଏକ ହେଲ୍‌ପ ଲାଇନ୍ ନମ୍ବର ରଖାଯାଇଛି ବୋଲି ଶ୍ରୀ ସିଂହ କହିଛନ୍ତି। ତେବେ ପିସି ପ୍ରସଙ୍ଗକୁ ନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିବାକୁ ଉଦ୍ୟମ କରିଛନ୍ତି ବିରୋଧୀ କଂଗ୍ରେସ ଓ ବିଜେପି। ବିଜେପି ବିଧାୟକ ପ୍ରଦୀପ ପୁରୋହିତ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପିସି ହଟାଇବା ଆହ୍ୱାନ କେବଳ ଧୂଆଁବାଣ ବୋଲି କହିଛନ୍ତି। ଶ୍ରୀ ଓରାମ କହିଛନ୍ତି ଯେ ଗତ ୯ ବର୍ଷ ହେଲା ବିଜେଡ଼ି ଏକାକୀ ଶାସନ କରୁଛି, ମାତ୍ର ପିସି ଖବର ୯ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଲା। ଏହାଠାରୁ ଅଧିକ ଲଜ୍ଜାଜନକ ବିଷୟ କ’ଣ ଅଛି ? ଶାସକ ଦଳର ନେତାମାନେ ଅଫିସରଙ୍କ ଜରିଆରେ ପିସି ଆଦାୟ କରୁଛନ୍ତି ଏ କଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଛି। ତେଣୁ ଏହା ଉପରେ ସେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବା କଥା। ସେହିପରି ପ୍ରଦୀପ ପୁରୋହିତ ପିସି କାରବାର ସଂକ୍ରାନ୍ତ ପ୍ରମାଣ ସେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି, ମାତ୍ର ଏହା ଉପରେ କିଛି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ‘ପିସି’ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ସବୁଠାରୁ ବର୍ଷର ସବୁଠାରୁ ବଡ଼ ଜୋକ୍ ବୋଲି କହିଛନ୍ତି।

# ୫ବର୍ଷରେ ୪୬୬ ସରକାରୀ ବାବୁ ଦୋଷୀ ସାବ୍ୟସ୍ତ

**କଟକ :** ସରକାରୀ ବାବୁମାନେ ଲାଞ୍ଚ ନେଇ ତ ଆଉ ବ୍ୟାପକ ସମ୍ପତ୍ତି ଠୁଳ କରି ଧରାପଡୁଛନ୍ତି। ତା’ପରେ ଜେଲ ଯାଉଛନ୍ତି। ଏଥିସହ କିଛି ବାବୁଙ୍କ ସମ୍ପତ୍ତି ମଧ୍ୟ ନିଲାମ ହୋଇସାରିଲାଣି। ତଥାପି ସରକାରୀ ବାବୁମାନଙ୍କ ଲାଞ୍ଚ ନେପା ପ୍ରବୃତ୍ତିକୁ ପରିତ୍ୟାଗ କରିପାରୁନାହାନ୍ତି। ଲାଞ୍ଚୁଆ ଅଫିସରଙ୍କୁ ଭିଜିଲାନ୍ସ ଧରିବା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରଙ୍କୁ ଜଣାଇବା ସହ ଅଦାଲତରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ଉଦ୍ୟମ କରି ସଫଳ ମଧ୍ୟ ହେଉଛି। ଏଇ ୫ବର୍ଷ ମଧ୍ୟରେ ଅନେକ ସରକାର ବାବୁ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ବେଆଇନ ଅର୍ଥ ସଂଗ୍ରହରୁ ଦୂରେଇ ରହିବା ପାଇଁ ଇଚ୍ଛା ପ୍ରକାଶ କରୁନଥିବା ଜଣାଯାଇଛି। ଭିଜିଲାନ୍ସ ନିର୍ଦ୍ଦେଶାଳୟ ତଥ୍ୟ ଅନୁସାରେ ୨୦୧୨ରୁ ୨୦୧୬ ମସିହାମ ଧରେ ୪୬୬ଜଣ ସରକାରୀ ବାବୁ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୨ ମସିହାରେ ୮୦ଜଣ ବାବୁ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୨୦୧୩ ମସିହାରେ ୯୦, ୨୦୧୪ ମସିହାରେ ୧୧୫, ୨୦୧୫ ମସିହାରେ ୮୩ ଓ ୨୦୧୬ ମସିହାରେ ୯୮ ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି। ତେବେ ୨୦୧୬ ମସିହାରେ ପ୍ରଥମ ଶ୍ରେଣୀ ପାହ୍ୟା ଅଧିକାରୀ ୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୨୦୧୫ ମସିହାରେ ୧୧ଜଣ, ୨୦୧୪ ମସିହାରେ ୧୩ଜଣ, ୨୦୧୩ ମସିହାରେ ୭ଜଣ ଓ ୨୦୧୨ ମସିହାରେ ୯ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି ୨୦୧୬ ମସିହାରେ ଦ୍ୱିତୀୟ ଶ୍ରେଣୀ ପାହ୍ୟା ଅଧିକାରୀ ୨୨ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୨୦୧୫ରେ ୬ଜଣ, ୨୦୧୪ରେ ୭ ଜଣ, ୨୦୧୩ରେ ୭ ଜଣ ଓ ୨୦୧୨ରେ ୪ଜଣ ଅଧିକାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କିନ୍ତୁ ତୃତୀୟ ଶ୍ରେଣୀ ପାହ୍ୟା ବାବୁମାନେ ସର୍ବାଧିକ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୬ରେ ୬୮ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୨୦୧୫ରେ ୬୬, ୨୦୧୪ରେ ୯୫, ୨୦୧୩ ମସିହାରେ ୭୬ ଓ ୨୦୧୨ ମସିହାରେ ୬୭ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦେଖିବା ପାଇଁ ଗଲେ ୫ ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ପାହ୍ୟାର ୪୮ ଜଣ ଅଧିକାରୀ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀ ପାହ୍ୟାରେ ୪୬ଜଣ ଓ ତୃତୀୟ ଶ୍ରେଣୀ ପାହ୍ୟାରେ ନିଯୁକ୍ତ ଥିବା ସର୍ବାଧିକ ୩୭୨ଜଣ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ ନେବା ମାମଲା ଉପରେ ଭିଜିଲାନ୍ସ ଗୁରୁତ୍ୱ ଦେଇ ବ୍ୟାପକ ଧରପଗଡ଼ କରୁଥିବା ବେଳେ ଭିଜିଲାନ୍ସ ମାମଲା ସ୍ୱତନ୍ତ୍ର ଭାବେ ବିଚାର ପାଇଁ ରାଜ୍ୟରେ ୨ଟି ସ୍ୱତନ୍ତ୍ର କୋର୍ଟ ଓ ୧୩ଟି ସ୍ୱତନ୍ତ୍ର ଜଜ କୋର୍ଟ ସ୍ଥାପନ ହୋଇଛି।

## ସର୍ବାଧିକ ତୃତୀୟ ଶ୍ରେଣୀ ପାହ୍ୟା କର୍ମଚାରୀ ଲାଞ୍ଚୁଆ

# ଜେଲରୁ ମୁକୁଳିଲେ ବୀତିହୋତ୍ର

**ଭୁବନେଶ୍ୱର :** ପୂର୍ବତନ ପୁଲିସ୍ ହୋମ୍‌ଗାର୍ଡ ଡିଜି ବିଦ୍ୟାଭୂଷଣ ମହାନ୍ତିଙ୍କ ଏକମାତ୍ର ପୁଅ ବୀତିହୋତ୍ର ରାଜସ୍ଥାନର ଜୟପୁର କେନ୍ଦ୍ରୀୟ ଜେଲ୍‌ରୁ ମୁକୁଳିଛନ୍ତି। ଏଗାର ବର୍ଷ ତଳର ଜର୍ମାନ ଯୁବତୀ ଦୁଷ୍କର୍ମ ମାମଲାରେ ଜେଲ୍ ଦଣ୍ଡ ପାଇଥିବା ବୀତିହୋତ୍ର ମହାନ୍ତିଙ୍କୁ ଗତ ମାର୍ଚ୍ଚ ୩୧ ତାରିଖରେ ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। କିନ୍ତୁ ପ୍ୟାରୋଲ୍ ଉଲ୍ଲଘଂନ ମାମାଲା ଯୋଗୁ ସେ ଜେଲ୍‌ରୁ ମୁକୁଳି ପାରିନଥିଲେ। ଗତ ମେ’ ୧୮ ତାରିଖରେ ରାଜସ୍ଥାନ ହାଇକୋର୍ଟରେ ପ୍ୟାରୋଲ୍ ଉଲ୍ଲଘଂନ ମାମଲାର ଶୁଣାଣି ପରେ ବୀତିହୋତ୍ରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଖାରଜ ହୋଇଥିଲା। କିନ୍ତୁ ଶୁଣାଣି ପାଇଁ ଆଜିକୁ ଦିନ ଧାର୍ଯ୍ୟ କରିଥିଲେ କୋର୍ଟ। ୨୦୦୬ ମାର୍ଚ୍ଚ ୨୦ ତାରିଖ ରାତିରେ ରାଜସ୍ଥାନର ଅଲୱାରସ୍ଥିତ ଏକ ଷ୍ଟାର୍ ହୋଟେଲ୍‌ରେ ବୀତିହୋତ୍ର ଜଣେ ଜର୍ମାନ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ଘଟଣାର ମାତ୍ର ୧୦ଦିନ ପରେ ଜୟପୁର ଫାଷ୍ଟଟ୍ରାକ୍ କୋର୍ଟ ମାମଲାର ଶୁଣାଣି କରି ବୀତିହୋତ୍ରଙ୍କୁ ୭ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଜେଲ୍‌ରେ ଥିବା ବେଳେ ମା’ଙ୍କ ଅସୁସ୍ଥତା ଦର୍ଶାଇ ୨୦୦୬ ନଭେମ୍ବର ମାସରେ ୧୫ ଦିନ ପାଇଁ ପ୍ୟାରୋଲ୍‌ରେ ଓଡ଼ିଶା ଆସିଥିବା ବୀତିହୋତ୍ର ଫେରାର୍ ହୋଇଯାଇଥିଲେ। ତାଙ୍କ ବିରୋଧରେ ରାଜସ୍ଥାନ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ରାଜସ୍ଥାନ ପୁଲିସ୍ ଓଡ଼ିଶା ଆସି ବିଦ୍ୟାଭୂଷଣଙ୍କୁ ଗିରଫ କରିଥିଲା। କିନ୍ତୁ ବୀତିହୋତ୍ର ନିଜକୁ ଆନ୍ଧ୍ରପ୍ରଦେଶ ପୁଟ୍ଟପର୍ତ୍ତୀର ରାଘବ ରାଜ୍ ବୋଲି ପରିଚୟ ଦେଇ କେରଳସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଟ୍ରାଭାନକୋର୍‌ରେ କାର୍ଯ୍ୟ କରୁଥିବାର ସୂଚନା ପାଇ ସ୍ଥାନୀୟ ପୁଲିସ୍ ତାଙ୍କୁ ୨୦୧୩ ମାର୍ଚ୍ଚ ୯ ତାରିଖରେ କେରଳର କନ୍ନୁରରୁ ଗିରଫ କରି ରାଜସ୍ଥାନ ପୁଲିସ୍‌କୁ ହସ୍ତାନ୍ତର କରିଥିଲା। ପ୍ୟାରୋଲ୍ ଉଲ୍ଲଘଂନ ମାମଲା ଯୋଗୁ ସେ ଆଉ ୩ ମାସ ଅଧିକ ସଜା ଭୋଗିବେ ବୋଲି ଜୟପୁର କୋର୍ଟ ଦର୍ଶାଇବା ପରେ ସେ ଜେଲ୍‌ରୁ ମୁକୁଳି ପାରିନଥିଲେ। କିନ୍ତୁ ମାମଲାର ଶୁଣାଣି ପରେ ବୀତିହୋତ୍ରଙ୍କ ନାଁରେ ହୋଇଥିବା ଅଭିଯୋଗ ପ୍ରମାଣ ଅଭାବରୁ ଖାରଜ ହୋଇଯାଇଥିଲା।

# ୨୦୧୫ ତୁଳନାରେ ବଢ଼ିଛନ୍ତି ୨୨ ହାତୀ

**ଭୁବନେଶ୍ୱର :** ରାଜ୍ୟରେ ଅଛନ୍ତି ୧୯୭୬ ହାତୀ। ୨୦୧୨ରେ ରାଜ୍ୟରେ ୧୯୩୦ ଥିବା ବେଳେ ୨୦୧୫ରେ ଶେଷ ଗଣନାରେ ଏହା ୧୯୫୪ରେ ପହଞ୍ଚିଥିଲା ଓ ୨୦୧୭ ଗଣନାରେ ଏହି ସଂଖ୍ୟା ୧୯୭୬ରେ ପହଞ୍ଚିଛି। ଓଡ଼ିଶାରେ ଅଣ୍ଡିରା ଓ ମାଇ ହାତୀ ଅନୁପାତ ଦେଶରେ ସର୍ବୋତ୍ତମ ବୋଲି କହିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ। ସଚିବାଳୟରେ ଶ୍ରୀ ରାଉତରାୟ ଚଳିତବର୍ଷ ହାତୀ ଗଣନା ରିପୋର୍ଟ ପ୍ରକାଶ କରିଛନ୍ତି। ରାଜ୍ୟର ୩୪ଟି ବନ୍ୟପ୍ରାଣୀ ଡିଭିଜନରେ ହାତୀ ଗଣନା କରାଯାଇଛି। ରାଜ୍ୟରେ ମୋଟ ୧୯୭୬ ହାତ ଅଛନ୍ତି ଏବଂ ଏହାମଧ୍ୟରୁ ୩ଟି ହାତୀ ସଂରକ୍ଷିତ ଅଞ୍ଚଳ ମୟୂରଭଞ୍ଜ, ମହାନଦୀ ଓ ସମ୍ବଲପୁରରେ ୧୫୩୬ଟି ହାତୀ ରହିଛନ୍ତି। ଏହାବ୍ୟତୀତ ଅନ୍ୟ ୫ଟି ଅଭୟାରଣ୍ୟରେ ୭୯ଟି ଏବଂ ହାତୀ ସଂରକ୍ଷଣ ଅଞ୍ଚଳ ଓ ଅଭୟାରଣ୍ୟ ବାହାରେ ୩୪୪ଟି ହାତୀ ଥିବା ଜଣାପଡିଛି। ମୋଟ ହାତୀମାନଙ୍କ ମଧ୍ୟରୁ ୩୪୪ଟି ଅଣ୍ଡିରା ହାତୀ ଥିବା ବେଳେ ୧୦୯୨ ମାଈ, ୫୦୨ଟି ଛୁଆ ହାତୀ ରହିଛନ୍ତି। ଅବଶିଷ୍ଟ ୩୮ଟି ହାତୀର ଲିଙ୍ଗ ନିରୂପଣ ହୋଇପାରିନାହିଁ। ମୟୂରଭଞ୍ଜ ହାତୀ ସଂରକ୍ଷିତ ଅଞ୍ଚଳରେ ମୋଟ ୬୩୫ଟି ହାତୀ ଥିବା ବେଳେ ମହାନଦୀ ସଂରକ୍ଷିତ ଅଞ୍ଚଳରେ ୬୯୪ଟି ହାତୀ ଅଛନ୍ତି। ସେହିପରି ସମ୍ବଲପୁର ହାତୀ ସଂରକ୍ଷିତ ଅଞ୍ଚଳରେ ୨୦୭ଟି ହାତୀ ରହିଛନ୍ତି। ଏହାବ୍ୟତୀତ ପାରଳାଖେମୁଣ୍ଡି ଡିଭିଜନରେ ୨୭, ବାଲିଗୁଡା ଡିଭିଜନରେ ୩୦, କଳାହାଣ୍ଡି ଡିଭିଜନରେ ୨, ଚନ୍ଦକା ଡିଭିଜନରେ ୧, ହୀରାକୁଦ ଡିଭିଜନରେ ୧୦ ହାତୀ ଅଛନ୍ତି। ଚଳିତ ବର୍ଷ ହାତୀ ଗଣନା କାର୍ଯ୍ୟକ୍ରମରେ ୧୯୪୯ ୟୁନିଟ୍‌କୁ



କାର୍ଯ୍ୟରେ ଲଗାଯାଇଥିଲା। ୫୮୭୪ ଜଣ ନିୟମିତ କ୍ଷେତ୍ର କର୍ମଚାରୀଙ୍କ ସହ ବନ୍ୟଜୀବ ପ୍ରେମୀ, ବେସରକାରୀ ସଂସ୍ଥା, ଗଣମାଧ୍ୟମ ପ୍ରତିନିଧି, ଗବେଷକ ଓ ଶିକ୍ଷାବିତ୍‌ଙ୍କୁ ନିୟୋଜିତ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି। ୧୯ ହାତୀଙ୍କୁ ଶିକାର କରାଯାଇଛି ଏବଂ ବିଷକ୍ରିୟାରେ ଗୋଟିଏ ହାତୀ ମରିଛି। ବିଦ୍ୟୁତ୍ କରେଣ୍ଟ ଦେଇ ୧୯ ହାତୀଙ୍କୁ ହତ୍ୟା କରାଯାଇଛି ଓ ବୈଦ୍ୟୁତିକ ଦୁର୍ଘଟଣାରେ ୧୫ ହାତୀ ମରିଛନ୍ତି। ଟ୍ରେନ୍ ଦୁର୍ଘଟଣାରେ ୩, ସଡକ ଦୁର୍ଘଟଣାରେ ୨, ଆନ୍ଥ୍ରାକ୍ସ ଓ ଅନ୍ୟାନ୍ୟ ରୋଗରେ ୯୯ ହାତୀ ମରିଚନ୍ତି। ୩୯ ହାତୀଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଛି ଏବଂ ୬୮ଟି ହାତୀଙ୍କ ମୃତ୍ୟୁ କାରଣ ଏଯାଏ ଜଣାପଡିନାହିଁ। ସେହିପରି ନିଜ ନିଜ ମଧ୍ୟରେ ସଂଘର୍ଷ, ଅନ୍ୟାନ୍ୟ ଦୁର୍ଘଟଣା ଓ ପାହାଡରୁ ଖସି ୪୪ଟି ହାତୀ ମରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଏସ୍.ଏସ୍.ଶ୍ରୀବାସ୍ତବଙ୍କ ସୂଚନା ଅନୁସାରେ ସାରା ଦେଶରେ ମାଇ ଓ ଅଣ୍ଡିରା ହାତୀ ଅନୁପାତ ୧୧:୧ ଥିବା ବେଳେ ଓଡ଼ିଶାରେ ଏହା ଯଥେଷ୍ଟ କମ୍ ଓ ଆଦର୍ଶଗତ ଭାବରେ ଶୃଙ୍ଖଳିତ। ଓଡ଼ିଶାରେ ପ୍ରତି ୩.୨ଟି ମାଈ ହାତୀ ତୁଳନାରେ ଗୋଟିଏ ଅଣ୍ଡିରା ହାତୀ ରହିଛନ୍ତି। ୨୦୧୫ ଓ ୨୦୧୭କୁ ତୁଳନା କଲେ ଏହି ସମୟ ମଧ୍ୟରେ ହାତୀ ସଂଖ୍ୟା ୨୨ ବଢ଼ିଛି। ଏହାମଧ୍ୟରେ ୩ଟି ଅଣ୍ଡିରା, ୧୨ଟି ଶିଶୁ ଓ ଲିଙ୍ଗ ଚିହ୍ନଟ ହୋଇ ନଥିବା ୧୧ଟି ହାତୀ ରହିଛନ୍ତି। ତେବେ ମାଇ ହାତୀ ସଂଖ୍ୟା ୪ଟି କମିଥିବା ସେ କହିଛନ୍ତି।

କାମବାସନା ସହିତ ସମାନ କୌଣସି ରୋଗନାହିଁ, ମୋହ ବା ଇଚ୍ଛା ଠାରୁ ବଳି ଆଉ କେହି ଶତ୍ରୁନାହିଁ, କ୍ରୋଧ ସମାନ ବଳି ନିଆଁ ନାହିଁ, ଜ୍ଞାନଠାରୁ ବଡ କୌଣସି ସୁଖ ନାହିଁ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପାଦକୀୟ

# ସଫଳ ପ୍ରୟାସ

ରାଜ୍ୟ ସରକାରଙ୍କ ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ ବିରୋଧୀମାନେ ବାରମ୍ବାର ବିଜୁ ଜନତା ଦଳ ସରକାରଙ୍କୁ ଦୋଷ ଦେଉଥିବା ବେଳେ ଓଡ଼ିଶାରେ ଆୟୋଜିତ ହୋଇଛି ୨୨ତମ ଏସୀୟାନ ଆଥଲେଟିକ୍ସ ଚାମ୍ପିଅନ୍‌ସିପ । ଯାହା ରାଜ୍ୟ ପାଇଁ ନୂଆ କୀର୍ତ୍ତିମାନ । ଯେଉଁଥିପାଇଁ ଦେଶ-ବିଦେଶରେ ଏଭଳି ଆୟୋଜନକୁ ଖୁବ୍ ପ୍ରଶଂସା ମିଳିଛି । ମାତ୍ର ୯୦ଦିନ ମଧ୍ୟରେ ଏକ ବିଶ୍ୱସ୍ତରୀୟ କ୍ରୀଡ଼ାର ଆୟୋଜନ କରି ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡିଛନ୍ତି ରାଜ୍ୟ ସରକାର । ବାସ୍ତବିକ ଏହା ଏକ ଚ୍ୟାଲେଞ୍ଜ ଥିଲେ ବି ଏହାକୁ ସଫଳତାର ସହିତ ମୁକାବିଲା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ରାଜ୍ୟ ନୁହେଁ ଦେଶ ପାଇଁ ମଧ୍ୟ ଗୌରବ ଆଣି ଦେଇଛନ୍ତି । ଏସିଆରେ ଓଡ଼ିଶାର ମାନଚିତ୍ରକୁ ଗୌରବୋଜ୍ୱଳ କରିବା ସହିତ ଏସୀୟ ରାଷ୍ଟ୍ର ସହ ଓଡ଼ିଶାର ସମ୍ପର୍କକୁ ନିବିଡ କରିପାରିଛନ୍ତି ନବୀନ । ଓଡ଼ିଶାରେ ଏଭଳି ଏକ କ୍ରୀଡ଼ା ମହାକୁମ୍ଭ ଆୟୋଜନ ହେବା ବାସ୍ତବିକ ଅବିସ୍ମରଣୀୟ । ଯେହେତୁ ଏହାଏକ ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତା ଏବଂ ଏଥିରେ ୪୩ଟି ଦେଶର ପ୍ରାୟ ୬୪୦ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି ।

ଏସୀୟ ଦୌଡକୁଦ ପ୍ରତିଯୋଗିତା ଏକ ଅନ୍ତର୍ଜାତିକ କାର୍ଯ୍ୟକ୍ରମ । ଭାରତରେ ତୃତୀୟଥର ପାଇଁ ଏହା ଆୟୋଜିତ ହୋଇଥିଲା ବେଳେ ଓଡ଼ିଶାରେ ପ୍ରଥମଥର ପାଇଁ ଏହା ଆୟୋଜିତ ହୋଇଛି । ମାତ୍ର କେଇ ସପ୍ତାହ ମଧ୍ୟରେ କଳିଙ୍ଗ ଷ୍ଟାଡିୟମକୁ ଏଥିପାଇଁ ପ୍ରସ୍ତୁତ କରିବା ଅସମ୍ଭବ ମନେହେଉଥିଲା ବେଳେ ରାଜ୍ୟ ସରକାର ଯେଭଳି ଆନ୍ତରିକତା ଦେଖାଇ ଶେଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କଲେ ତାହା ବାସ୍ତବିକ ପ୍ରଶଂସାର ହକ୍‌ଦାର । ଷ୍ଟାଡିୟମର ଆଭ୍ୟନ୍ତରୀଣ ମରାମତି, ଭିତ୍ତିଭୂମି ପ୍ରସ୍ତୁତି, ଗାଲିଚା ବିଛା, ଦୌଡଟ୍ରାକ ନିର୍ମାଣ, ଚୌକି ପକ୍କା କାର୍ଯ୍ୟଠୁ ଆରମ୍ଭ କରି ରଙ୍ଗଦେବା ପର୍ଯ୍ୟନ୍ତ ସବୁକୁ ଆକର୍ଷଣୀୟ କରାଯିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରାଯାଇଥିବା ଅନୁଭବ ହୁଏ । ଅଳ୍ପଦିନ ଭିତରେ ଷ୍ଟାଡିୟମ ଚତୁଃପାର୍ଶ୍ୱ ରାସ୍ତା ମରାମତି, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ନିଖୁଣ ଭାବେ କରାଯାଇପାରିଛି । ଯାହାକି ପ୍ରଥମ ସ୍ମାର୍ଟସିଟିର ମାନ୍ୟତା ପାଇଥିବା ଭୁବନେଶ୍ୱରର ଯଥାର୍ଥତାକୁ ପ୍ରତିପାଦନ କରାଏ ।

ପ୍ରାଚୀନ କଳିଙ୍ଗର ଗୌରବମୟ ଇତିହାସ ସହ ଯୋଡି ହୋଇଯାଇଛି ଏସୀୟ ଦୌଡକୁଦ ପ୍ରତିଯୋଗିତା । ଅଳ୍ପଦିନ ମଧ୍ୟରେ ବିଶ୍ୱସ୍ତରୀୟ କ୍ରୀଡ଼ାର ଆୟୋଜନ ହୋଇପାରିଥିବାରୁ ଓଡ଼ିଶାକୁ ସାବାସି ଦେଇଛନ୍ତି ଏସୀୟ ରାଷ୍ଟ୍ରରୁ ଆସିଥିବା ଅତିଥି ଓ ଖେଳାଳିମାନେ । ହେଲେ ଏତିକିରେ କଥା ସରିନି, ଏହାର ଉଦ୍‌ଘାଟନ ମଧ୍ୟ ଥିଲା ଖୁବ୍ ଚମକପ୍ରଦ । ଆକର୍ଷଣୀୟ ସାଜସଜ୍ଜା ସହିତ ଲେଜର ଲାଇଟ୍‌ରେ ଚମକୁଥିଲା ଷ୍ଟାଡିୟମ । ଅତ୍ୟନ୍ତ ବର୍ଣ୍ଣାଢ଼୍ୟ ପରିବେଶରେ ଏହାର ଉଦ୍‌ଘାଟନ ସମସ୍ତଙ୍କୁ ଚକିତ କରିଦେଇଛି । ଏଥିରେ ଓଡ଼ିଶାର ଗୌରବ ଗାଥାକୁ ନୃତ୍ୟ ଓ ଗୀତରେ ବଖାଣିଥିଲେ କଳାକାରମାନେ । ଷ୍ଟାଡିୟମ ଭିତରେ ଓ ବାହାରେ ଓଡ଼ିଶାର କୀର୍ତ୍ତିରାଜି, ମନୋରମ ପ୍ରାକୃତିକ ଦୃଶ୍ୟ ଖେଳାଳି ଓ ଅତିଥିମାନଙ୍କୁ ବିଭୋର କରିଛି । ଆଇଏଏଫ୍ ପକ୍ଷରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା କରାଯାଇଛି । ଏଥିପାଇଁ ଯେ ଭାରତର ଅନ୍ୟ କେତୋଟି ରାଜ୍ୟ ଅଳ୍ପଦିନ ମଧ୍ୟରେ ଏଭଳି ଏକ କ୍ରୀଡ଼ାର ଆୟୋଜନ ପାଇଁ ଅସମର୍ଥ ଥିଲା ବେଳେ ଓଡ଼ିଶା ସରକାର ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲେ । ଯାହାକି ଏକ ଐତିହାସିକ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟ କ୍ରୀଡ଼ା ମନ୍ତ୍ରୀ, ମୁଖ୍ୟ ସଚିବ, କ୍ରୀଡ଼ା ବିଭାଗ ସଚିବ ତଥା ବିଭାଗୀୟ କର୍ମକର୍ତ୍ତାମାନଙ୍କ ବଳିଷ୍ଠ କାର୍ଯ୍ୟର ଠୋସ୍ ପ୍ରମାଣ ହେଉଛି ଏହି କ୍ରୀଡ଼ା ମହାକୁମ୍ଭ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଏହି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀକୁ ଉପଭୋଗ କରିବା ନିମନ୍ତେ ସମସ୍ତ ବିଧାୟକଙ୍କୁ ଠୁଳ କରି ଷ୍ଟାଡିୟମକୁ ପଠାଇବାର ଅପୂର୍ବ ସମନ୍ୱୟ କରି ମୁଖ୍ୟମନ୍ତ୍ରୀ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ରାଜ୍ୟ ସରକାରଙ୍କ ଦୃଢ଼ ମନୋବଳର ପ୍ରମାଣ ଦେଇଛି ଏହି କ୍ରୀଡ଼ା ଆୟୋଜନ । ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଅନ୍ୟମାନଙ୍କ ଜାଣିବା ନିମନ୍ତେ ଏହାଥିଲା ଅପୂର୍ବ ସୁଯୋଗ । ଉଦ୍‌ଘାଟନୀ ପର୍ବର ସବୁଥିରେ ଓଡ଼ିଶାର ଝଲକ । ବାଦବିବାଦରୁ ଊର୍ଦ୍ଧ୍ୱରେ ରହି ଓଡ଼ିଶାକୁ ବିଶ୍ୱସ୍ତରୀୟ କ୍ରୀଡ଼ା ଭେନ୍ୟୁରେ ପରିଣତ କରାଯିବା ନିଶ୍ଚିତ ଏକ ସଫଳ ପ୍ରୟାସ । ଭବିଷ୍ୟତ ପାଇଁ ରାଜ୍ୟରେ ଏକ କ୍ରୀଡ଼ା ଧାରାର ଆରମ୍ଭ, ପ୍ରଶଂସା ନୁହେଁ ତ ଆଉ କ'ଣ !

# ଉଡ଼ିପିରୁ ରାଜକୋଟ୍ : ଆଚରଣ ଓ ଉଚ୍ଚାରଣର ବ୍ୟବଧାନ



କେଦାର ମିଶ୍ର

ଭାରତକୁ ଯଦି ଚିହ୍ନିବାକୁ ଋହୁଁଛନ୍ତି, ତା'ହେଲେ ଉଡ଼ିପିର ପେଜାୱାର୍ ମଠର ମୁଖ୍ୟ ବିଶ୍ୱେଷତୀର୍ଥ ସ୍ୱାମୀଙ୍କୁ ଦେଖନ୍ତୁ । ଯେଉଁମାନେ ଧର୍ମନିରପେକ୍ଷତାର କଠୋର ତତ୍ତ୍ୱରେ ବିଶ୍ୱାସ କରନ୍ତି, ସେମାନଙ୍କ ପାଇଁ ଏହା ହୁଏତ ଏକ ବଡ଼ ଘଟଣା ନୁହେଁ । ତେବେ ଭାରତ ଭଳି ଧାର୍ମିକ ବହୁଳତା ଓ ବିବିଧତାର ଦେଶରେ ବିଶ୍ୱେଷତୀର୍ଥ ସ୍ୱାମୀ ଏକ ବଡ଼ ଉଦାହରଣ ସୃଷ୍ଟି କରିପାରନ୍ତି । ଚଳିତ ବର୍ଷ ଇଦ୍ ପର୍ବ ପାଳନର ପୂର୍ବଦିନ କର୍ଣ୍ଣାଟକର ଉଡ଼ିପିସ୍ଥିତ ପେଜାୱାର୍ ମଠରେ ଏକ ଐତିହାସିକ ଘଟଣା ଘଟିଲା । ସେଦିନ ଉଡ଼ିପି ଓ ଆଖପାଖ ଅଞ୍ଚଳର ଶହ ଶହ ମୁସଲମାନ୍ ମଠକୁ ଆମନ୍ତ୍ରିତ ହୋଇ ଆସିଥିଲେ । ମଠ ପରିସରରେ ଥିବା ଭୋଜନାଳୟରେ ସେମାନେ ନମାଜ୍ ପଢିଲେ ଓ ନିଜର ଉପବାସ ଭାଙ୍ଗିଲେ । ମଠର ମୁଖିଆ । ବିଶ୍ୱେଷତୀର୍ଥ ସ୍ୱାମୀ ନିଜେ ସମସ୍ତଙ୍କୁ ପ୍ରସାଦ ବାଣ୍ଟି ସେମାନଙ୍କର ରୋଜା ଭାଙ୍ଗିଲେ । ଏହା ଅନେକଙ୍କ ଦେହରେ ଗଳାନାହିଁ । କର୍ଣ୍ଣାଟକର କଠୋରପନ୍ଥୀ ସାମ୍ପ୍ରଦାୟିକ ବ୍ୟକ୍ତିତ୍ୱ ପ୍ରମୋଦ ମୁଥାଲିକ୍ ଏହାକୁ ହିନ୍ଦୁଧର୍ମର ବିରୋଧୀ ବୋଲି କହି ଏବେ ବେଶ୍ ହଙ୍ଗାମା ଆରମ୍ଭ କରିଛନ୍ତି । ମୁଥାଲିକ୍‌ଙ୍କ ମତରେ, 'ଗୋମାଂସ ଖାଉଥିବା ଲୋକ'ଙ୍କୁ ହିନ୍ଦୁ ମଠ ଭିତରେ ଖାଇବାକୁ ଦେବା ଧର୍ମବିରୋଧୀ । କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ର ଆଇନ୍‌ମନ୍ତ୍ରୀ ସଦାନନ୍ଦ ଗୌଡ଼ ଏହାକୁ ସ୍ୱାଗତ କରିବା ଛଳରେ ଏହା ମଧ୍ୟ କହିଛନ୍ତି ଯେ ହିନ୍ଦୁଧର୍ମର ପୂଜା ପରିସରକୁ ଅନ୍ୟଧର୍ମର ଲୋକଙ୍କୁ ଡାକିବା ଉଚିତ୍ ହୋଇନାହିଁ । ଗୋଟିଏ ପକ୍ଷରେ ଜଣେ ବୟୋଜ୍ୟେଷ୍ଠ ସାଧୁ ଓ ତାଙ୍କ ବିପକ୍ଷରେ କ୍ଷମତାଲୋଭୀ କିଛି ରାଜନେତା । ଏମିତି ଦେଖିଲେ ବିଶ୍ୱେଷତୀର୍ଥ ସ୍ୱାମୀ ଜଣେ ନୈଷ୍ଠିକ ସନ୍ନ୍ୟାସୀ । ବିଶ୍ୱହିନ୍ଦୁ ପରିଷଦର ସେ ଜଣେ ସମ୍ମାନିତ ନେତା । ତଥାପି ସେ ଏ ପ୍ରକାର ସଦ୍‌ଭାବନାକୁ ଉତ୍ସାହିତ କରିଛନ୍ତି । କେବଳ ଉତ୍ସାହିତ କରିନାହାନ୍ତି, ଯେଉଁ ରାଜନେତାମାନେ ତାଙ୍କୁ ବିରୋଧ କରିଛନ୍ତି ସେମାନଙ୍କୁ ସେ କଡ଼ା ଭାଷାରେ ତାଗିଦ୍ ମଧ୍ୟ କରିଛନ୍ତି । ପ୍ରମୋଦ ମୁଥାଲିକ୍ ଧର୍ମ ନାମରେ ଗୁଣ୍ଡାମିର ଜଣେ ବଡ଼ ପ୍ରବର୍ତ୍ତକ । ଶ୍ରୀରାମ ସେନା ନାମରେ ଏକ ସଂଗଠନ ଗଢ଼ି ବିଭିନ୍ନ ସମୟରେ ହିଂସାକାଣ୍ଡ ଭିଆଇବା ତାଙ୍କର ପ୍ରବୃତ୍ତି । ଏ ମହାଶୟ ବିଶ୍ୱେଷତୀର୍ଥ ସ୍ୱାମୀଙ୍କୁ ପଋରିଛନ୍ତି, ମୁସଲମାନ୍‌ମାନେ ହିନ୍ଦୁ ସନ୍ଥମାନଙ୍କୁ ତାଙ୍କର ଧାର୍ମିକ ଉତ୍ସବରେ ଆମନ୍ତ୍ରଣ କରିବେ କି? ତାଙ୍କୁ ଉତ୍ତର ଦେବାକୁ ଯାଇ ସ୍ୱାମିଜୀ କହିଛନ୍ତି, 'ମୁଁ ବହୁ ମସ୍‌ଜିଦ୍ ଉଦ୍‌ଘାଟନ କରିଛି ଓ ବହୁ ମସ୍‌ଜିଦ୍ ପରିସରରେ ଧର୍ମପ୍ରଋର କରିଛି ।

ଯେତେବେଳେ ସାରା ଦେଶରେ ଧର୍ମକତା ଉନ୍ମାଦ ଓ ଗୋରକ୍ଷା ନାଁରେ ମଣିଷ ହତ୍ୟାର ଏକ ବିଭତ୍ସ ପରିବେଶ ସୃଷ୍ଟି ହୋଇଛି, ସେହି ସମୟରେ ଉଡ଼ିପି ଏକ ଚମତ୍କାର ବାର୍ତ୍ତା ଦେଇଛି । ଭାରତୀୟ ବେଦାନ୍ତ ଦର୍ଶନରେ ଦ୍ୱୈତବାଦର ପ୍ରବର୍ତ୍ତକ ମାଧ୍ୱାର୍ଚ୍ଚର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଉଡ଼ିପି ବୈଷ୍ଣବ ମତ ପାଇଁ ଯେତିକି ପ୍ରସିଦ୍ଧ, ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ପାଇଁ ମଧ୍ୟ ସେତିକି ପ୍ରସିଦ୍ଧ । ପେଜାୱାର୍ ମଠର ମହନ୍ତମାନେ ଶହ ଶହ ବର୍ଷ ଧରି ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସଦ୍‌ଭାବନା ରକ୍ଷା ପାଇଁ ଉଦ୍ୟମ କରିଆସୁଛନ୍ତି । ତେଣୁ ଏହି ମଠ ପ୍ରତି ସବୁ ଧର୍ମର ଜନସାଧାରଣଙ୍କ ସମ୍ମାନ ରହିଛି । ଇଫ୍‌ତାର ଭୋଜିର ଆୟୋଜନ କରି ବିଶ୍ୱେଷତୀର୍ଥ ସ୍ୱାମୀ ସାରାଦେଶକୁ ଧର୍ମରୁ ଊର୍ଦ୍ଧ୍ୱକୁ ଯାଇ ଏକ ମାନବିକତାର ମଣ୍ଡପ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଏ ପ୍ରକାର ଆହ୍ୱାନର ଆମ ସମୟର ରାଜନେତାମାନେ ହଜମ ନ କରିବାର ଅନେକ କାରଣ ରହିଛି ।

ଏହି ସମାନ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରୁ ଫେରି ଗୁଜୁରାଟ ଗସ୍ତରେ ଯାଉଛନ୍ତି । ତାଙ୍କ ଗସ୍ତ ପୂର୍ବରୁ ସାରା ଦେଶରେ ହିଂସାକାଣ୍ଡ ଓ ହତ୍ୟାର ଧାରାବାହିକ ଘଟଣାବଳୀ ଏ ଦେଶର ନାଗରିକଙ୍କୁ ବିଚଳିତ କରିଛି । ହରିୟାଣାର ବଲ୍ଲଭଗଡ଼ରେ ଜୁନେଦ୍ ନାମକ ଜଣେ ୧୫ ବର୍ଷର ଯୁବକଙ୍କୁ ଟ୍ରେନ୍‌ରେ ପିଟି ପିଟି ମାରିଦିଆଯାଇଛି । ତେବେ ଏହି ହତ୍ୟାର ଏକମାତ୍ର କାରଣ ହେଉଛି - ଜୁନେଦ ଜଣେ ଗୋମାଂସଭକ୍ଷୀ ମୁସଲମାନ୍ । ସାରାଦେଶରେ ମୁସଲମାନ୍ ବିରୋଧରେ କେବେ ଘୃଣା ଓ ବିଦ୍ୱେଷର ଯେଉଁ ବାତାବରଣ ସୃଷ୍ଟି କରାଯାଇଛି, ସେଥିରେ ସବୁ ମୁସଲମାନ ଆତଙ୍କିତ ଅବସ୍ଥାରେ ରହିବାକୁ ବାଧ୍ୟ । ଏହି ସ୍ଥିତିକୁ ବଦଳାଇବା ପାଇଁ ଦେଶର ପ୍ରଧାନମନ୍ତ୍ରୀ ଉଦ୍ୟମ କରିବା ଜରୁରୀ ବୋଲି ସବୁ ସଚେତନ ନାଗରିକ ଆଶା ପ୍ରକାଶ କରିଛନ୍ତି, ହେଲେ ନିରାଶ ହୋଇଛନ୍ତି । ବର୍ଷେ ତଳେ ଯେତେବେଳେ ଗୁଜୁରାଟର ଦଳିତ ଯୁବକମାନଙ୍କୁ ମୃତଗାଈର ଚମଡ଼ା ଉତାରିବା ଦୋଷରେ ମରଣାନ୍ତକ ଆକ୍ରମଣ କରାଗଲା, ସେତେବେଳେ ପ୍ରଧାନମନ୍ତ୍ରୀ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିଥିଲେ । ତା'ପରେ ରାଜକୋଟ୍‌ରେ ସେ ମୁହଁ ଖୋଲିଛନ୍ତି । ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିରେ ମୁଣ୍ଡିଆ ମାରିସାରିଲା ପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ 'ଗାନ୍ଧୀଙ୍କ ଦେଶରେ ଗୋ-ରକ୍ଷା ନାମରେ ଗୁଣ୍ଡାଗିରିକୁ ବରଦାସ୍ତ କରାଯିବ ନାହିଁ ।' ତା'ପୂର୍ବରୁ ଟ୍ୱିଟର୍‌ରେ ମଧ୍ୟ ପ୍ରଧାନମନ୍ତ୍ରୀ ଅତି କଡ଼ାଭାଷାରେ ଏ ପ୍ରକାର ହିଂସାକାଣ୍ଡକୁ ନିନ୍ଦା କରିଛନ୍ତି । ପ୍ରଧାମନ୍ତ୍ରୀଙ୍କ ନିନ୍ଦାବାଦ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । ତେବେ ଏହି ନିନ୍ଦାବାଦ ପଛରେ ପ୍ରଧାନମନ୍ତ୍ରୀଙ୍କର ଆନ୍ତରିକତା କେତେ, ତାହା ହେଉଛି ସବୁଠୁ ବଡ଼ ପ୍ରଶ୍ନବାଚୀ ।

ପ୍ରଧାନମନ୍ତ୍ରୀ ତାଙ୍କ ରାଜକୋଟ୍ ଭାଷଣ ରଖିବାର ଦୁଇଘଣ୍ଟା ଭିତରେ ଝାଡ଼ଖଣ୍ଡର ଜଣେ ଗୋରୁବିକାଳୀଙ୍କୁ ଜୀଅଁନ୍ତା ପିଟି ପିଟି ହତ୍ୟା କରାଗଲା । ରାସ୍ତାରେ ଜଣେ ସାଧାରଣ ଲୋକଙ୍କୁ ଠିଆକରି ସାଧାରଣ ଜନତା ତାକୁ ଝୁଣି ଝୁଣି ମାରିଦେବାର ଅମାନବୀୟ ଦୃଶ୍ୟ ଯେ ଦେଖିଛି, ସେ ଭୟରେ ଶିହରି ଉଠିଛି । ଦୁର୍ଭାଗ୍ୟର କଥା ହେଉଛି ଏ ପ୍ରକାର ଦୃଶ୍ୟ ଆମ ଶାସକମାନଙ୍କୁ ବିଚଳିତ କରୁନାହିଁ । ନାଗରିକ ସମାଜର ଋପ ଓ ପ୍ରତିବାଦ ଫଳରେ ପ୍ରଧାନମନ୍ତ୍ରୀ ହୁଏତ ଏହି ଘଟଣାକୁ ନିନ୍ଦା କରିଛନ୍ତି । ହେଲେ ତାଙ୍କ ନିନ୍ଦା ପଛରେ ଯୁକ୍ତିଯୁକ୍ତ ଆଧାର ନାହିଁ । ଏପର୍ଯ୍ୟନ୍ତ ଯେଉଁସବୁ ରାଜ୍ୟରେ ଏ ପ୍ରକାର ଅମାନବୀୟ ଘଟଣା ଘଟିଛି, ସେଇ ସବୁ ରାଜ୍ୟରୁ ପ୍ରଧାନମନ୍ତ୍ରୀ ଗୋଟିଏ ବି ରିପୋର୍ଟ ମାଗିନାହାନ୍ତି ।

ଉଡ଼ିପିମଠର ସ୍ୱାମିଜୀ ଯେମିତି ମୁସଲମାନ ଓ ହିନ୍ଦୁଙ୍କୁ ଏକାଠି ଡାକି ସେମାନଙ୍କ ସହ ସହଭାଗିତାର ପରମ୍ପରା ଆରମ୍ଭ କରିଛନ୍ତି, ପ୍ରଧାନମନ୍ତ୍ରୀ ସେ ପ୍ରକାର ପରମ୍ପରା ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି । ଜଣେ ଛୟାଅଶୀ ବର୍ଷର ସାଧୁ ନିଜ ଆଚରଣରେ ଧାର୍ମିକ ସଦ୍‌ଭାବନାକୁ ବଞ୍ଚୁଥିବାବେଳେ ପ୍ରଧାନମନ୍ତ୍ରୀ କେବଳ ଭାଷଣ ଦେଇ ଋଲିଛନ୍ତି । ଉଚ୍ଚାରଣ ଓ ଆଚରଣରେ ଯଥେଷ୍ଟ ବ୍ୟବଧାନ ରହୁଥିବାରୁ ମୋଦିଙ୍କର ନେତୃତ୍ୱ ପ୍ରତି ଏ ଦେଶର ଗଣତନ୍ତ୍ରପ୍ରେମୀ ଜନତା ସନ୍ଦେହ ପ୍ରକଟ କରିବାକୁ ବାଧ୍ୟ । ଉତ୍ତରପ୍ରଦେଶର ଦାଦ୍ରୀଠାରେ ଘଟିଥିବା ମହମ୍ମଦ ଅଖଲାଖ୍ ହତ୍ୟାକାଣ୍ଡଠୁ ଗତକାଲି ଘଟିଥିବା ଝାରଖଣ୍ଡ ହତ୍ୟାକାଣ୍ଡ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଚୁପ୍ ରହିଆସିଛନ୍ତି । ଏହି ପ୍ରକାର ଜଘନ୍ୟ ହତ୍ୟାକାଣ୍ଡର ଶିକାର ହୋଇଥିବା ସାଧାରଣ ମଣିଷ ପ୍ରତି ସମ୍ବେଦନା ପ୍ରଦର୍ଶନ କରିବାର ସାମାନ୍ୟତମ ସୌଜନ୍ୟ ପ୍ରଧାନମନ୍ତ୍ରୀ ଦେଖାଇନାହାନ୍ତି । ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ନରେନ୍ଦ୍ର ମୋଦି କୌଣସି ଭାରତୀୟ ମୁସଲିମ୍ ନେତାଙ୍କ ଜୟନ୍ତୀ ବା ଶ୍ରାଦ୍ଧସଭାକୁ ଯାଇନାହାନ୍ତି । ଏପରିକି ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଦେଇଥିବା ଇଫ୍‌ତାର ଭୋଜିରେ ପ୍ରଧାନମନ୍ତ୍ରୀ ତ ଯୋଗ ଦେଲେ ନାହିଁ, ତାଙ୍କୁ ଅନୁସରଣ କରି ତାଙ୍କ ମନ୍ତ୍ରିମଣ୍ଡଳର ଜଣେ ମଧ୍ୟ ମନ୍ତ୍ରୀ ରାଷ୍ଟ୍ରପତିଙ୍କ ଭୋଜିକୁ ଗଲେ ନାହିଁ ।

ପ୍ରଧାନମନ୍ତ୍ରୀ ଯେତେବେଳେ ଏକ ହିଂସାକାଣ୍ଡକୁ ନିନ୍ଦା କରୁଛନ୍ତି, ତାହା କେବଳ ଭାଷଣରେ ସୀମିତ ରହିବା ଉଚିତ୍ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ ବକ୍ତବ୍ୟର ମର୍ଯ୍ୟାଦା ରହିଛି । ତାଙ୍କୁ ଅନୁଗମନ କରୁଥିବା ଦଳୀୟ କର୍ମୀ ଓ ନେତାମାନେ ସେକଥାକୁ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଏ । ତେବେ ଏ କ୍ଷେତ୍ରରେ ଠିକ୍ ଓଲଟା ଘଟୁଛି । ପ୍ରଧାନମନ୍ତ୍ରୀ ଗାନ୍ଧିଙ୍କୁ ଭାରତର ମହାନାୟକ ବୋଲି କହି ତାଙ୍କ ପାଦତଳେ ମୁଣ୍ଡିଆ ମାରୁଥିବାବେଳେ ତାଙ୍କ ଦଳର ସଭାପତି 'ଗାନ୍ଧି ଜଣେ ଚତୁର ବଣିଆ ଥିଲା' ବୋଲି ଅତ୍ୟନ୍ତ ଅପମାନଜନକ ବକ୍ତବ୍ୟ ଦେଉଛନ୍ତି । ଯେଉଁମାନେ ହିଂସାକାଣ୍ଡ ଭିଆଉଛନ୍ତି, ସେମାନଙ୍କୁ ବିଜେପିର ନେତା, ମନ୍ତ୍ରୀ ତଥା ସଂଘ ପରିବାରର ବରିଷ୍ଠ ସଭ୍ୟମାନେ ଖୋଲାଖୋଲି ସମର୍ଥନ ଦେଉଛନ୍ତି । ବାସ୍ତବ ଦୃଷ୍ଟିରୁ ଦେଖିଲେ, ଏହି ହତ୍ୟାକାଣ୍ଡ ପଛରେ ଏକ ବିଭାଜନକାରୀ ରାଜନୀତି ସ୍ପଷ୍ଟ ଭାବରେ କାମ କରୁଛି । ପ୍ରଧାନମନ୍ତ୍ରୀ କେବେ କେମିତି ଭାଷଣ ମାଧ୍ୟମରେ ଅତ୍ୟନ୍ତ ଭାବପ୍ରବଣ ଆବେଦନ କରୁଥିବା ବେଳେ ତାଙ୍କ ଦଳର ଅନୁଗାମୀମାନେ ସାଙ୍ଗେ ସାଙ୍ଗେ ଆଉ ଗୋଟିଏ ପ୍ରକାର ଆଚରଣ କରୁଛନ୍ତି । ରାଜକୋଟ୍ ବକ୍ତବ୍ୟର ମାତ୍ର ଅଳ୍ପ ସମୟ ଭିତରେ ବିଜେପି ଆଇଟି ସେଲ୍‌ର ମୁଖ୍ୟ ଅମିତ ମାଳବ୍ୟ କହିଲେ ଯେ ସଂଖ୍ୟାଲଘୁମାନଙ୍କର ସପକ୍ଷରେ ଯେଉଁମାନେ ବାହାରୁଛନ୍ତି, ତାଙ୍କ ବିରୁଦ୍ଧରେ ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ନିଜ ମତ ସାବ୍ୟସ୍ତ କରିବା ପାଇଁ ଦୃଢ ହେବାକୁ ପଡ଼ିବ । ଅର୍ଥାତ୍ ପରୋକ୍ଷରେ ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କର ହିଂସା ଓ ବିଦ୍ୱେଷ ଅମିତ୍ ମାଳବ୍ୟ ସମର୍ଥନ କରିଛନ୍ତି । ସାରାଦେଶରେ ଏକ ଘୃଣାସୃଷ୍ଟିକାରୀ ଭିଡ଼ର ନିର୍ମାଣ ଏବେ ଭୟଙ୍କର ରୂପ ନେଇଛି । କୌଣସି ମୁହୂର୍ତ୍ତରେ କେହି ବି ଆପଣଙ୍କୁ ମାରିଦେଇପାରେ । ଆଇନ୍‌ର ଶାସନ ଏବେ ଭିଡ଼ର ଶାସନ ପାଲଟିଯାଇଛି । ଭିଡ଼ ଉପରେ ପୋଲିସ୍ ଓ ଶାସନର ନିୟନ୍ତ୍ରଣ ନାହିଁ । ବରଂ ଭିଡ଼କୁ ଉତ୍ସାହିତ କରିବା ପାଇଁ ସରକାରୀ ଦଳର ପରୋକ୍ଷ ସମର୍ଥନରେ ପୋଲିସ୍ ନିରବଦ୍ରଷ୍ଟା ସାଜିଛି ।

ଏହି ପୃଷ୍ଠଭୂମିରେ ଉଡ଼ିପି ଭଳି ଉଦାହରଣ ଆମ ମନରେ ଅନେକ ଆଶାର ସଂଋର କରୁଛି । ଆଜି ଏ ଦେଶର ରାଜନୈତିକ ନେତୃତ୍ୱ ସାମାଜିକ ସଦ୍‌ଭାବ ସୃଷ୍ଟି କରିପାରିବା ଭଳି ମାନସିକତା ନେଇ କାମ କରୁନାହିଁ । ତେଣୁ ତା'ରି ପ୍ରତିବାଦରେ ଏ ଦେଶର ନାଗରିକ ସମାଜ ଓ ଧାର୍ମିକ ଗୁରୁମାନେ ଠିଆ ହେବାର ଆବଶ୍ୟକତା ରହିଛି । ଉଡ଼ିପି ମଠର ମହନ୍ତ ଗୋଟିଏ ଉଦାହରଣ ସୃଷ୍ଟି କରିଛନ୍ତି । ସେହି ଉଦାହରଣରୁ ପ୍ରଧାନମନ୍ତ୍ରୀ ହୁଏତ କିଛି ଶିଖିବେ ନାହିଁ, କିନ୍ତୁ ଆମେ ସାଧାରଣ ନାଗରିକମାନେ ଅନେକ କିଛି ଶିଖିପାରିବା ଓ ଅନେକ କିଛି କରିପାରିବା ।

ଭୁବନେଶ୍ୱର

# ପାଠାଗାର ଆନ୍ଦୋଳନ କାହିଁକି

ଜେ.ଏସ.କୁମାର

ଆମ ଦେଶରେ ପ୍ରତିଦିନ ଜନସଂଖ୍ୟାରେ ବୃଦ୍ଧି ସହ ଶିକ୍ଷିତ ଲୋକଙ୍କ ସଂଖ୍ୟାରେ ମଧ୍ୟ ବୃଦ୍ଧି ହେଉଛି । ଶିକ୍ଷିତ ଲୋକଙ୍କୁ ସଂସ୍କାରିତ କରିବା, ବୌଦ୍ଧିକ ବିକାଶ ସ୍ତରକୁ ଆଣିବାର ଉନ୍ନତ କାର୍ଯ୍ୟରେ ପାଠାଗାରଟିଏ ସହାୟକ ହୋଇଥାଏ ଅତୀତକୁ ଜାଣିବାକୁ । ସଂସ୍କୃତିକୁ ଧରି ରଖିବାକୁ ଆମକୁ ଦେଶ ଓ ସମାଜର ଧାରାକୁ ଅଧ୍ୟୟନ କରିବାକୁ ହୋଇଥାଏ । ହଜାର ହଜାର ବର୍ଷର ବୌଦ୍ଧିକ ସଂପତ୍ତି ସବୁ କେବଳ ପାଠାଗାର ମଧ୍ୟରେ ସାଇତା ହୋଇ ରହିଥାଏ । ଆଜି ଯେପରି ବିଭିନ୍ନ ବୌଦ୍ଧମଠଗୁଡିକରେ ହଜାର ବର୍ଷରୁ ଅଧିକ ବର୍ଷର ପୋଥିଗୁଡିକ ସାଇତା ହୋଇ ରହିଛି, ଅଥଚ ବର୍ତ୍ତମାନର ଶାସକବର୍ଗଙ୍କ ଲକ୍ଷ୍ୟ ହେଉଛି ଏହାର ଠିକ୍ ବିପରୀତ । ଯଦି କେଉଁଠି ପାଠାଗାର ରହିଛି ତେବେ ତାକୁ ବନ୍ଦ କର । ବର୍ତ୍ତମାନର ସାଂସଦ, ମନ୍ତ୍ରୀ ଓ ବିଧାୟକମାନେ ଯୁବକସଂଘକୁ ସହାୟତା ଦେବାକୁ ଯେତେ ଆଗ୍ରହୀ ପାଠାଗାରଗୁଡିକର ଉନ୍ନତିକରଣ ଓ ନୂତନ ପାଠାଗାର ନିର୍ମାଣ ପାଇଁ ସେତେ ଆଗ୍ରହୀ ନୁହନ୍ତି । ଯେଉଁଥିପାଇଁ ପ୍ରତିବର୍ଷ ସାଂସଦମାନଙ୍କ ପାଣ୍ଠିରେ ପାଠାଗାର ପାଇଁ ୨୦ଲକ୍ଷ ଟଙ୍କାର ବହି କିଣାଯାଇ ପାରିବାର ନିୟମ ଥିଲେ ମଧ୍ୟ ସାଂସଦମାନେ ତାହା କରିବା କ୍ଷେତ୍ରରେ ଦାରୁଭୂତ ମୁରାରୀ ସଦୃଶ । ନିଜେ ପଢି ଅନ୍ୟକୁ ପଢିବାରେ ସାହାଯ୍ୟ କରିବାପାଇଁ ଲୋକଙ୍କ ଦାନରୁ ପ୍ରାପ୍ତ ପୁରୁଣା ପୁସ୍ତକ ଆଧାରରେ ଯେଉଁ ପାଠାଗାର ଆନ୍ଦୋଳନ ଏକଦା ଆଗେଇଥିଲା ଏବେ ତାର ଗତି ଅତି ମନ୍ଥର । ତେଣୁ ଦେଶରେ ପୁନର୍ବାର ପାଠାଗାର ଆନ୍ଦୋଳନକୁ ସଶକ୍ତ କରି ଗଢିତୋଳିବା ଲାଗି ସରକାରୀ ଓ ବେସରକାରୀ କ୍ଷେତ୍ରରେ ଅନେକ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

ସାଧାରଣ ପାଠାଗାର ଆନ୍ଦୋଳନ କଥା ଚିନ୍ତା କଲାବେଳେ ବରୋଦାର ମହାରାଜା ସୟାଜୀ ରାଓ ଗାଏକୱାଡଙ୍କ ନାମ ମନକୁ ଆସେ । ୧୯୧୦ରେ ସେ ତାଙ୍କ ରାଜ୍ୟରେ ମାଗଣାରେ ସାଧାରଣ ପାଠାଗାର ବ୍ୟବସ୍ଥା କରିଥିଲେ । ପାଠାଗାରକୁ ସେ ଲୋକଙ୍କ ବିଶ୍ୱବିଦ୍ୟାଳୟ ବୋଲି କହୁଥିଲେ । ଆଞ୍ଚଳିକ ଭାଷାର ପୁସ୍ତକମାନ ପାଠାଗାରଗୁଡିକରେ ରହିବା ଉପରେ ଜୋରଦେବାକୁ ସେ କହୁଥିଲେ । ଗୁଜୁରାଟ ରାଜ୍ୟର ବରୋଦାଠାରେ ସେ କେନ୍ଦ୍ରୀୟ ପାଠାଗାର ଜନସାଧାରଣଙ୍କ ପାଇଁ ଖୋଲିଥିଲେ, ଯେଉଁଠି ୮୮,୭୬୪ଟି ପୁସ୍ତକ ରହିଥିଲା । ସେଥିରେ ମହାରାଜାଙ୍କ ନିଜ ସଂଗ୍ରହର ୨୦,୦୦୦ ଖଣ୍ଡ ପୁସ୍ତକ ଥିଲା । ଉକ୍ତ ପାଠାଗାରରେ ଜଣେ ପୂର୍ଣ୍ଣକାଳୀନ କ୍ୟୁରେଟରଙ୍କ ଛଡା ୫୦ଜଣ କର୍ମଚାରୀଙ୍କୁ ମହାରାଜା ନିଯୁକ୍ତି ଦେଇଥିଲେ ।

ପ୍ରତିବର୍ଷ ଦେଶରେ ହଜାର ହଜାର ସଂଖ୍ୟକ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଖୋଲାଯିବା ବେଳେ ଗବେଷଣା ପାଇଁ ଯେପରି ଭିତ୍ତିଭୂମି ଥିବା ପ୍ରାଚୀନ ପୁସ୍ତକ ଓ ସାହିତ୍ୟର ସଂଗ୍ରହଥିବା ସାଧାରଣ ପାଠାଗାର ଆବଶ୍ୟକ ତାହା ଖୋଲାଯିବା ସମ୍ଭବ ହେଉନାହିଁ । ଫଳରେ ଦେଶରେ ଉଚ୍ଚତର ଗବେଷଣାର ମାନ ହ୍ରାସ ପାଇବାରେ ଲାଗିଛି । ଯେଉଁ କାରଣରୁ ଆମ ଦେଶରେ ପିଏଚଡି ଡିଗ୍ରୀ ତୁଳନାରେ ଡିଗ୍ରୀ ପ୍ରାପ୍ତ ଗବେଷଣାଗ୍ରନ୍ଥର ପ୍ରକାଶନ ବହୁତ କମ ହେଉଛି ।

ହିସାବରୁ ଯାହା ଜଣାଯାଏ ଭାରତରେ ୭୦,୦୦୦ ସାଧାରଣ ପାଠାଗାର ରହିଛି । ମୋଟ ପାଠାଗାର ସଂଖ୍ୟା ଦେଶରେ ୧,୪୬,୧୭୩ ରହିଛି । ସାଧାରଣ ପାଠାଗାର ପାଇଁ ସରକାର ମାତ୍ର ୦.୦୭ଟଙ୍କା ଖର୍ଚ୍ଚ କରିଥାନ୍ତି । ତେବେ ଆମଦେଶରେ ସର୍ବାଧିକ ପାଠାଗାର ମଧ୍ୟପ୍ରଦେଶରେ ୯୭,୦୪୪ଟି ଅଛି । ଏହା ପଛକୁ ମହାରାଷ୍ଟ୍ରରେ ୧୨୦୪୧, କେରଳରେ ୭୬୫୬, କର୍ଣ୍ଣାଟକରେ ୬୬୩୮, ପଶ୍ଚିମବଙ୍ଗରେ ୫୩୨୪, ତାମିଲନାଡୁରେ ୪୫୩୧, ବିହାର ଓ ଝାଡଖଣ୍ଡ ମିଳିତ ରାଜ୍ୟରେ ୪୦୦୧, ଗୁଜୁରାଟରେ ୪୪୭୬, ଆନ୍ଧ୍ରପ୍ରଦେଶରେ ୨୩୮୬, ଉତ୍ତର ପ୍ରଦେଶରେ ୨୦୭୨, ଛତିଶଗଡରେ ୧୬୧୦, ଓଡିଶାରେ ୧୦୦୦, ତେଲେଙ୍ଗାନାରେ ୭୮୦, ନାଗାଲାଣ୍ଡରେ ୬୦୯, ପଞ୍ଜାବରେ ୫୮୦, ମିଜୋରାମରେ ୪୬୫, ମଣିପୁରରେ ୪୧୧, ଅରୁଣାଚଳ ପ୍ରଦେଶ ୪୫୩, ରାଜସ୍ଥାନରେ ୨୭୮, ଆସାମରେ ୪୫୩, ହିମାଚଳ ପ୍ରଦେଶରେ ୨୨୧, ଗୋଆ ୧୮୦, ମେଘାଳୟ୯୪, ତ୍ରିପୁରା ୪୫ ଏବଂ ଜାମ୍ମୁ କାଶ୍ମୀର ୬୦, ହରିଆନା ୫୦, ଉତ୍ତରାଖଣ୍ଡ ୪୭ ତ୍ରିପୁରା ୪୫ ଏବଂ ସିକିମରେ ୧୧ଟି ସାଧାରଣ ପାଠାଗାର ରହିଛି । ଯେଉଁସବୁ ପାଠାଗାର ଦେଶର ଗବେଷକମାନଙ୍କ ପାଇଁ ତଥ୍ୟ ସଂଗ୍ରହର ମୁଖ୍ୟକେନ୍ଦ୍ର ପାଲଟିଛି ତନ୍ମଧ୍ୟରେ ଚେନ୍ନାଇର ଆନ୍ନା କେନ୍ଦ୍ରୀୟ ପାଠାଗାର, କୋଲକାତାର ଜାତୀୟ ପାଠାଗାର, ହାଇଦ୍ରାବାଦର ରାଜ୍ୟ କେନ୍ଦ୍ରୀୟ ପାଠାଗାର, ନୂଆଦିଲ୍ଲୀର ନେହେରୁ ସ୍ମୃତି ସଂଗ୍ରହାଳୟ ଓ ପାଠାଗାର, ଉତ୍ତର ପ୍ରଦେଶର ରାମପୁର ରଜା ପାଠାଗାର, କର୍ଣ୍ଣାଟକର ଶେଷାଦ୍ରୀ ଆୟାର ସ୍ମାରକୀ ପାଠାଗାର, ମୁମ୍ବାଇର ଏସିଆଟିକ ସୋସାଇଟି ପାଠାଗାର ପ୍ରଧାନ ।

ଚେନ୍ନାଇର ଆନ୍ନା କେନ୍ଦ୍ରୀୟ ପାଠାଗାର ଆଠ ମହଲାର ଏକ ବିରାଟ ପାଠାଗାର ଯେଉଁଠି ସ୍ୱତନ୍ତ୍ର ବ୍ରେଲୀ ପୁସ୍ତକ ବିଭାଗକୁ ଛାଡି ଭିନ୍ନ ଭିନ୍ନ ବିଷୟରେ ୫ଲକ୍ଷରୁ ଅଧିକ ପୁସ୍ତକ ରହିଛି । କୋଲକାତାର ଆଲିପୁରଠାରେ ଥିବା ଜାତୀୟ ପାଠାଗାର ହେଉଛି ସ୍ୱାଧୀନତା ପୂର୍ବ ବଙ୍ଗଳାର ବ୍ରିଟିସ ଗଭର୍ଣ୍ଣରଙ୍କ ସରକାରୀ ନିବାସ । ଏଠାରେ ପ୍ରାୟ ୨୨ଲକ୍ଷରୁ ଅଧିକ ମୂଲ୍ୟବାନ ପୁସ୍ତକ ରହିଛି । ୧୮୩୬ରେ ଏହି ପାଠାଗାର ଆରମ୍ଭ ହୋଇଥିଲା । ହାଇଦ୍ରାବାଦସ୍ଥିତ ରାଜ୍ୟ କେନ୍ଦ୍ରୀୟ ପାଠାଗାରଟି ୧୮୯୧ରେ ତତ୍କାଳୀନ ନବାବ ଇମାଦ୍ ଉଲ୍ ମୁଲକଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଏଠାରେ ପ୍ରାୟ ୫ଲକ୍ଷରୁ ଅଧିକ ପୁସ୍ତକ ରହିଛି । ୧୯୯୮ରୁ ଏହାକୁ ଜାତୀୟ ଐତିହ୍ୟର ସମ୍ମାନ ଦିଆଯାଇଛି । ନୂଆଦିଲ୍ଲୀର ନେହେରୁ ସ୍ମାରକୀ ସଂଗ୍ରହାଳୟ ପାଠାଗାରଟି ୧୯୨୯-୩୦ରେ ତିନ୍‌ମୂର୍ତ୍ତି ଭବନ ଭାବେ ନିର୍ମିତ ହୋଇଥିଲା । ୧୯୬୪ ପର୍ଯ୍ୟନ୍ତ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏହା ବାସଭବନ ଥିଲା । ତାଙ୍କ ମୃତ୍ୟୁ ପରେ ଏହାକୁ ପାଠାଗାର ଓ ସ୍ମାରକୀରେ ପରିବର୍ତ୍ତିତ କରାଯାଇଥିଲା । ଏଠାରେ ପ୍ରାୟ ୨ଲକ୍ଷ ପୁସ୍ତକ ସମେତ ଅନେକ ବିରଳ ଫଟୋଚିତ୍ରମାନ ରହିଛି । ଉତ୍ତର ପ୍ରଦେଶର ରାମପୁରର ନବାବ ଫୈଜୁଲ୍ଲା ଖାଁ (୧୭୭୪-୯୪)ଙ୍କ ଶାସନ କାଳରେ ରାମପୁର ରଜାପାଠାଗାର ନିର୍ମିତ ହୋଇଥିଲା । ଏଠାରେ ୬୦୦୦୦ ବିରଳ ପୁସ୍ତକ ବ୍ୟତୀତ ଅନେକ ପାଣ୍ଡୁଲିପି,ଆରବୀ ଓ ପାର୍ସୀଭାଷାର ହାତଲେଖା ପୁସ୍ତକମାନ ରହିଛି । ସେହିପରି କର୍ଣ୍ଣାଟକର ମହୀଶୂର ରାଜାଙ୍କ ଦେୱାନ ସାର କେ. ଶେଷାଦ୍ରୀ ଆୟାର ଯେଉଁ ପାଠାଗାର ଘରଟି ନିର୍ମାଣ କରାଇଥିଲେ ତାହା ଏବେ ତାଙ୍କ ନାମରେ ନାମିତ ହୋଇଛି । ଲାଲରଙ୍ଗର ପଥରରେ ନିର୍ମିତ ଏହି ପାଠାଗାରରେ ପ୍ରାୟ ଅଢେଇ ଲକ୍ଷ ପୁସ୍ତକ ରହିଛି । ମୁମ୍ବାଇର ପ୍ରସିଦ୍ଧ ଏସିଆଟିକ ସୋସାଇଟୀ ଦ୍ୱାରା ୧୮୦୪ରେ ସ୍ଥାପିତ ପାଠାଗାରଟିରେ ୨,୫୫,୪୬୩ଟି ପୁସ୍ତକ ସହ ପ୍ରାୟ ୧୫,୦୦୦ ଦୁଷ୍ପ୍ରାପ୍ୟ ପୁସ୍ତକର ସଂଗ୍ରହ ରହିଛି । ଦେଶର ଏହିସବୁ ପ୍ରମୁଖ ପାଠାଗାରଗୁଡ଼ିକୁ ବାଦଦେଲେ ରାଜ୍ୟମାନଙ୍କରେ କିଛି କିଛି ପୁରୁଣା ପାଠାଗାର ମଧ୍ୟ ରହିଛି ।

ରାଜ୍ୟମାନଙ୍କରେ ପାଠାଗାର ସ୍ଥାପନ ପାଇଁ ସ୍ୱାଧୀନତା ପରେ ଯେଭଳି ଜୋର ଦିଆଯିବା କଥା ତାହା ନହେବାରୁ ମାତ୍ର ୧୮ଟି ରାଜ୍ୟ ଏପର୍ଯ୍ୟନ୍ତ ପାଠାଗାର ଆଇନକୁ ସ୍ୱୀକୃତି ଦେଇଛନ୍ତି । କେରଳ ଓ ପଶ୍ଚିମବଙ୍ଗ ପରି ରାଜ୍ୟରେ ଜଣେ ମନ୍ତ୍ରୀ ପାଠାଗାର ଦାୟିତ୍ୱରେ ରହିଥିବାର ଜଣାଯାଏ । କେରଳରେ ପଞ୍ଚାୟତ ସ୍ତରରେ ମଧ୍ୟ ପାଠାଗାର ରହିଛି । ଦେଶର ଅନେକ ରାଜ୍ୟରେ ଆଜିଯାଏ ପାଠାଗାର ଆଇନ ଗୃହୀତ ନହେବା ଅତ୍ୟନ୍ତ କ୍ଷୋଭର ବିଷୟ । ଯେଉଁସବୁ ରାଜ୍ୟରେ ପାଠାଗାର ଆଇନକୁ ଗ୍ରହଣ କରାଯାଇଛି ସେସବୁର କ୍ରମ ଏହିପରି-ତାମିଲନାଡୁ (୧୯୪୯), ଆନ୍ଧ୍ରପ୍ରଦେଶ (୧୯୬୦), କର୍ଣ୍ଣାଟକ (୧୯୬୫), ମହାରାଷ୍ଟ୍ର (୧୯୬୭), ପଶ୍ଚିମବଙ୍ଗ (୧୯୭୯), ମଣିପୁର (୧୯୮୮), ହରିୟାଣା (୧୯୮୯), କେରଳ (୧୯୮୯), ମିଜୋରାମ (୧୯୯୩), ଗୋଆ (୧୯୯୩), ଓଡିଶା (୨୦୦୧), ଗୁଜୁରାଟ (୨୦୦୫), ଉତ୍ତରାଖଣ୍ଡ (୨୦୦୫), ରାଜସ୍ଥାନ (୨୦୦୬), ଉତ୍ତରପ୍ରଦେଶ (୨୦୦୬), ବିହାର (୨୦୦୮), ଛତିଶଗଡ (୨୦୦୯), ଅରୁଣାଚଳ ପ୍ରଦେଶ (୨୦୦୯) ।

ଦେଶରେ ପାଠାଗାର ଗୃହ ନିର୍ମାଣ ନହେବା, ଆଇନକୁ ରାଜ୍ୟସ୍ତରରେ ଗୃହୀତ ନକରିବା ପ୍ରାଦେଶିକ ପ୍ରଶାସନିକ ସ୍ଥାଣୁତାର ପରିଣତି ବୋଲି କୁହାଯାଇପାରିବ । ଯେଉଁ ରାଜ୍ୟଗୁଡିକରେ ପାଠାଗାର ଆଇନ ପୂର୍ବରୁ ରହିଛି ସେସବୁ ରାଜ୍ୟ କେନ୍ଦ୍ର ସରକାରଙ୍କ ଅନୁଦାନକ୍ରମେ ଅଧିକ ଢାଞ୍ଚାଗତ ବିକାଶ କରିପାରିଛନ୍ତି । କେତେକ ରାଜ୍ୟ ସରକାରଙ୍କର ଏହି ଅନୁଦାନ ନେବାପାଇଁ ଆଦୌ ଆଗ୍ରହ ନଥିବା ଜଣାଯାଇଛି । ଏ ସଂପର୍କରେ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନର ନିର୍ଦ୍ଦେଶକ ଅରୁଣ କୁମାର ଚକ୍ରବର୍ତ୍ତୀ ତାଙ୍କ ଅନୁଭୂତି କହିବାକୁ ଯାଇ ଉଲ୍ଲେଖ କରିଛନ୍ତି "ଆମେ ଯଦି କୌଣସି ପ୍ରସ୍ତାବ ପାଉ ଏବଂ ତାହା ସନ୍ତୋଷଜନକ ହୋଇଥାଏ ତେବେ ଆମେ ଅନୁଦାନ ଦେଉ । କିନ୍ତୁ କେତେକ ରାଜ୍ୟକୁ ବାରମ୍ବାର ଚିଠି ଲେଖିବା ପରେ ମଧ୍ୟ ସେମାନେ ଆଦୌ ପ୍ରସ୍ତାବ ପଠାଉ ନାହାନ୍ତି ।" ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଦେଶରେ ପାଠାଗାର ବ୍ୟବସ୍ଥାର ଉନ୍ନତି ପାଇଁ କେନ୍ଦ୍ର ସରକାର ୧୯୭୨ରେ ରାଜା ରାମମୋହନ ରାୟ ପାଠାଗାର ଫାଉଣ୍ଡେସନ ଆରମ୍ଭ କରିଥିଲେ । ଏହି ସଂସ୍ଥା ମାଧ୍ୟମରେ ୬୫:୩୫ ଅନୁପାତରେ କେନ୍ଦ୍ର ସରକାର ପ୍ରତିବର୍ଷ ରାଜ୍ୟ ସରକାରଙ୍କୁ ବହି କିଣିବା ଉଦ୍ଦେଶ୍ୟରେ ଅନୁଦାନ ଅର୍ଥ ପ୍ରଦାନ କରିଆସୁଛନ୍ତି । ପାଠାଗାର ଗୃହ ନିର୍ମାଣ ଓ ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର ଭିନ୍ନ ଭିନ୍ନ ଯୋଜନାରେ ଉପଯୋଗ କରିବାକୁ ହଜାର ହଜାର ମିଲିଅନ ଅର୍ଥର ପାଣ୍ଠି ପ୍ରଦାନ କରୁଛନ୍ତି । ଅଥଚ ରାଜ୍ୟମାନଙ୍କରେ ପ୍ରଶିକ୍ଷିତ ଗ୍ରନ୍ଥାଗାରିକ ଅଭାବ, କେତେକ ରାଜ୍ୟ ଥରେ ଅର୍ଥନେଇ ଉପଯୋଗର ହିସାବ ନ ଦେଇପାରିବା ଯୋଗୁ ପାଣ୍ଠି ପାଇଁ ଆଦୌ ପ୍ରସ୍ତାବ ଦେଉନାହାନ୍ତି । କୌଣସି ଗୋଟିଏ ବର୍ଷ ସମୟ ସୀମା ମଧ୍ୟରେ ହିସାବ ନଦେଲେ ପରବର୍ତ୍ତୀ ବର୍ଷପାଇଁ ଉକ୍ତ ରାଜ୍ୟକୁ ଅର୍ଥ ଅନୁଦାନ ଦେବା କଷ୍ଟକର ହୋଇପଡୁଛି । ଠିକ୍ ସେମିତି ସାଂସଦମାନଙ୍କ ବିକାଶ ପାଣ୍ଠିକୁ ଉପଯୋଗ କରାଯାଇ ସ୍କୁଲ କଲେଜର ପାଠାଗାରର ବିକାଶ ସଙ୍ଗେ ସଙ୍ଗେ ପିଲାମାନଙ୍କ ବହି ପଢିବା ଅଭ୍ୟାସର ବୃଦ୍ଧିପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ସାଂସଦ ଏବାବଦରେ ଖର୍ଚ୍ଚ କରିବାଲାଗି କୁଣ୍ଠିତ । ଛାତ୍ରାବସ୍ଥାରୁ ପିଲାମାନେ ପାଠ ବହିପଢା ସହ ଅନ୍ୟ ବହି ନପଢିଲେ ଜାତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ କରିବା କଷ୍ଟକର ହୋଇଥାଏ । ସବୁ ବିଷୟରେ ଧାରଣା ନଥିଲେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବା ସହଜ ହୁଏ ନାହିଁ । ସମାଜରେ ପିଲାମାନଙ୍କ ବୌଦ୍ଧିକ ବିକାଶ ଲାଗି ପାଠାଗାର ଏକ ପ୍ରକୃଷ୍ଟ ସ୍ଥାନ ।

ସମାଜର ଲୋକମାନଙ୍କୁ ଶିକ୍ଷିତ, ମାନସିକ ଦୃଷ୍ଟିରୁ ସୁସ୍ଥ, ବୌଦ୍ଧିକ ଦୃଷ୍ଟିରୁ ବିକଶିତ, ନୈତିକତା ଦୃଷ୍ଟିରୁ ମାର୍ଜିତ କରି ଗଢିତୋଳିବା ପାଇଁ ପାଠାଗାର ଆନ୍ଦୋଳନର ଆବଶ୍ୟକତା ରହିଛି । ଏହି ଆନ୍ଦୋଳନ ଯେତେ ପ୍ରଖର ହେବ ସମାଜର ବୌଦ୍ଧିକ ଚେତନା ସେତେ ଉନ୍ନତ ହେବ, ଦେଶ ସେତେ ସମୃଦ୍ଧ ହେବ, ଏହା ସମସ୍ତେ ଗ୍ରହଣ କରିବା ଆବଶ୍ୟକ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୨୪)



ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com

**ସ**ରିଗଲା କି ରାସ୍ତା ! ଏଇ ପାଦକ ପରେ ଆଉ ରାହା କାଇଁ ? ତା' ଦେହ ଓ ମୁହଁରେ ଲେଖି ହୋଇଯାଇଥିବା ତ୍ରସ୍ତତା ଓ ଆଶଙ୍କାର ଛବି ଆହୁରି ଗାଢ଼, ଆହୁରି ସ୍ପଷ୍ଟ ହୋଇଯାଉଥିଲା ବେଳକୁ ବେଳ । ଗୋଟାଏ ପଥରମୂର୍ତ୍ତି ଭଳା ଏତେ ନିର୍ବାକ, ଏତେ ସ୍ଥିର ହେବ କାଇଁକି ?

ଚମ୍ପା ଓ ଚକ୍ରଧର ସେହିପରି ସ୍ଥବିରତାକୁ ଆବୋରି ବସି ରହିଥିଲେ 'ପତିତପାବନ ନର୍ସିଂହୋମ'ର ଦୁଇଶହ ପଚିଶ୍ ନମ୍ବର ବଖରା ଭିତରେ ।

ଚମ୍ପା ହାତରୁ ଟଙ୍କାତକ ନିଜ ହାତକୁ ଆଣିଲା ଚକ୍ରଧର । ସେସବୁକୁ ଆଉ ଥରେ ଗଣିବା ପାଇଁ ତା'ର ଇଚ୍ଛା କି ଆଗ୍ରହ ନଥିଲା । ସେଥିରୁ ଟଙ୍କା ତିନିହଜାର ଧରି ସେ ଉଠୁଥିବା ବେଳେ ଚମ୍ପା ତା' ହାତ ଧରି ଅଟକାଇ କାନ୍ଦ କାନ୍ଦ ସ୍ୱରରେ କହିଲା - "ଆଉ କିଛି ସମୟ ସବୁର୍ କରିଯାଅନ୍ତନି ! ସଞ୍ଜୁଆ ଆସିଥିଲେ ..."

ପରାସ୍ତ ହୋଇଗଲା ଚକ୍ରଧର । ଢିଲା ହୋଇଗଲା ତା'ମାଂସପେଶୀ । ସେ ଧରିଥିବା ଟଙ୍କାତକ ଚମ୍ପା ହାତକୁ ବଢ଼ାଇଦେଲା ପୁଣି ଓହ୍ଲାଇଗଲା ତଳ ଆଡ଼କୁ । ନର୍ସିଂହୋମର ଅନ୍ଦିକନ୍ଦିକୁ ଖାନ୍‌ତଲାସ୍ କରି ପକାଇଲା, କାଳେ କେଉଁଠୁ ମିଳିଯିବ ସଞ୍ଜୀୟ ଓରଫ ସଞ୍ଜୁଆ ନାୟକ ଅମୂଲ୍ୟ ରତ୍ନ ! ସେ ପୁଣି ରାସ୍ତା ଆଡକୁ ଗଲା । ଠିଆହେଲା ଏକଦମ୍ ରାସ୍ତା ଧାରରେ । ରାସ୍ତା ଉପରେ ଅସଂଖ୍ୟ ଲୋକ । ସୁଅପରି ଭାସି ଯାଉଥିଲା କୁଆଡେ ନାଇଁ କୁଆଡେ । ଏପରି ପ୍ରଖର ସୁଅ ଭିତରେ ସେ କେମିତି ଠାବ କରିବ ମନ ଚାହୁଁଥିବ ମଣିଷଟିକୁ ?

କେତେ ଲୋକ ଏ ପୃଥିବୀରେ ? କେତେ ବଡ଼ ଏ ପୃଥିବୀ ? ତା' ଭିତରେ ତା'ର ସ୍ଥିତି କ'ଣ ? କେତେ ନଗଣ୍ୟ, କେତେ କ୍ଷୁଦ୍ର ସେ ?

ଚକ୍ରଧର ଅସ୍ଥିର ହୋଇ ପଡୁଥିଲା । ତା' ସମଗ୍ର ଦେହ ଝାଳ ସରସର ହୋଇଯାଉଥିଲା । ତାକୁ ଖୁବ୍ ଶୋଷ ଲାଗୁଥିଲା । ତଥାପି ଗୋଟେ ଅଦୃଶ୍ୟ, ଶକ୍ତିଶାଳୀ ଶକ୍ତି ତାକୁ କାର୍ଯ୍ୟକ୍ଷମ କରି ରଖିଥିଲା । ସେ ହଠାତ୍ ଠିଆ ହୋଇପଡ଼ିଲା ଗୋଟାଏ ସ୍ଥାନରେ ଏବଂ ମୁହୂର୍ତ୍ତେ କ'ଣ ଭାବି ଫେରିଲା ପଛକୁ । ନର୍ସିଂହୋମ ଆଡକୁ ।

ଚମ୍ପାଠାରୁ ଟଙ୍କାତକ ଆଣି ସେ ସିଡ଼ିଦେଇ ତଳକୁ ଓହ୍ଲାଇ ଆସୁଥିବା ବେଳେ ଚମ୍ପା କ'ଣ କହୁଥିଲା କି ସୁଁ ସୁଁ ହୋଇ କାନ୍ଦୁଥିଲା, ସେ କଥା ଶୁଣିବା ପାଇଁ ଧୈର୍ଯ୍ୟ ନଥିଲା ତା'ପାଖରେ । ଚକ୍ରଧର ଆସି ଠିଆହେଲା ଜମା କାଉଣ୍ଟର ପାଖରେ, ଯେଉଁଠି ଯୁବକଟିଏ ଯୁବତୀଟିଏ ବସି ମିଠା ମିଠା କଥା, ମିଠା ମିଠା ହସରେ ସମ୍ପୂର୍ଣ୍ଣ ଓଦା ହୋଇଯାଇଥିଲେ । ସେ ଝିଅଟି ଆଡକୁ ଟଙ୍କା ବଢ଼ାଇଦେଇ କହିଲା - 'ତିନିହଜାର ଅଛି । ବାକି ଟଙ୍କା ପରେ .... ।

ତଥାପି ଫେରିନଥିଲା ସଞ୍ଜୀୟ ଓରଫ ସଞ୍ଜୁଆ ।

ଠିକ୍ ଦଶଟା ପନ୍ଦର ବେଳକୁ ନର୍ସ ଦି'ଜଣ ଆସି ଯେତେବେଳେ ପୁଅକୁ ନେଲେ ଓ.ଟି ଭିତରକୁ, ଭୋ ଭୋ ହୋଇ କାନ୍ଦି ଉଠିଲା ଚମ୍ପା । ପୃଥିବୀର ସର୍ବଶେଷ ଦୁଃଖକୁ ବହନ କରିଥିବା ସେ କାନ୍ଦ ସୂଚାଇ ଦେଉଥିଲା । ଯେ, କେହି ଜଣେ ଅତି ହୃଦୟହୀନ, ନିର୍ମମ ଭାବରେ ଛଡ଼ାଇ ନେଉଛି ଗୋଟିଏ ଛୁଆକୁ, ତା'ମା' ଠାରୁ । ଚମ୍ପା ଦେହରୁ ଶୁଖିଯାଇଥିଲା ଶେବୁନ୍ଦା ରକ୍ତ । ତା'ଦେହମୁଣ୍ଡ ଅବଶ, ପ୍ରାଣହୀନ ହୋଇପଡୁଥିଲା । ସେ ଲଥ୍‌କରି ବସିପଡିଲା ଚଟାଣରେ । ତା'ପାଟିରୁ ବାହାରି ଆସିଲା- 'ହେ ପ୍ରଭୁ ଜଗତର ନାଥ ଜଗନ୍ନାଥ, ତୁଇ ଏକା ମୋର ସାହା ହେ ପ୍ରଭୁ... ।'

ଟିକେ ପ୍ରକୃତିସ୍ଥ ହୋଇ ଲୁହ ଧୁଆ ଆଖିରେ ଚମ୍ପା ଚାହିଁଲା ଚାରିଆଡକୁ, କାହାକୁ ଖୋଜିବା ପରି । ବାରଣ୍ଡାରେ ଠିଆ ହୋଇଥିବା ଜଣେ ସାବେନା ରଙ୍ଗର ନର୍ସକୁ ପଚାରିଲା- "ଦିଦି, କମଳା ଦିଦି କୁଆଡେ ଗଲେ ଦେଖିଛ କି ? ଆଜି କାମକୁ ଆସିଛନ୍ତି ନା ନାଇଁ ?"

ଚମ୍ପା ଭୁଲିଯାଇଥିଲା ଯେ କମଳା ଦିଦିଙ୍କର ଆଦିବାର ସମୟ ହେଉଛି ଦିନ ଦୁଇଟା । ଡ୍ୟୁଟି ସମୟ ଦୁଇଟାରୁ ରାତି ଦଶଟା ।

ନର୍ସ ଜଣକ ମୁଁ ବିକୃତ କରି ଚମ୍ପା ଆଡକୁ ଚାହିଁ କହିଲା- "କମଳା ଦିଦିନକୁ କାଇଁକି ଖୋଜୁଛ ? ତା'ପାଖରେ ତୁମର କି କାମ ? ଯାହା କହିବାର ଅଛି, ମତେ କହୁନା !"

"ନାଇଁ ... ନାଇଁ, ସେ ଆମର ଚିହ୍ନା ପରିଚିତ । ଆମ ଗାଁ ପାଖ ଡାକ୍ତରଖାନାରେ ଥିଲେ । ମତେ ଚିହ୍ନିଛନ୍ତି ଭଲ କରି । ପହରିଦିନ ସଞ୍ଜବେଳେ ଆସିଥିଲେ ଆମ କେବିନ୍‌କୁ । ଆଉ ଦେଖାନାହାନ୍ତି ! ସେ ଆଜି କାମକୁ ଆସିବେନି କି ?" - ଚମ୍ପା ପଚାରିଲା ।

ନର୍ସଟି ସିଧା କହିଲା- "ଆଜି ନୁହେଁ, ଆଉ କେବେ ବି ସେ ବୁଢ଼ୀ ଆସିବନି କାମକୁ । ବଡ ବଜ୍ଜାତ ସ୍ତ୍ରୀ ଲୋକଟା ସେ ! ତାକୁ ଡାକ୍ତର କାମରୁ ବାହାର କରିଦେଇଛନ୍ତି ।

- "କାମରୁ ବାହାର କରିଦେଇଛନ୍ତି ! କାହିଁକି ? ଭାରି ଭଲ ଦିଦି ଜଣେ ତ ସିଏ !" ଆବାକାବା ହୋଇ ଚମ୍ପା ପଚାରିଲା । ସର୍ବଶେଷ ସାହାରା ଟିକକ ସତେଅବା ଖସିଯାଉଥିଲା ତା'ହାତମୁଠାରୁ !

"ଭଲ ଦିଦି ନା ଛେନା ଦିଦି !" ନର୍ସଟି ପ୍ରତିବାଦ କଲା- "ଯେଉଁଠି ଖାଇବ, ସେଇଠି ଅସନା କରିବ । ରିଟାୟାର୍ ପରେ କାନ୍ଦିଲା କୁନ୍ଥେଇଲା ବୋଲି ଡାକ୍ତର ତ୍ରିପାଠୀ ଦୟା ଦେଖାଇ ତାକୁ ଆଣି ଏଠି ରଖିଲେ । ହେଲେ ସେଇଟାର ପ୍ରକୃତି ଖରାପ । ଦୟା ଦେଖାଇ ତାକୁ ଆଣି ଏଠି ରଖିଲେ । ହେଲେ ସେଇଟାର ପ୍ରକୃତି ଖରାପ । କାମଦାମ କିଛି କରେନି । ନର୍ସିଂହୋମ ବିରୁଦ୍ଧରେ ନାନା ବାଜେ ଓ ମନଗଢ଼ା କଥା ରୋଗୀ ଓ ସେମାନଙ୍କ ସାହାଯ୍ୟକାରୀମାନଙ୍କ ଆଗରେ ଗପ କରିବ । ଡାକ୍ତର ଓ ନର୍ସିଂହୋମକୁ ବଦନାମ କଲା । ଡାକ୍ତର କାଲି ରାତିରେ ତାକୁ କାମରୁ ବାହାର କରିଦେଲେ ।

ଚମ୍ପା ଛାତିରେ ଛନକା ପଶିଲା । ଏଠି, ଏ ଅପରିଚିତ ସହରର ଅପରିଚିତ ନର୍ସିଂହୋମରେ ଏବେ ତା' ପୁତୁରା ସଞ୍ଜୁଆ ନାଇଁ କି ତା' ପାଇଁ ସମବେଦନା ପ୍ରକାଶ କରୁଥିବା କମଳା ଦିଦି ନାହାନ୍ତି । ଏବେ, ଏଇ ମୁହୂର୍ତ୍ତରେ ସେମାନେ ସ୍ୱାମୀ-ସ୍ତ୍ରୀ ଦୁହେଁ ଏକା । ସମ୍ପୂର୍ଣ୍ଣ ଏକା । ଏକା ଏକା ସେମାନେ କେମିତି ମୁକାବିଲା କରିବେ ଏଭଳି ମସ୍ତବଡ଼ ସମସ୍ୟାର ? କିଏ ଆସି ପଡିବ ସେମାନଙ୍କ ପିଠିରେ ?

କେହି ଜଣେ ଆସନ୍ତାନି ! ପୃଥିବୀର ସବୁ ସାନ୍ତ୍ୱନା ଓ ଆଶ୍ୱାସନାକୁ ସାଙ୍ଗରେ ଧରି କେହି ଜଣେ ମହିମାମୟ ଅବତାର ଧରି ଆସନ୍ତା ଓ ଧୀରେ ଧୀରେ ଭୁଷୁଡି ପଡୁଥିବା ସେ ଦୁହିଁଙ୍କ ପିଠି ଆଉଁସି ଦେଇ କୁହନ୍ତା- "କାହିଁକି ବ୍ୟସ୍ତ ହଉଚ ତୁମେ ଦୁହେଁ ? ମୁଁ ପରା ଅଛି ପାଖରେ ! ତୁମର ସବୁ ଦୁଃଖ ଓ ଯନ୍ତ୍ରଣାକୁ, ଅସହାୟତାକ ଓ ନିଃସଙ୍ଗତାକୁ ମୁଁ ଦୂର କରିଦେବି କ୍ଷଣକ ମଧ୍ୟରେ । ଅସୁସ୍ଥତାର ଏ ପୃଥିବୀକୁ ଆୟୁଷ୍ମାନ କରିଦେବି । ତୁମେମାନେ ଜମା ବ୍ୟସ୍ତ ହୁଅନା । ସବୁ ଠିକ୍ ହୋଇଯିବ... !!

ଶୁଭନ୍ତାନି କୋଉଠୁ ଏପରି ଅମୃତବୋଳା କଥା କେଇପଦ ! କୁଆଡେ ଉଭେଇ ଯାଆନ୍ତା ଦୁଃଖ ଓ ଯାତନା ! ସୁନେଲି ଖରା ବିଞ୍ଚି ହୋଇପଡ଼ନ୍ତା ପୃଥିବୀ ଉପରେ । ମଳୟ ପବନ ଲୁଚକାଳି ଖେଳନ୍ତା ଗଛପତ୍ରର ସନ୍ଧିରେ । କୋଇଲି ବୋଲନ୍ତା ତା' ଜୀବନର ସର୍ବଶ୍ରେଷ୍ଠ ମଧୁର ସଙ୍ଗୀତ !

ଆସିଲା ପୁଣି ଜଣେ ନର୍ସ । ଚକ୍ରଧରକୁ ଚାହିଁ ପଚାରିଲା- "ବ୍ଲଡ୍ .. ଆଇ ମିନ୍ ରକ୍ତ ଯୋଗାଡ କରିଛ ? ପେସେଣ୍ଟର 'ବି-ପଜିଟିଭ୍' ଗ୍ରୁପ୍ । ଦୁଇ ବୋତଲ ରକ୍ତ ଦରକାର, ଅପରେସନ୍ ଟେବୁଲ ଉପରେ ।"

ରକ୍ତ ! ରକ୍ତ କ'ଣ ହେବ ? ତାହା କେଉଁଠୁ ମିଳେ ? କେତେ ଟଙ୍କା ଦେଲେ ମିଳେ ? - ବିମୂଢ଼ ହୋଇ ଯାଉଥିଲା ଚକ୍ରଧର । ଚମ୍ପା ବି ।

ନର୍ସଟି ସେମାନଙ୍କୁ ବୁଝାଇଦେଲା, "ତୁମ ପିଲା ଭାରି ଦୁର୍ବଳ ଅଛି । ସେଥିପାଇଁ ଅପରେସନ ସମୟରେ ରକ୍ତ ନିହାତି ଦରକାର । ରକ୍ତ କେଉଁଠି ବିକ୍ରି ହେଉନାଇଁ । ଜଣେ ରକ୍ତ ଦେବ, ତାହା ବ୍ଲଡ ବ୍ୟାଙ୍କରେ ଡିପୋଜିଟ୍ କରାଯାଇ ସେଠୁ ଅଣାଯିବ ପିଲା ଶରୀର ସହ ମେଳ ଖାଉଥିବା ରକ୍ତ । ତୁମର ରକ୍ତ କିଏ ଦେବ ? ତୁମର କେହି ଅଛନ୍ତି କି ଏଠି ବନ୍ଧୁ ପରିଜନ କିମ୍ବା ଚିହ୍ନା ପରିଚିତ ଲୋକ ?"

*କ୍ରମଶଃ...*

> ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ । ପ୍ରାୟ ୧୪ ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ ।

## ପଚାର ପଚାର



ନିଳୟକାନ୍ତ ମହାପାତ୍ର

**ବ**ର୍ଷାକୁ ପଚାର ହେଲେ
ଝରିବାର କାରଣ ଓ ଖରାକୁ ପଚାର
କି କଷ୍ଟ ଛାତିରେ ଧରି
ଜଳୁଥାଏ ଖାଲି ଜଳୁଥାଏ !

ପକ୍ଷୀକୁ ପଚାର ରାତି ପାହୁ ନ ପାହୁଣୁ
କୁଆଡ଼େ ବାହାରିଯାଏ
ଫୁଲକୁ ପଚାର
ସିଏ ସତୀ ନା' ଅସତୀ !

ଜହ୍ନକୁ ପଚାର ତା'ର କପଟତା
ତାକୁ ଦୁଃଖ ଦିଏ ନା' ଦିଏନି
ଢେଉକୁ ପଚାର ସିଏ
ଖୁସିରେ ଉଛୁଳ ଅବା ଶୋକରେ ଅଧୀର !

ଲତାକୁ ପଚାର କେବେ
ଛିଡ଼ିଗଲେ ନିବିଡ଼ ଆଶ୍ଳେଷ
ସରିଯାଏ ଶୃଙ୍ଗାର
ନା' ମରିଯାଏ ମନ !

ଗଛକୁ ପଚାର
ଝଡ ହେଲେ ବିଜୁଳି ମାରିଲେ
ଅକାଳ ପଡ଼ିଲେ ତା'ର
ଥରେ ନା' ଥରେନା ଛାତି !

ଶୂନ୍ୟକୁ ପଚାର ତାର ନିରବତା
କି ଗୀତ ଶୁଣାଏ କିଲ୍‌କିଲ୍ ପବନକୁ
ନଈ ମୁହାଁଣ ଉଜାଣି ସୁଅକୁ
ନଈକୁ ପଚାର, ପଚାର ପବନକୁ !

ଆଵର ପଚାର ନିଜକୁ
ଆଖିକୁ ଓଠକୁ
କିପରି ଦିଶଇ ସ୍ୱପ୍ନ ସୁଖ ଦୁଃଖ ବିବାକତା
ଚିତ୍ରକୁ ପଚାର ପୁଣି ଚିତ୍ରକକୁ !

ପଚାର ପଚାର !!

*ଶାସ୍ୱତ ହୋମ୍ସ, ପଟିଆ, ଭୁବନେଶ୍ୱର*

## କୁନାବାପାଙ୍କ କୁନିକଥା ୭



**ଗୁ**ଣ୍ଡିଚା ଦିନ ଘଣ୍ଟ-ଘଣ୍ଟା, ବାଜା-ବାଣର ଶବ୍ଦ ଧ୍ୟାନ ଆକର୍ଷଣ କଲା କୁନାର, ଆଉ ତା'ସାଙ୍ଗରେ ଘରେ ସମସ୍ତଙ୍କର । ସେତିକିବେଳେ କୁନାର ମାମୁଁ ଆସି ପହଞ୍ଚିଲେ । କୁନା ମୁମୁଁଙ୍କୁ କହିଲା "ଚାଲ ମାମୁଁ ଡିଜେ-ବାଜା ଦେଖିବାକୁ ଯିବା ।" ପିଲାଲୋକ, କଲୋନୀରେ ବାହାଘର ହେଲେ ବାଜା-ବାଣ ଶବ୍ଦ ଶୁଣେ, ସେଇକଥା କହୁଛି । ତା'ପରେ କୁନା ଆମର ମାମୁଁଙ୍କ ସାଙ୍ଗରେ ବାହାରିଗଲା ରଥ ଦେଖିବାକୁ, ବାଟରେ ମାମୁଁ ତାକୁ ରଥ ବିଷୟରେ ବୁଝାଉଥାନ୍ତି । କୁନା ବୋଉବି ଆଉ ସମ୍ଭାଳି ପାରିଲେନି ରଥାରୁଢ଼ ଦେବଦର୍ଶନର ସୌଭାଗ୍ୟକୁ ହାତଛଡ଼ା କରିବାକୁ । କୁନାବାପା କୁନାବୋଉଙ୍କୁ ସାଙ୍ଗରେ ନେଇ, ଘରେ ତାଲା ପକେଇ ଚାଲିଲେ କଲୋନୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାକୁ । କାରଣ ଶାସ୍ତ୍ର କହୁଛି - 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ ।" ଫାଙ୍କା ଫାଙ୍କା ଛକରେ ଆଜି ଅସମ୍ଭବ ଜନ ସମାଗମ । ପାଖପାଖି ସବୁଘରୁ ଲୋକ ଛୁଟିଛନ୍ତି ରଥରେ ଜଗତରନାଥଙ୍କୁ ଦର୍ଶନ କରିବାକୁ । ଭିଡକୁ ଆଖିଆଗରେ ରଖି, ଲୋକାଲ ଥାନା ତରଫରୁ ସୁରକ୍ଷାବଳ ମଧ୍ୟ ମୁତୟନ ହୋଇଥାନ୍ତି । ଘର୍ଘରନାଦରେ ମାଡ଼ି ଆସିଲା ରଥ । ରଥ ଉପରେ ଜଣେ ସାରଥୀ, ଦୁଇଜଣ ପୂଜକଙ୍କୁ ଛାଡିଲେ ରଥ ପୁରା ଫାଙ୍କା । ରଥ ଚାରିପଟେ କିଛି ପୋଲିସବଳ ଓ ଲୋକାଲ କର୍ପୋରେଟରଙ୍କ ସମର୍ଥନ ଯୁବକ ସଂଘର କର୍ମକର୍ତ୍ତା ଶୃଙ୍ଖଳା ରକ୍ଷା କରିବାର ଗୁରୁଦାୟିତ୍ୱଟି ସୁଚାରୁରୂପେ ଚଳାଇଥାନ୍ତି ।

କୁନା ମାମୁଁଙ୍କ ସାଙ୍ଗରେ ରଥ ପାଖାପାଖି ଯାଇ ସବୁ ଦେଖୁଥାଏ ଓ ଖୁସି ହେଉଥାଏ । ଶହ-ଶହ ଶ୍ରଦ୍ଧାଳୁ ରଥ ଦଉଡି ଛୁଇଁ ପ୍ରଣାମ କରୁଥାନ୍ତି । କିଛିଭକ୍ତ ରଥ ଟାଣୁଥାନ୍ତି, ଆଉ ମଝିରେ ମଝିରେ ସାରଥୀଙ୍କ କଠୋର ବାଣୀ "ସମସ୍ତଙ୍କୁ ରଥ ଟାଣିବାକୁ ସୁଯୋଗ ମିଳୁ । ଯିଏ ଧରିଲେ କିଛି ସମୟ, ଏବେ ଅନ୍ୟମାନଙ୍କୁ ସୁଯୋଗ ଦେଇ କିଛି ବିଶ୍ରାମ ନିଅନ୍ତୁ । କୁନାର ବାପା-ବୋଉ ରଥରେ ପ୍ରଭୁଙ୍କୁ ଦର୍ଶନ କରି ଘରକୁ ଫେରିଲେ । କୁନାକାକା, କୁନା ଓ କୁନା ମାମୁଁ ଆଉଟିକେ ଆଗକୁ ରଥସାଙ୍ଗେ ଗଲେ । ସଞ୍ଜ ନଇଁ ଆସିଲା, କୁନାବୋଉ ଚଉରାରେ ସଞ୍ଜବତୀ ଦେଇ ସଂଧ୍ୟା ପ୍ରାର୍ଥନା ସାରିଲେ ଓ ଚା'କରିବାକୁ ରୋଷଇଘରକୁ ଗଲେ । କୁନାବାପା ଖୋଲିଲେ ଟିଭି, ସବୁ ନ୍ୟୁଜ ଚାନେଲରେ କେବଳ ରଥ ପଥ ଓ ଜଗନ୍ନାଥ । ହେଲେ ଅଡୁଆ ଲାଗିଲା । ଗୋଟେ ଗୁରୁତ୍ୱପର୍ଣ୍ଣ ଖବର । ଭକ୍ତଙ୍କୁ ଓ ବିଶେଷତଃ ଜଣେ ଯୁବତୀଙ୍କୁ ସେବାୟତଙ୍କ ଅସଦାଚରଣ ଅଭିଯୋଗ । ଖବରଟା କୁନାବୋଉଙ୍କର ମଧ୍ୟ ଧ୍ୟାନ ଆକର୍ଷଣ କଲାବୋଧେ, ରୋଷେଇଘରୁ ଚାଲିଆସିଲେ ବୈଠକ ଘରକୁ । ସବୁ ଚାନେଲରେ ସେଇ ଏକା ଖବରକୁ ବିଭିନ୍ନ ଶୈଳୀରେ ପରିବେଷଣ କରୁଥାନ୍ତି । ବିଭିନ୍ନ ପ୍ରଶ୍ନମାନର ସିଧାସଳଖ ସମ୍ମୁଖୀନ ହେଉଥାନ୍ତି, ଉଭୟ ପୀଡିତା ଓ ସେବାୟତ ସଂଘର କର୍ମକର୍ତ୍ତା । ଏତିକିବେଳେ କୁନାକୁ ନେଇ ପହଞ୍ଚିଲେ ତା' ମାମୁଁ ଓ କକା ଏକାବେଳକେ । ଚା' ପିଆ ପର୍ବ ଆରମ୍ଭ ହେଲା, ଜଗନ୍ନାଥଙ୍କ ରଥଯାତ୍ରା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ଆଲୋଚନା ସହ । ପୁରୀରେ ରଥ ଉପରକୁ ଚଢ଼ିବା ନେଇ ବିବାଦ ଠାରୁ ଆରମ୍ଭ କରି ଅସଦାଚରଣ ଅଭିଯୋଗ ପର୍ଯ୍ୟନ୍ତ । ସମସ୍ତେ ନିଜ ନିଜର ମତ ରଖିବା ସହ ନିଜସ୍ୱ ସମାଧାନର ପନ୍ଥା ମଧ୍ୟ ଶୁରାଉଥାନ୍ତି । ୟା ଭିତରେ କୁନାବୋଉ ରୋଷେଇ ସାରି କୁନାକୁ ଖାଇବାକୁ ଦେଇସାରିଲେଣି । କୁନାକୁ ଶୁଆଇବା ବେଳେ କୁନାବୋଉ ବଡ ଗୁରୁତ୍ୱପୂର୍ଣ୍ଣ କଥାକୁ ବଡ ସରଳଭାବେ କହିଦେଲେ ।

କହିଲେ, "ଯଦି ରଥାରୁଢ଼ ଦିଅଁକୁ ଦର୍ଶନରେ ହିଁ ମୁକ୍ତ, ତେବେ ଛୁଇଁବାର ପ୍ରଶ୍ନ ହିଁ ନାହିଁ । ଆଉ ରହିଲା ରଥଚଢ଼ା, ରଥ ଉପରେ ତ ଏତେ ସେବାୟତ ବସୁଛନ୍ତି ଯେ ମାଛି ବସିବାକୁ ଯାଗାନାହିଁ, ସେଥିରେ ପୁଣି ଯଦି ଆମେ ରଥ ଉପରକୁ ଯିବା, ତେବେ ଅନ୍ୟଭକ୍ତମାନଙ୍କୁ ଅସୁବିଧା ହବନି ?" ଧ୍ୟାନଧେ ଶୁଣୁଥିଲେ ସମସ୍ତେ । ଏତିକିବେଳେ ଫୋନ ରିଙ୍ଗିହେଲା କୁନା ବାପାଙ୍କର, ସମେସ୍ତ ପ୍ରକୃତିସ୍ଥ ହେଲେ । ଜଗନ୍ନାଥ ଓ ତାଙ୍କୁନେଇ ହେଉଥିବା ଦ୍ୱନ୍ଦ୍ୱ ଉଭୟ ମାନବର ଚିନ୍ତନଠାରୁ ଊର୍ଦ୍ଧ୍ୱରେ । ତେଣୁ ତାକୁନେଇ ଚର୍ଚ୍ଚା କେଙ୍କେ ସରିବନି । ସେପଟୁ କୁନାବାପାଙ୍କ ସାଙ୍ଗ କହିଲେ, କୁଆଡେ ଆଜି ବହୁ ରାଷ୍ଟ୍ରୀୟ ଗଣମାଧ୍ୟମ ପୁରୀ ରଥଯାତ୍ରା ଛାଡ଼ି, ଗୁଜୁରାଟ ଓ ଅନ୍ୟାନ୍ୟ ରାଜ୍ୟରେ ହେଉଥିବା ରଥର ଅଧିକ ଧାରା ବିବରଣୀ ପ୍ରଦାନ କରିଛନ୍ତି । କୁନାବାପା କହିଲେ, "ଆରେ ଭାଇ ଭୁବନେଶ୍ୱରରେ ତ ପଚାଶରୁ ଅଧିକ ରଥଟଣା କାର୍ଯ୍ୟକ୍ରମ ଚାଲିଛି, ଆଉ ଅନ୍ୟକଥା କାହିଁକି କହୁଛ ? ଏଠି ମନ୍ଦିର ମାଳମାଳ ଭକ୍ତ ପ୍ରବଳ, ହେଲେ ଭକ୍ତି ଯାଇଛି ରସାତଳ ।" ଦୁଇସାଙ୍ଗ ଆଉକିଛି ହାଲକା କଥାହୋଇ ଫୋନ ରଖିଲେ କୁନାବାପା ।

କିଛି ସମୟ ପରେ ସମସ୍ତେ ରାତ୍ରୀଭୋଜନ କଲେ । ଆଉକିଛି ସମୟ ପାଇଁ ନ୍ୟୁଜ୍ ଚ୍ୟାନେଲ ଖୋଲିବା ବେଳକୁ ସବୁଠି ସେଇ ଜଗନ୍ନାଥଙ୍କ ରଥଟଣା ଓ ତା'ର ଆନୁସଙ୍ଗିକ ବିଧି ବ୍ୟବସ୍ଥାରେ ଅବ୍ୟବସ୍ଥା କଥା । ଟିଭି ବନ୍ଦକରି ସୋଇବା ବେଳକୁ ବହିଟିଏ ପଢ଼ିବାକୁ ଚାହିଁଲେ କୁନାବାପା । ହେଲେ ପଢ଼ି ପାରୁନଥାନ୍ତି । ବାରମ୍ବାର ମନଟା ଜଗନ୍ନାଥଙ୍କ ଆଡେ ଚାଲିଯାଉଥାଏ । କୁନାବୋଉ ଡାକିଲେ, ଆସ ଶୋଇବ । କ'ଣ ଭାବୁଛ ? କୁନାବାପା କହିଲେ, "ଭାବୁଛି ସବୁ ସେଇ ଈଶ୍ୱରଙ୍କ ଇଚ୍ଛା ଭାବି ଭୁଲିଯିବି ନା ସବୁ ଅବ୍ୟବସ୍ଥାରେ ଚାଲିଥିବା ଈଶ୍ୱରଙ୍କ ସେବାକୁ ନେଇ ପ୍ରତିବାଦ କରିବି, ହେଲେ କାହା ପାଖରେ ?

**- ଶାରଦା ପ୍ରସାଦ ମହାପାତ୍ର**

# କଥା-ଅକଥା





**ଗାୟତ୍ରୀ ଦାଶ**

"ମ୍ୟାଡାମ୍, ସବୁ ପ୍ୟାକେଟ୍‌ଗୁଡ଼ିକ ଖୋଲିବାକୁ କହିଲେ କେମିତି ହେବ ? ଆପଣ କହୁଛନ୍ତି ଦୁଇ/ତିନିଟି ସାର୍ଟ ନେବେ, ତା'ପାଇଁ ପାଞ୍ଚସାତଟି ପ୍ୟାକେଟ୍ ଖୋଲାଇବା କ'ଣ ଦରକାର ? ଏସବୁ ରଙ୍ଗ କ'ଣ ପସନ୍ଦ ଆସୁନି ?" ପିଲାଟିର ମୁହଁରେ ମେଞ୍ଚାଏ ବିରକ୍ତିର ଆଭାସ, ମୁଁ ସେତେବେଳେ ତା'ଦୋକାନରେ ଏକା ଦାମ୍‌ର କିନ୍ତୁ ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ର ଦୁଇତିନିଟି ଛୋଟ ସାର୍ଟ ବାଛୁଥିଲି । ଚାହୁଁଥିଲି, ବେଶ୍ କିଛି ଦାମ୍ ଦେଇ ସାର୍ଟଗୁଡ଼ିକ କିଣିବି ଯେତେବେଳେ, ମନପସନ୍ଦ ରଙ୍ଗ ନେବିନି କାହିଁକି ? ହେଲେ ଅତି କୁଣ୍ଠିତ ଭାବରେ ପ୍ୟାକେଟ୍‌ଗୁଡିକ ଖୋଲୁଥିଲା ସେ । ପିଲାଟିର ନକାରାତ୍ମକ ଦୃଷ୍ଟିକୋଣ ତଥା ରୁକ୍ଷ ବ୍ୟବହାର ଦୋକାନଟିରୁ ନ କିଣି ଫେରି ଆସିବାକୁ ମୋତେ ବାଧ୍ୟ କଲା ।

ପାଖ ଦୋକାନରେ ପଶିଲି, ସମାନ ବୟସର ପିଲାଟିଏ ବସିଛି । ଦେଖୁଦେଖୁ ଉଠିପଡ଼ି ପଚାରିଲା- କ'ଣ ଦେଖିବେ ମ୍ୟାଡାମ୍ ?" ମୋ କଥା ନ ସରୁଣୁ ସାମ୍ନାରେ ଫଟାଫଟ୍ ଆଣି ରଖିଦେଲା ସେ କୋଡିଏ / ପଚିଶଟି ଡବାର ଦୁଇଟି ଥାକ । ଡବାଗୁଡିକ ଖୋଲି ମତେ ଦେଖାଉ ଦେଖାଉ କହିଲି, "ଅଧିକ ଦାମ୍‌ର ଦେଖାଇବନି, ମୋର କମ୍ ଦାମ୍‌ର ହେଲେ ଚଳିବ ।" ହସିଦେଇ ପିଲାଟି କହିଲା, "ମ୍ୟାଡାମ୍, ମୁଁ ସବୁ ରେଞ୍ଜର; ଅତି କମ୍ ଦାମ୍, ଟିକେ ଅଧିକ ଓ ଦାମିକା ମଧ୍ୟ ଦେଖାଉଛି । ଆପଣ ଖାଲି ଦେଖିଯାଆନ୍ତୁ, ଯେଉଁଟା ମନକୁ ମାନିବ ସେଇଟା ନେବେ ।" ପୂର୍ବଦୋକାନର ପିଲାଟି କଥା ମନେପଡ଼ିବାରୁ କହିଲି, 'ଏତେ ଡବା ଖୋଲିଦେଉଛି, ମୁଁ ତ' ଦୁଇ / ତିନିଟି ନେବି ।' ପୁଣି ହସଧାରେ ଓଠରେ ଆଣି ସେ କହିଲା, 'ଟଙ୍କା ଦେଇ ନେବେ ମ୍ୟାଡାମ୍, ଜିନିଷ ମନଲାଖି ହେବା ଦରକାର ନା ନାହିଁ ? ପନ୍ଦର କୋଡ଼ିଏଟି ଦେଖିଲେ ସିନା ଦୁଇତିନିଟି ପାଇଁ ମନ ମାନିବ ! ଦେଖିଲେ, ଏ ରଙ୍ଗର ସାର୍ଟଟି କେତେ ସୁନ୍ଦର । କପଡ଼ା ମଧ୍ୟ ବଢ଼ିଆ କମ୍ଫର୍ଟେବ୍‌ଲ, ପିଲାକୁ ଖୁସି ଖୁସି ଲାଗିବ ପିନ୍ଧିଲେ, ନୁହେଁ ?" ହଁ ଭରିଲି ମୁଁ । ଦୁଇଟି ଜାଗାରେ ଚାରିଟି ସାର୍ଟ ପ୍ୟାକ୍ କରିବାକୁ କହିଲି । ଭାବିଲି, ପୂର୍ବ ଦୋକାନର ପିଲାଟି କ'ଣ ଏଇ ପିଲାଟି ପରି କଥା କହିପାରି ନ ଥାନ୍ତା ! କଥା ପଦେ ଭଲରେ କହିବା କ'ଣ ଏତେ ମୁସ୍‌କିଲ ? ସାର୍ଟଗୁଡ଼ିକ ବିକ୍ରି ହୋଇଥିଲେ ତା'ର କ'ଣ ଲାଭ ହୋଇନଥା'ନ୍ତା ?

ଭାବୁଭାବୁ କେତେବେଳେ ଅଟୋଷ୍ଟାଣ୍ଡରେ ପହଞ୍ଚି ଯାଇଛି, ଜାଣିପାରିଲାନି । ପଚାରିଲି ଜଣଙ୍କୁ "ରାମ ମନ୍ଦିର ପାଖକୁ ଯିବ, କେତେ ନେବ ?" "ଅଶୀ ଟଙ୍କା, ଡ୍ରାଇଭରଟିର କଣ୍ଠରେ ଥିଲା ପ୍ରଚଣ୍ଡ ଦୃପ୍ତତା ।"

"ଏତେ କାହିଁକି ? ସବୁବେଳେ ତ' ପଚାଶ ଟଙ୍କା ଦେଇଯାଉଛି ?" କହିଲି ମୁଁ । "ଏଇଠୁ ମାଷ୍ଟରକ୍ୟାଣ୍ଟିନ ଛକ ଗଲେ ପଚାଶ ଟଙ୍କା ନେଉଛୁ । ଟଙ୍କାଏ ବି କମ୍ ହେବନି ଅଶୀ ଟଙ୍କାରୁ ।"

ପାଟିରୁ କଥା ସରି ନଥିଲା । ମୋ କଥା ଶୁଣିବାକୁ ତା'ର ଇଚ୍ଛା ମଧ୍ୟ ନଥିଲା । ବେପରୁଆ ଢଙ୍ଗରେ ସେ ଯାଇ ଗଡ଼ିପଡ଼ିଲା ଅଟୋର ପଛସିଟ୍‌ରେ । ମଣିଷର ମଣିଷ ପ୍ରତି ଏତେ ଅସୂୟାଭାବ ! ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ଆଉ ଗୋଟିଏ ଅଟୋ ପାଖକୁ ଯାଇ ପଚାରିଲି, "ରାମ ମନ୍ଦିର ପାଖକୁ କେତେ ନେବ ?"

ହସିଦେଇ ସେ କହିଲା, 'ଆପଣ କ'ଣ ଜାଣି ନଥିବେ, ମ୍ୟାଡାମ୍ ! ଯାଉଥିବେ ତ ସବୁବେଳେ, ମୁଁ ଆଉ କ'ଣ କହିବି ?"

"ସେମିତି କେମିତି ହେବ ? ହଉ, ପଚାଶ ଟଙ୍କା ଦେବି । ଯିବ କି ?"

"ଚାଲନ୍ତୁ, ବର୍ଷା ଆସୁଛି ଆଜ୍ଞା ! ସାଇଡ୍ ଜରିଗୁଡ଼ିକ ବାନ୍ଧିଦେବି କି ? ଓଦା ହୋଇଯିବେ ନ ହେଲେ ।"

ମୁଁ ଉତ୍ତର ଦେବା ଅବସ୍ଥାରେ ନଥିଲି । ଅଡୁଆ ସୂତାରେ ଛନ୍ଦି ହେଉଥିଲି । ଏକା ମଣିଷ । ସମାନ ବୃତ୍ତି, କିନ୍ତୁ ବ୍ୟବହାର, ଦୃଷ୍ଟିଭଙ୍ଗୀରେ ପୁଣି ଏତେ ଫରକ ? ଅଟୋରୁ ଓହ୍ଲାଇ ମୁଁ ଷାଠିଏ ଟଙ୍କା ବଢ଼େଇଲି ତା' ହାତକୁ । ସେ ମଧ୍ୟ ଗ୍ରହଣ କଲା ଖୁବ୍ ପ୍ରସନ୍ନ ମୁଦ୍ରାରେ । ଭାବୁଥିଲି, ଭଲ କଥା ପଦେ ମଣିଷ ମନକୁ କେତେ ସହଜରେ କିଣିନିଏ । ଦେବା-ପାଇବାର ହିସାବ ଛାଡ଼ି ଖୁସି ମନରେ ନିଜ କାମ କରିଚାଲିଲେ ମଣିଷ ହୁଏତ ରାତାରାତି ବଡ଼ଲୋକ ହୋଇପାରେନି । କିନ୍ତୁ ତା'ସାଙ୍ଗରେ ଚକ ଅଟକି ମଧ୍ୟ ଯାଏନି । କେବେ କେଉଁଠି ଖାଲଖମା ଆସେ । ଗତି ଧିମେଇ ଯାଏ । ହେଲେ ପୁଣି ସୁରୁଖୁରୁରେ ଗଡ଼ିଚାଲେ ।

ଘରେ ପହଞ୍ଚୁ ପହଞ୍ଚୁ ଆସିଲା ବୋଉର ଫୋନ୍ । "ଜାଣିଛୁ, ନିର୍ମଳର ଝିଅ ବାହାଘର ଏଇ ମାସ ପନ୍ଦର ତାରିଖରେ । ତା'ସ୍ତ୍ରୀ ଆଜି ନିମନ୍ତ୍ରଣ କାର୍ଡ ଦେବାକୁ ଆସିଥିଲା । କିଛି ସହଯୋଗ ଆଶା କରୁଛି ବୋଧହୁଏ ! ପିଲାଟା ସିନା ଅସମୟରେ ବାଳୁତ ଛୁଆ ଦୁଇଟିଙ୍କୁ ଛାଡ଼ି ଚାଲିଗଲା, ହେଲେ ସମୟ କ'ଣ ବସିରହେ ? ତା' ଝିଅ ପୁଣି ବାହାହେବ ଦିନ କେଇଟା ପରେ । ବିଶ୍ୱାସ ହେଉନି ।"

ମନେପଡ଼ିଲା ନିର୍ମଳର କଥା । ସେତେବେଳେ ଆମେ ଭାଇଭଉଣୀ ସବୁ ସ୍କୁଲ କଲେଜରେ ପଢୁଥାଉ । ସରକାରୀ କ୍ୱାର୍ଟର ଛାଡ଼ି ନନା ଯେତେବେଳେ ସପରିବାର ନୂଆ ତୋଳିଥିବା ଘରକୁ ଉଠିଆସିବା ପାଇଁ ମନସ୍ଥ କଲେ, ମନରେ ଥିଲା ଛୋଟବଡ଼ ଅନେକ ଆଶଙ୍କା । ନୂଆ ଜାଗାରେ ପିଲାମାନେ ସ୍କୁଲ-କଲେଜ ଯିବା ପାଇଁ ଗାଡ଼ିଘୋଡ଼ା ଠିକ୍‌ରେ ପାଇବେ ତ ! ଘରକାମ ପାଇଁ ଠିକାଚାକରାଣୀ ମିଳିବ ତ ! ଭଲ ଗାଈକ୍ଷୀର ଟିକେ ମିଳିବ କି ନାହିଁ କେଜାଣି ? ଖବରକାଗଜବାଲା ସେପଟକୁ ଯାଉଛି କି ନାହିଁ ? ଏମିତି କେତେ କ'ଣ ଚିନ୍ତା ? ଜିନିଷପତ୍ର ଲଦି ନୂଆଘରେ ପହଞ୍ଚିବା ପରଦିନ ହିଁ ଆସି ପହଞ୍ଚିଥିଲା ନିର୍ମଳ । ପଚିଶ/ଛବିଶ ବର୍ଷର ଗଡଡ଼ ପିଲାଟାଏ । ଶ୍ୟାମଳ ବର୍ଣ୍ଣ । ହସହସ ମୁହଁ, ପ୍ରତ୍ୟେକ ଦିନ କ୍ଷୀର ଦୁଇଲିଟର ଦେବା ପାଇଁ କଥା ଛିଣ୍ଡିଲା ତା'ସହିତ । ହେଲେ ଦାୟିତ୍ୱ ତା'ର ସେତିକିରେ ସରି ନ ଥିଲା । ଆମ ଅସଜଡ଼ା ପରିସ୍ଥିତି ଦେଖି ବାସନମଜା ଚାକରାଣୀଠାରୁ ଖବରକାଗଜବାଲା, ଇଲେକ୍ଟ୍ରିସିଆନ ପର୍ଯ୍ୟନ୍ତ ସମସ୍ତଙ୍କୁ ଆଣି ସେ ଜୁଟେଇ ଦେଇଥିଲା ଦୁଇତିନିଦିନ ଭିତରେ । ଅକସ୍ମାତ ନୂଆଜାଗାରେ ଆମେ ପାଇଯାଇଥିଲୁ ଗୋଟିଏ ଏମିତି ନିଷ୍କପଟ ଚରିତ୍ର, ଯେ ଥିଲା ନିଃସ୍ୱାର୍ଥପର ଭାବ ନେଇ ସହଯୋଗର ହାତ ବଢ଼ାଇବା ପାଇଁ ସବୁବେଳେ ତତ୍ପର ।

ମନେଅଛି, ଦିନେଦିନେ ପାଣିମିଶା କ୍ଷୀର ଦେଇଥିଲେ ବୋଉ ତାକୁ ପଚାରେ, ହେଲେ ସେତେବେଳେ କିଛି କହେନା ନିର୍ମଳ । ଖାଲି ଓଠରେ ହସଧାରେ ଖେଳେଇ ଦିଏ । ମୁଣ୍ଡ ତଳକୁ ପୋତିଦିଏ । ଦୁଇତିନି ଦିନ ପରେ କାରଣ ବାହାରେ ତା'ପାଟିରୁ ।

"ଏତେଗୁଡ଼ାଏ ଗାଈ ମଇଁଷି ମା' । ବାଛୁରୀଙ୍କୁ ମିଶାଇଲେ ପନ୍ଦର / କୋଡ଼ିଏ ହେବେ । ସାନଭାଇଟା ଏ ବେପାରରେ ମତେ ଭଲ ସାହାଯ୍ୟ କରୁଛି । ହେଲେ କ'ଣ ହେବ ? ପିଲାଲୋକ, ମନଥୟ କରୁନି, ପାଠ ପଢ଼ିଛି ତ । ମାଟ୍ରିକ୍ ପାଶ୍ କରିଛି । ଅଛି ଅଛି, ବ୍ୟବସାୟ ଛାଡ଼ି ଚାକିରି ପଛରେ ଧାଉଁଛି । ଚାକିରି କିନ୍ତୁ ମିଳୁଛି କେଉଁଠି ? ମୁଁ ଏପଟେ ଏକୁଟିଆ ଦହଗଞ୍ଜ ହେଉଛି ।" ବୋଉ ପଚାରେ, "ଘରେ ତୋର ଆଉ କେହି ନାହାନ୍ତି ?" "ବାପା ମାଆ ଅଛନ୍ତି, ତାଙ୍କୁ କିନ୍ତୁ ଷାଠିଏ ଟପିଲାଣି । ଆଉ କ'ଣ ସେମାନେ ଖଟିବା କଥା ? ତେଣୁ ମୁଁ ଦାନା-ଚୋକଡ଼ ଆଣିବି, ଘାସ କାଟିବି, ଗାଈ ମଇଁଷିଙ୍କୁ ଖାଇବାକୁ ଦେବି, କ୍ଷୀର ଦୁହିଁବି, ପୁଣି ନିଜେ ଘରଘର ବୁଲି କ୍ଷୀର ଦେବି । ଏକାଏକା କେତେ କରିବି ? ସେଥିପାଇଁ ଦିନେ ଦିନେ କ୍ଷୀର କମିଯାଉଛି । ସାନଭାଇଟା ଘରେ ରହିଲେ ସବୁ ଠିକ୍ ଚାଲୁଛି । ନହେଲେ ତ ବେପାର ମାନ୍ଦା ।"

ଏକା ନିଃଶ୍ୱାସରେ ନିର୍ମଳ ବୁଝାଇଦିଏ । ବୋଉ ମଧ୍ୟ ବୁଝିଯାଏ । ପାଣିକ୍ଷୀର କଥା ଭୁଲି ବୁଢ଼ା ବାପା, ମା'ଙ୍କ ପ୍ରତି ନିର୍ମଳର ଆଦରପଣକୁ ସେ ପ୍ରଶଂସା କରେ । ବର୍ଷ ପରେ ବର୍ଷ ବିତେ । ନିର୍ମଳ ଏ ଭିତରେ ବାହାହୁଏ । ସ୍ତ୍ରୀ ଭରସାରେ ବେପାର ବଢ଼ାଏ । ନାଗୁଆ କ୍ଷୀର ସହିତ ଛେନା ବ୍ୟବସାୟ ଯୋଡ଼େ । ହେଲେ, ସମ୍ପର୍କର ସେତୁ ବାନ୍ଧିବା ଓ ତାକୁ ଅତୁଟ ରଖିବାର କଳା ଭୁଲେନାହିଁ ସେ । ଚାକରାଣୀ ଆମ ଘରକୁ ନ ଆସିଲେ ନିର୍ମଳ ନୂଆ ଲୋକ ଠିକ୍ କରିଦିଏ । ସବୁଦିନ କ୍ଷୀର ଆଣି ଆସିଲା ବେଳେ ସାନଭାଇ ଭଉଣୀ ପାଳିଥିବା ଛୋଟ କୁକୁରଛୁଆ ପାଖକୁ ଯାଇ ତା' ଗିନାରେ ପଚାଶ / ଶହେ କ୍ଷୀର ସେମିତି ଢାଳିଦିଏ ନିର୍ମଳ । ଓଠରୁ ତା'ର ହସଧାର ଲିଭିବା ଆମେ କେବେ ଦେଖିନୁ । ଆବେଗ ନଥାଏ । ଉଦ୍‌ବେଗ ମଧ୍ୟ ନଥାଏ । ବୃତ୍ତିରେ ଯେତିକି ନିଷ୍ଠାପର, ହୃଦୟରେ ସେ ସେତିକି ନିରାସକ୍ତ । ମନେପଡ଼େ, ସବୁବର୍ଷ ମୋ ଝିଅ ଜନ୍ମଦିନରେ ତାକୁ ଡାକି ମୁଁ ଛେନାପୋଡ଼ ପାଇଁ ବରାଦ ଦିଏ । ନିର୍ମଳ ଖୁସି ଖୁସିରେ କାଜୁ କିସ୍‌ମିସ୍ ଢାଳି ଛେନାପୋଡ଼ ତିଆରି କରେ ତ ରାତି ପାହୁପାହୁ ଆଣି ଦେଇଯାଏ । ମତେ ଲାଗେ, ଝିଅକୁ ତା' ଜନ୍ମଦିନର ପ୍ରଥମ ଉପହାର ନିର୍ମଳ ହିଁ ଦେଇଯାଏ ।

ସବୁ ଠିକ୍‌ଠାକ୍ ଚାଲିଥିଲା । ହଠାତ୍ ଦିନେ ବୋଉଠାରୁ ଶୁଣିଲି, ନିଦାଘ ବୈଶାଖର ଏକ ଧୂ ଧୂ ଖରାବେଳେ ନିର୍ମଳ ଯାଇଥିଲା କେଉଁ ଗହୀରକୁ ମଇଁଷି ଚରେଇବାକୁ । ଅଂଶୁଘାତରେ ଟଳିପଡ଼ିଲା ସେଇଠି । ଖୁସିବାସିଆ ମଣିଷଟିର ଦୁନିଆ ଛାଡ଼ି ଚାଲିଯିବା ଏତେ ଆକସ୍ମିକ ଥିଲା ଯେ ସହଜରେ ସେ ସତ୍ୟକୁ ଆମେ ଗ୍ରହଣ କରିପାରି ନ ଥିଲୁ । ଏତେ ଭଲ ଲୋକଟିଏ ସବୁକିଛି ଅଧାରୁ ଛାଡ଼ି ଏ ସଂସାରରୁ ଏତେ ଶୀଘ୍ର ହଜିଯିବ, ବିଶ୍ୱାସ ହେଉ ନ ଥିଲା । ବିଶ୍ୱାସ କିନ୍ତୁ ସମସ୍ତେ କଲେ ସେଇଦିନ, ଯେଉଁଦିନ ତା' ସାନଭାଇ ବିମଳ ଆସି ପହଞ୍ଚିଥିଲା, କ୍ଷୀର ଦେବାପାଇଁ । ଶୁଣିଥିଲି, ତା'ର ସେଇ ପାଠପଢୁଆ ଭାଇ ବିମଳ, ଯାହାକୁ କ୍ଷୀର ବ୍ୟବସାୟ ଆଦୌ ହିଁ ପସନ୍ଦ ନଥିଲା, ଭାଇ ଚାଲିଯିବା ପରେ ଟଳମଳ ହେଉଥିବା ତା'ର ବେପାରଟିକୁ ପୂର୍ଣ୍ଣଭାବେ ଆଦରି ନେଇଛି । ନିଜ ପରିବାର ସହିତ ନିର୍ମଳର ଭାସିଯାଉଥିବା ପରିବାରଟିକୁ କୂଳରେ ଲଗାଇବା ପାଇଁ ସେ ଅଣ୍ଟା ଭିଡ଼ିଛି ।

ସମୟ ପୁଣି ଗଡ଼ିଚାଲେ । ନନାବୋଉଙ୍କ ପାଖକୁ ଯେବେ ଯାଏ କେବେ କେମିତି ନିର୍ମଳର ପୁଅ କ୍ଷୀର ନେଇ ଆସୁଥିବାର ଦେଖେ । ନିର୍ମଳ କଥା ମନେପଡ଼େ । ଈଶ୍ୱରଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଏ । ମନେମନେ ଭାବେ, ଯେଉଁ ଲୋକ ପରଆପଣା ଭେଦଭାବ ରଖେନି, ଚିହ୍ନାଅଚିହ୍ନା ସମସ୍ତଙ୍କୁ ସହଯୋଗର ହାତ ବଢ଼ାଏ, ବିନା ସ୍ୱାର୍ଥରେ ଖୁସି ବାଣ୍ଟେ, ସେଥିରେ ତା'ର କ'ଣ କିଛି ସରିଯାଏ ? କେବେ ନୁହେଁ । ବାଛୁରୀ ଯେପରି ସହସ୍ର ଗାଈ ମଧ୍ୟରେ ନିଜ ମାଆକୁ ଚିହ୍ନି ତା'ପାଖରେ ପହଞ୍ଚିଯାଏ, ଆପଣା କୃତକର୍ମ ମଧ୍ୟ ମଣିଷର ପଛେ ପଛେ ହିଁ ଚାଲିଥାଏ । ସହଯୋଗ ପାଇଥିବା ସେଇ ମଣିଷମାନଙ୍କର ସଦିଚ୍ଛା, ଶୁଭେଚ୍ଛାକୁ ପୁଞ୍ଜି କରି ଲୋକଟି ଆଗେଇ ଚାଲେ ଜୀବନରାସ୍ତାରେ, ଆସୁଥିବା ବାଧାବିଘ୍ନକୁ ଧିରେଧିରେ କାଟିକାଟି । ବିପଦର କଳାବାଦଲ ଛାଏଁ ଅପସରିଯାଏ । କେବେ ଯଦି ମଧ୍ୟ ଏ ସଂସାରରେ ତା' ଲୀଳାଖେଳାରେ ଅଚାନକ ପୂର୍ଣ୍ଣଚ୍ଛେଦ ପଡ଼େ, ଈଶ୍ୱର ସେତେବେଳେ ହାତବଢ଼ାଇ ନେଇଯାଆନ୍ତି ଭାସିଯାଉଥିବା ତା'ପରିବାରଟିର ଦାୟିତ୍ୱ ।

ମୁଁ ଫୋନ୍ ରଖିଲି, ନିର୍ମଳ ଝିଅ ବାହାଘର ପାଇଁ ଅନେକ ଜିନିଷ ମତେ ସଜାଡ଼ିବାକୁ ହେବ । ଆମ ପରିବାର ପାଇଁ ତା'ର ନିରୁତା ସ୍ନେହ ମିଶା ସେବା କ'ଣ କେବେ ନିଷ୍ଫଳ ଯିବ ? ଯିବା ଉଚିତ୍ କି ? ମନ କହୁଥିଲା, କେବେ ନୁହେଁ ।

**ବଡଗଡ଼, ଭୁବନେଶ୍ୱର**

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପରିକ୍ରମା
Bhubaneswar, 10th - 16th July, 2017
ଭୁବନେଶ୍ୱର, ୧୦ - ୧୬ ଜୁଲାଇ, ୨୦୧୭



## ଉପସ୍ଥାପିକା ଭାବେ ଭୂମିକା ପୁରସ୍କୃତ

**ଗୁଣପୁର :** ଶ୍ରୀଜିଉଙ୍କ ରଥଯାତ୍ରା ସମୟରେ ବାହୁଡ଼ା ଯାତ୍ରା ପଡ଼ିଆଠାରେ କନିଷ୍ଠ ଏବଂ ବରିଷ୍ଠ କଳାକାରଙ୍କ ଦ୍ୱାରା ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପରିଚାଳନା ଏବଂ ଉପସ୍ଥାପନାରେ ଭାଗ ନେଇ ଯାତ୍ରା ପରିଚାଳନା କରିଥିବା ଗୋରା ଚୌଧୁରୀଙ୍କ କନ୍ୟା ସୁଶ୍ରୀ ଭୂମିକା ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଛି । ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଭୂମିକାଙ୍କ ଚିତାକର୍ଷକ ଉପସ୍ଥାପନା ଶୈଳୀ ପାଇଁ ସ୍ଥାନୀୟ ପୁରାତନ କଳାକାରଙ୍କ ଦ୍ୱାରା ପ୍ରଶଂସିତ ହେବା ସହ ସ୍ଥାନୀୟ ତହସିଲଦାରଙ୍କଠାରୁ ମାନପତ୍ର ଏବଂ ମେଡାଲ ଗ୍ରହଣ କରିଛନ୍ତି ।

### ଶିକ୍ଷାବିଭାଗର ଅଜବ ନିର୍ଦ୍ଦେଶ

## ବିପଦସଂକୁଳ ଶ୍ରେଣୀଗୃହ ଭାଙ୍ଗିବାକୁ ନେଇ ଚିନ୍ତାରେ ପ୍ରଧାନଶିକ୍ଷକ

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ବିପଦସଂକୁଳ ଶ୍ରେଣୀଗୃହକୁ ଭାଙ୍ଗିଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏଥିନିମନ୍ତେ ଟଙ୍କା ମଞ୍ଜୁର ହୋଇ ନ ଥିବାରୁ ସ୍କୁଲର ପ୍ରଧାନଶିକ୍ଷକ ଓ ସ୍କୁଲ କମିଟି ବିପଦସଂକୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡ଼ିକୁ ଭାଙ୍ଗିପାରୁ ନାହାନ୍ତି । ଅର୍ଥ ମଞ୍ଜୁର ନ କରାଇ ଏଭଳି ନିର୍ଦ୍ଦେଶ ଦେଇ କିଛି ଅଘଟଣ ଘଟିବା ପୂର୍ବରୁ ଶିକ୍ଷା ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ନେଉଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି । ସୂଚନା ଅନୁସାରେ, ଗତ ୨୦୧୬ ନଭେମ୍ବର ୩ ତାରିଖରେ ଚିଠି ନଂ-୧୦୭୧ ଅନୁଯାୟୀ ଡାବୁଗାଁ ବ୍ଲକ୍‌ର ୧୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କୁ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏ ନେଇ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ବିଦ୍ୟାଳୟରେ ଶ୍ରେଣୀଗୃହ ବିପଦସଂକୁଳ ଅବସ୍ଥାରେ ରହିଛି, ସେଗୁଡ଼ିକୁ ଶୀଘ୍ର ଭାଙ୍ଗି ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଯେଉଁ ଶ୍ରେଣୀଗୃହଗୁଡ଼ିକୁ ଆଂଶିକ ନଷ୍ଟ ହୋଇଛି, ତାହାକୁ ମରାମତି କରିବା ପାଇଁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲା । ତେବେ ନିର୍ଦ୍ଦେଶ ହେବାର ୭ ମାସ ପରେ ବି ବ୍ଲକ୍‌ର କୌଣସି ବିପଦସଂକୁଳ ଶ୍ରେଣୀଗୃହ ଭଙ୍ଗାଯାଇନାହିଁ । ଏବେ ବି ଛାତ୍ରଛାତ୍ରୀମାନେ ବିପଦସଂକୁଳ ଶ୍ରେଣୀଗୃହରେ ପାଠ ପଢୁଛନ୍ତି । ଏଗୁଡ଼ିକ ବିପଦସଂକୁଳ ଶ୍ରେଣୀଗୃହ ନିକଟରେ ଖେଳକୁଦ କରୁଛନ୍ତି । ଏହି ସମୟରେ ଯଦି କୌଣସି ଅଘଟଣ ଘଟେ, ତେବେ ଏଥିପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ କି ଜିଲ୍ଲା ଶିକ୍ଷା ଅଧିକାରୀ ନା ପ୍ରଧାନ ଶିକ୍ଷକ ଦାୟୀ ରହିବେ ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିପଦସଂକୁଳ ଗୃହଗୁଡ଼ିକୁ ଭାଙ୍ଗିବା ପାଇଁ ଅତିକମ୍‌ରେ ୪ରୁ ୫ ହଜାର ଟଙ୍କା ଖର୍ଚ୍ଚ ହେବ । ଶିକ୍ଷା ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରା ନ ଯାଇ କାହିଁକି ଏଭଳି ନିର୍ଦ୍ଦେଶ ଦିଆଯାଇଛି, ତାହାକୁ ନେଇ ପ୍ରଶ୍ନଚିହ୍ନ ଠିଆ ହୋଇଛି । ଏ ନେଇ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ବିପଦସଂକୁଳ ଗୃହଗୁଡ଼ିକୁ ଭଙ୍ଗାଯିବା ପରେ ସେଥିରୁ ଯେଉଁ ସାମଗ୍ରୀଗୁଡ଼ିକ ବାହାରିବ, ତାହାକୁ ନିଲାମ କରାଯାଇ ଉକ୍ତ ଅର୍ଥରେ ଭରଣା କରାଯିବ । ଏଥିପାଇଁ ଗଣଶିକ୍ଷା ବିଭାଗରୁ କୌଣସି ଅର୍ଥ ଆସୁ ନ ଥିବା ସେ କହିଛନ୍ତି ।

## ମା' ଜଗତ୍‌ଜନନୀ ସେବାଟ୍ରଷ୍ଟ ପକ୍ଷରୁ ପୌରପାଳିକାକୁ ମଶାଧୂଆଁ ଗାଡ଼ି



**କେନ୍ଦୁଝର :** ମା' ଜଗତଜନନୀ ସେବା ଟ୍ରଷ୍ଟ, ବାମେବାରୀ ପକ୍ଷରୁ କେନ୍ଦୁଝରଗଡ ପୌରପାଳିକାକୁ ୨ଟି ବ୍ୟାଟେରୀ ଚାଳିତ ମଶାଧୂଆଁ ଗାଡି ପ୍ରଦାନ କରାଯାଇଛି । ଏହି ଦୁଇଟି ଗାଡିକୁ କେନ୍ଦୁଝରଗଡ ପୌରପାଳିକାର ଭାରପ୍ରାପ୍ତ ଅଧ୍ୟକ୍ଷ ସରୋଜ କୁମାର ସାହୁ ଶନିବାର ଅପରାହ୍ନରେ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡା, କାଉନସିଲର ସୁରେଶ ଚନ୍ଦ୍ର ପଟ୍ଟନାୟକ ଓ ସନ୍ଧ୍ୟାରାଣୀ ମିଶ୍ରଙ୍କ ସମେତ ପୌରପାଳିକାର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ୧୩ଲକ୍ଷ ଟଙ୍କା ବ୍ୟୟରେ ଏହି ବ୍ୟାଟେରୀ ଚାଳିତ ଦୁଇଟି ଗାଡି ଅତି ଛୋଟ ହୋଇଥିବାରୁ ପୌରପାଳିକାର ସମସ୍ତ ୱାର୍ଡର ଗଳିକନ୍ଦିରେ ମଧ୍ୟ ପଶି ମଶାଧୂଆଁ ଛାଡିପାରିବ । ପୌରପାଳିକାକୁ ଏହି ମଶାଧୂଆଁ ଗାଡି ପ୍ରଦାନ କରାଯାଇଥିବାରୁ ମା' ଜଗତଜନନୀ ସେବାଟ୍ରଷ୍ଟର ମ୍ୟାନେଜିଂ ଡାଇରେକ୍ଟର ତଥା ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ କାଉନସିଲ ପକ୍ଷରୁ ଧନ୍ୟବାଦ ଦିଆଯାଇଛି ।

## ପାଇଖାନା ସଫା ମେସିନ୍ ଅଚଳ, ଲୋକେ ହନ୍ତସନ୍ତ

**ଗୁଣପୁର :** ଗୁଣୁପୁର ପୌରପରିଷଦ ପକ୍ଷରୁ ସର୍ବସାଧାରଣଙ୍କ ପାଇଖାନା ସଫା କରିବା ନିମନ୍ତେ ଗତ ୪ ବର୍ଷ ତଳେ କିଣାଯାଇଥିବା ମେସିନ୍ ବାରମ୍ବାର ଅଚଳ ହୋଇପଡୁଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଫଳରେ ଲୋକମାନେ ବାଧ ହୋଇ ଚଢ଼ାଦରରେ ଘରୋଇ ସଂସ୍ଥାର ସହାୟତା ନେଇ ପାଇଖାନା ସଫା କରୁଥିବା ଦେଖିବାକୁ ମିଳିଛି । ଏହି ଘରୋଇ ସଂସ୍ଥା ମାଧ୍ୟମରେ ପୌର କର୍ମଚାରୀ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଏବଂ ପ୍ରତିବର୍ଷ ମେସିନ୍ ମରାପତି ନାମରେ ଟଙ୍କା ହଡ଼ପ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି । ଏପଟେ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପୌରପରିଷଦର ସଦସ୍ୟମାନଙ୍କ ମଧ୍ୟରୁ କେହି ହେଲେ ଏହାକୁ ନେଇ ପୌରପରିଷଦ ବୈଠକରେ ଆଲୋଚନା ନିମନ୍ତେ ଉପସ୍ଥାପନ କରୁନ ଥିବା ଜଣାପଡ଼ିଛି । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ଅନେକ ଭିତିରି କାରବାରର ପର୍ଦ୍ଦାଫାସ୍ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ଚାଲିଛି ।

## ଚାଷୀଙ୍କୁ ଲୁଟୁଛି ସେବା ସମବାୟ ସମିତି !

**ଜଗତସିଂହପୁର :** ରଘୁନାଥପୁର ବ୍ଲକ୍ ଅଧିନସ୍ଥ ଜଗନ୍ନାଥପୁର ବଜାର ଠାରେ ଥିବା ମା' ଶାରଳା ବହୁମୁଖି ସମବାୟ ସମିତି ଚାଷୀଙ୍କୁ ଲୁଟିବାରେ ଲାଗିଛି । ଏହି ସଂସ୍ଥାର ସମ୍ପାଦକ ଅତି ଚତୁରତାର ସହ ସମବାୟ ସମିତିର ନିୟମ ଜଣାନଥିବା କିଛି ଅନଭିଜ୍ଞ ସଦସ୍ୟଙ୍କୁ ରଖି ଏହି ସଂସ୍ଥାକୁ ନିଜ ବ୍ୟବସାୟ ରୂପେ ପରିଚାଳନା କରି ସମସ୍ତ ଲାଭାଂଶ ଆତ୍ମସାତ କରୁଥିବାର ଅଭିଯୋଗ ହେଉଛି । ଏହି ସଂସ୍ଥାର ସଂପାଦକ ଲୁଟୁଥିବା ସବସିଡି ଅର୍ଥରେ କେନ୍ଦ୍ରାପଡା, ଜଗତସିଂହପୁର, କଟକ ଆଦି ବିଭିନ୍ନ ଜିଲ୍ଲାରେ ସିମେଣ୍ଟ ଗୋଦାମ, ସାର ଗୋଦାମ ଓ କୀଟନାଶକ ଔଷଧ ଗୋଦାମ କୋଟି କୋଟି ଟଙ୍କା ଆୟ କରି ସେବାକର ଅଧିକାରୀଣିଙ୍କୁ ଫାଶରେ ରଖି ଟିକସ ଫାଙ୍କୁଛନ୍ତି । ଶୁଣିବାକୁ ମିଳୁଛି ଏହି ସେବାକର ଅଧିକାରୀଣି ରାତିସାରା ସଂପାଦକଙ୍କ ଘରେ ରହି କଳାଧନକୁ ଧଳା କରିବା ପ୍ରଣାଳୀ ଶିଖାଇବା ସହିତ ରାତ୍ରୀସେବା ଦେଇଥାନ୍ତି । ସରକାରଙ୍କ ତରଫରୁ ସବ୍‌ସିଡ ମାଧ୍ୟମରେ ଆସୁଥିବା ରାସାୟନିକ ସାର, କୀଟନାଶକ ଔଷଧ, ବିହନ ଓ କୃଷି ସାମଗ୍ରୀରେ ଚାଷୀମାନଙ୍କୁ ରିହାତି ନଦେଇ ବାହାର ଜିଲ୍ଲାରେ ଉକ୍ତ ସାମଗ୍ରୀ ଗୁଡିକୁ ଅଧିକ ଦରରେ ବିକ୍ରି କରୁଥିବାର ଅଞ୍ଚଳର ଜଣେ ଯୁବଚାଷୀ ଅଭିଯୋଗ କରିଛନ୍ତି । ଯେଉଁ ସାମଗ୍ରୀଗୁଡିକୁ ଚାଷୀଙ୍କୁ ଦିଆଯାଉଛି ତାହା ଅତି ନିମ୍ନମାନର ହୋଇଥିବାରୁ ଚାଷୀ ଆଶାନୁରୂପକ ଅମଳ ପାଇପାରୁନାହାନ୍ତି । ଜିଲ୍ଲା କୃଷିଅଧିକାରୀ ଓ ରଘୁନାଥପୁର କୃଷି ସହକାରୀ ଅଧିକାରିଣୀ କେଉଁ ଉଦ୍ଦେଶ୍ୟ ରଖି ଏସବୁ ଅଭିଯୋଗର ତଦନ୍ତ କରୁନାହାନ୍ତି ତାହାକୁ ନେଇ କୃଷକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି । ଏଠାରେ ସୂଚନା ଯୋଗ୍ୟ ରଘୁନାଥପୁର ଅଞ୍ଚଳରେ କେତେକ କୋ-ଅପରେଟିଭ ସୋସାଇଟି କେବଳ ସରକାରଙ୍କ ତରଫରୁ ଆସୁଥିବା ଚାଷୀଙ୍କ ସବ୍‌ସିଡକୁ ବାଟମାରଣା କରିବା ପାଇଁ ଏହି ସଂସ୍ଥା ତିଆରି କରିଛନ୍ତି । ଏମାନେ ଚାଷୀଙ୍କ ହିତ ସାଧନ କରିବା ପରିବର୍ତ୍ତେ ଶୋଷଣ କରିବାରେ ଲିପ୍ତ ଥିବା ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ସମବାୟ ସମିତିର ନିବନ୍ଧକ ଅଭିଯୋଗର ତଦନ୍ତ କରି କାର୍ଯ୍ୟନିଷ୍ପାନ ଗ୍ରହଣ କରିବା ପାଇଁ ସରକାରଙ୍କ ନିକଟରେ ସାଧାରଣରେ ଦାବି ହେଉଛି ।

## ସମସ୍ୟାର ସମାଧାନ ହେଲାନି, ନିଯୁକ୍ତି ପାଇଲେ ଶିକ୍ଷକ

**ଡାବୁଗାଁ :** ଡାବୁଗାଁରେ ଗଢ଼ି ଉଠିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମେ ୪ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା । ୪ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ଚାକିରୀରୁ ନିଜ ଇଚ୍ଛାରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ୩ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ୬ଷ୍ଠ ଶ୍ରେଣୀର ୮୦ ଜଣ ଛାତ୍ରଛାତ୍ରୀ, ୭ମ ଶ୍ରେଣୀର ୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ମୋଟ ୧୬୦ଜଣ ରହିଥିବା ବିଦ୍ୟାଳୟର ଶିକ୍ଷକ ଡମ୍ବରୁଧର ଦାଶଙ୍କ ଠାରୁ ସୂଚନା ମିଳିଛି । ବର୍ତ୍ତମାନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବେଶ୍ ସୁରୁଖୁରୁରେ ସମ୍ପାଦନ ହେଉଥିବା ବେଳେ ଜୁନ୍ ମାସର ଶେଷ ସୁଦ୍ଧା ଆଉ ଛଅଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ହୋଇଛନ୍ତି । ଓଡ଼ିଆ ନିମନ୍ତେ ଶରତ କୁମାର ଦଳେଇ, ସଂସ୍କୃତ ନିମନ୍ତେ ଅର୍ଚ୍ଚନା ସାମନ୍ତ, ବିଜ୍ଞାନ ନିମନ୍ତେ ରାଜେଶ ସମରଥ, ଗଣିତ ନିମନ୍ତେ ବିଦ୍ୟୁତ୍‌ପ୍ରଭା ମିଶ୍ର, ସାମାଜିକ ବିଜ୍ଞାନ ନିମନ୍ତେ ରଜତ କୁମାର ମେହେର, କଳା ନିମନ୍ତେ ଚିନ୍ମୟ ପ୍ରଧାନ ଚାକିରୀରେ ଯୋଗଦାନ କରି ଶିକ୍ଷାଦାନ ଦେଉଛନ୍ତି । ତଥାପି ଆହୁରି ପଦବୀ ନିମନ୍ତେ ଇଂରାଜୀ, ହିନ୍ଦୀ, ନୃତ୍ୟ, କମ୍ପ୍ୟୁଟର ଓ କ୍ରୀଡ଼ା ଶିକ୍ଷକ ଆବଶ୍ୟକତା ରହିଛି । ଏତଦବ୍ୟତୀତ ସର୍ବୋପରି ଅଧ୍ୟକ୍ଷ ପଦବୀ ମଧ୍ୟ ଆବଶ୍ୟକତା ରହିଛି । ୬ଷ୍ଠ ଓ ୭ମ ଶ୍ରେଣୀରେ ୮୦ଜଣ ଲେଖାଏଁ ମୋଟ ୧୬୦ଜଣ ଅଧ୍ୟୟନ କରୁଛନ୍ତି । କୋମଳମତି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ, ଛାତ୍ର ନିବାସ, ବିଦ୍ୟୁତ୍‌କରଣ, ପାନୀୟ ଜଳ ଯୋଗାଣର ସମସ୍ତ ସୁବନ୍ଦୋବସ୍ତ କରାଯିବା ନିମନ୍ତେ ଅଭିଭାବକ ବଅନ୍ଦ ଦୃଢ଼ ଭାବେ ଦାବି କରିଛନ୍ତି । ଛାତ୍ର ନିବାସ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ କାମ ବାକି ରହିଥିବା ନେଇ ହସ୍ତାନ୍ତର କରାଯାଇନାହିଁ । ତୁରନ୍ତ ସମସ୍ତ ସମସ୍ୟାର ସମାଧାନ କରାଇବାକୁ ଜନସାଧାରଣରେ ଦୃଢ଼ଦାବି ହେଉଛି । ଏଥିମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ପାଣିଗ୍ରାହୀ ମହୋଦୟଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ଗଠନ କରାଯାଇ ସାରିଛି ଓ ଅଧ୍ୟକ୍ଷଙ୍କ ସହାୟତାରେ ସମସ୍ତ କାର୍ଯ୍ୟ ଆଗକୁ ଆଗକୁ ଆଗେଇ ଚାଲିଥିବାରୁ ଜନସାଧାରଣରେ ଭୂୟସୀ ପ୍ରଶଂସା କରିଛନ୍ତି ।

## ପଞ୍ଚାୟତରେ ଦୁର୍ନୀତି : ତଦନ୍ତ ଦାବିକଲେ ଲୋକପ୍ରତିନିଧି

**କେନ୍ଦୁଝର :** ସଦର ବ୍ଲକ ନେଲୁଙ୍ଗ ପଂଚାୟତର ବିଭିନ୍ନ ଦୁର୍ନିତି ହୋଇଥିବା ନେଇ ସ୍ଥାନୀୟ ଓାର୍ଡ ମେମ୍ବର ମାନେ ଜିଲାପାଳ ଙ୍କୁ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି । ଏହାର କପି ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ, ଜିଲା ପଂଚାୟତ ଅଧିକାରୀ ଓ ସଦର ବ୍ଲକ ବିଡିଓ ଙ୍କୁ ପ୍ରଦାନ କରିଛନ୍ତି । ଏନେଇ ଏକ ବୈଠକ କରି ଏହି ଅଭିଯୋଗ ଗୁରୁବାର ଦେଇଥିବା ସେମାନେ କହିଛନ୍ତି । ପଂଚାୟତରେ ଚାଲିଥିବା କାମକାର୍ଯ୍ୟ ର ତଥ୍ୟ ସେମାନଙ୍କୁ ମିଳୁନଥିବା ଅଭିଯୋଗ କରିଛନ୍ତି । ପଂଚାୟତର ଅନେକ କାମ ବିନା ପଲ୍ଲୀସଭା ଓ ରିଜଲୁସନରେ କାର୍ଯ୍ୟାଦେଶ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଇନ୍ଦିରାଆବାସ, ପ୍ରଧାନମନ୍ତ୍ରୀ ଗୃହ, ବିଜୁ ପକ୍କା ଘର ଓ ଲେବର କାର୍ଡ ଘର ଆଦି ଯୋଜନାରେ ଠିକ ଭାବରେ ଚିହ୍ନଟ କରି ଘର ଆବଂଟନ ହୋଇନଥିବା ଅଭିଯୋଗ କରିଛନ୍ତି । ଏପରିକି ଗୋଟିଏ ପରିବାରରେ ଏକାଧିକ ଘର ଆବଂଟନ ହୋଇଥିବା ରୁ ଏହାର ତଦନ୍ତ କରିବାକୁ ଦାବୀ କରିଛନ୍ତି । ଏହା ଛଡା କେତେକ ନିଜର ପଟ୍ଟାଭୁକ୍ତ ଜମିରେ ଘର ନ କରି ସରକାରୀ ଜମି, ହୁଡି ଆଦିରେ ବେଆଇନ ଭାବରେ ଘର କରିଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ଆମ୍ବୁଆପୋଷି ଶିବ ମନ୍ଦିର ପାଖ ରାସ୍ତାରେ ମୋରମ ନ ପକାଇ ମିଥ୍ୟା ବିଲ କରାଯାଇ ଟଙ୍କା ଉଠାଯାଇଥିବା ଅଭିଯୋଗ କରିଛନ୍ତି । ସେହିପରି ଝାଡବେଲଦା ମଲାର ସାହି କଂକ୍ରିଟ ରାସ୍ତା କାମ ଶେଷ ନ କରି ୩ ଟି ପର୍ଯ୍ୟାୟରେ ୯ ଲକ୍ଷ ଟଙ୍କା ବିଲ କରାଯାଇ ଉଠାଯାଇଥିବା ଅଭିଯୋଗ କରିଛନ୍ତି । ଝାଡବେଲଦା ମାଛ ଗୋଦାମ ସମ୍ମୁଖ ଏନଏଚ ୪୯ କଡରେ ଡ୍ରେନ କାମ ନ ସରୁଣୁ ବିଲ ପାସ କରିବାକୁ ଚାପ ପକାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ଗତ ୨୦୧୫/୧୬ ଆର୍ଥିକ ବର୍ଷରେ ବଂଟନ କରାଯାଇଥିବା ୨୫ ଟି ଘର ମଧ୍ୟରୁ ୨୦ ଘରର କାଗଜପତ୍ର ଓ ହିସାବ ମିଳୁନଥିବାରୁ ଏହାର ତଦନ୍ତ କରିବାକୁ ଦାବୀ କରିଛନ୍ତି । ଜଣେ ଗ୍ରାମ ରୋଜଗାର ସେବକ ନିଜର ୨ ଜଣ ସମ୍ପର୍କିୟା (ସେଥିରୁ ଜଣ ଙ୍କ ଦେହାନ୍ତ ହୋଇଯାଇଛି) ଙ୍କ ନାମରେ ଘର ମଞ୍ଜୁର କରାଯାଇଥିବା, ଡିଡିଏସ ଚାଉଳ ର ହିସାବ ସେମାନଙ୍କୁ ଦିଆଯାଉନଥିବା ଅଭିଯୋଗ କରିଛନ୍ତି । ୨,୬ ଓ ୭ ନମ୍ବର ଓାର୍ଡରେ ୪ ଟି ପାଣି ଟାଂକି ବସାଇ ପାଣି ଯୋଗାଣ କରାଯାଇଥିବା ବେଳେ ଏହାର ହିସାବ ଓାର୍ଡ ମେମ୍ବର ମାନଙ୍କୁ ଦିଆଯାଉନଥିବା, ୧୦ ନମ୍ବର ଓାର୍ଡରେ ଦିନେ ପାଣି ଯୋଗାଇ ଦେଇ ୩୫ ଦିନ ଦିଆଯାଇଥିବା ଦର୍ଶାଇ ବିଲ କରାଯାଇଥିବା ଆଦି ଦୁର୍ନିତି ଅଭିଯୋଗ କରି ତଦନ୍ତ ଦାବୀ କରିଛନ୍ତି । ଏଣୁ ତୁରନ୍ତ ପିଇଓ ଙ୍କୁ ବଦଳି କରିବା ସହ ସମସ୍ତ ଅଭିଯୋଗର ତଦନ୍ତ କରିବାକୁ ଦାବୀ କରାଯାଇଥିବା ଓାର୍ଡ ମେମ୍ବର ପ୍ରସନ୍ନ କୁମାର ଦାସ, ଗୌରହରୀ ମୁଣ୍ଡା, ନିରଞ୍ଜନ ନାଏକ, ମଞ୍ଜରୀ ମହାନ୍ତ, ରେବତୀ ନାଏକ, ସୌଦାମିନି ମହାନ୍ତ, ସୂର୍ଯ୍ୟମଣୀ ମୁଣ୍ଡା, ଗୀତାଞ୍ଜଳୀ ପାତ୍ର, ସୀତା ମୁଣ୍ଡା, ଲକ୍ଷ୍ମଣ ନାଏକ, ସମେତ ନାଏବ ସରପଂଚ କବିତା ଦାସ ଓ ଆଶା କର୍ମୀ ବିମଳା ମୁଣ୍ଡା ଲିଖିତ ଦାବୀ କରିଛନ୍ତି । ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରାଯିବ ବୋଲି ବିଡିଓ ପ୍ରଦିପ ଡାଙ୍ଗ କହିଛନ୍ତି । ତେବେ ଏ ନେଇ ପଦକ୍ଷେପ ନିଆନଗଲେ ସେମାନେ ବାଧ୍ୟ ହୋଇ ପଂଚାୟତ ଗୃହରେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡି...

ବିରୋଧରେ ସେ ଜୋରଦାର ବର୍ଷିଛନ୍ତି । ପଞ୍ଚାୟତ ନିର୍ବାଚନ ପରେ ନବୀନ ପଟ୍ଟନାୟକଙ୍କ ଆଖିରୁ ନିଦ ହଜିଯାଇଥିବା ବେଳେ ଏବେ ୧୨୦ ଆସନ ଜିତିବାର ଦମ୍ଭୋକ୍ତି ଦେଖାଇ ଅମିତ୍ ପୁଣିଥରେ ବିଜେଡିକୁ ଘାଇଲା କରିଦେଇଛନ୍ତି । ରାଜ୍ୟ ରାଜନୀତି ଏବେ ସଂଖ୍ୟା ଗଣିତକୁ ନେଇ ଉଷ୍ମ ଥିଲାବେଳେ କଂଗ୍ରେସ କିନ୍ତୁ ଅମିତ୍‌ଙ୍କ କଥାକୁ ସେଭଳି ଗୁରୁତ୍ୱ ଦେଇନାହିଁ । ହେଲେ ୟୁପି ଓ ଉତ୍ତରାଖଣ୍ଡରେ ଅମିତଙ୍କ ଗେମ୍‌ପ୍ଲାନ୍ ବିଜେପିକୁ ଯେଭଳି ସଫଳତା ପ୍ରଦାନ କଲା, ତାହା ଉଲ୍ଲେଖଯୋଗ୍ୟ । ଆହୁରି ମଧ୍ୟ ଦଳୀୟ କର୍ମୀ ତଥା ନେତାଙ୍କୁ ଅମିତ୍ ଯେଉଁ ୩ଟି ମନ୍ତ୍ର ଦେଇଛନ୍ତି, ସେଥିରେ କେନ୍ଦ୍ରୀୟ ଯୋଜନା କଥା ଲୋକଙ୍କୁ ବୁଝାଅ, ଏହାର ସଠିକ୍ କାର୍ଯ୍ୟକାରିତା ଉପରେ ଧ୍ୟାନ ଦିଅ ଏବଂ ରାଜ୍ୟ ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଅ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ।

ଏଭଳି ପରିସ୍ଥିତିରେ ବିଜେପିର ବିସ୍ତାରକବାହିନୀ ଶାସକ ବିଜେଡିକୁ କେଉଁ ଦିଗକୁ ଟାଣିବେ, ତାହା ଏବେ ଚର୍ଚ୍ଚାର ବିଷୟ । ହେଲେ ଅମିତ୍‌ଙ୍କ ଦୃଢ଼ୋକ୍ତିକୁ ଉପହାସ କରିଛି ବିଜେଡି । ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ ବିଜେପିର ଆଶା ଓ ଯୋଜନା କେବେ ସଫଳ ହେବନାହିଁ ।

ଏହାର ଜବାବ ରଖିଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଶାହା କଞ୍ଚା ଖେଳାଳି ନୁହନ୍ତି । ୧୨୦ ଆସନ ସମ୍ପର୍କରେ ଶାହା ଯାହା କହିଛନ୍ତି, ତାହାକୁ ହାଲୁକା ଭାବେ ଯିଏ ନେଉଛି ନେଉ । ଆମେ କିନ୍ତୁ କାମ ଆରମ୍ଭ କରିସାରିଲୁଣି । ସୁଚିନ୍ତିତ ଯୋଜନା ଓ ରଣନୀତି ପ୍ରସ୍ତୁତ ନ କରି ଶାହା କିଛି କୁହନ୍ତି ନାହିଁ ବୋଲି ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି । ଏଥିସହ ବିଜେଡିକୁ ବିଜୁବାବୁଙ୍କ ସରକାର କଥା ମନେପକାଇ ଦେଇଛନ୍ତି ଧର୍ମେନ୍ଦ୍ର । ୧୯୯୦ ନିର୍ବାଚନରେ ୧୨୩ ଆସନ ଜିତି କ୍ଷମତାକୁ ଫେରିଥିଲେ ବିଜୁ ପଟ୍ଟନାୟକ । କିନ୍ତୁ ୯୫ ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଥିଲା ଜନତା ଦଳ । ସୁତରାଂ ଆସନ୍ତା ସାଧାରଣ ନିର୍ବାଚନ ବିଜେଡି ପାଇଁ ଘାତକ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି ।

### ନିଜ ସ୍ଥିତିରେ...

ଦୁନିଆ ସେମାନଙ୍କ ସମ୍ପର୍କରେ କି ପ୍ରକାର ଧାରଣା ରଖିଛନ୍ତି, ସେ ବିଷୟରେ ସେମାନେ ସଚେତନ ଅଛନ୍ତି । ସିକ୍କିମ୍ ଭାରତରୁ ପୃଥକ ହୋଇଯିବାକୁ ଯେଉଁମାନେ ଚାହୁଁଛନ୍ତି, ସେମାନଙ୍କୁ ଚୀନ୍ ସମର୍ଥନ ଜଣାଇପାରିବ । ସିକ୍କିମ୍ ସ୍ୱାଧୀନତାକୁ ଚୀନ୍ ସମର୍ଥନ କରୁଛି ବୋଲି ସେଠାରେ ଜନମତ ପ୍ରକାଶ ପାଇଲେ, ଆନ୍ଦୋଳନ ପୁଣି ମୁଣ୍ଡ ଟେକିବ ବୋଲି ଏହି ସମ୍ପାଦକୀୟରେ କୁହାଯାଇଛି । ୬୦ ଦଶକ ଓ ୭୦ ଦଶକରେ ସିକ୍କିମ୍‌ର ସାର୍ବଭୌମତ୍ୱ ଲାଗି ଯେଉଁ ବିଦ୍ରୋହ ଦେଖା ଦେଇଥିଲା, ଭାରତ ତାକୁ ଅତି ସାଂଘାତିକ ଭାବରେ ଦମନ କରିଥିଲା । ୧୯୭୫ରେ ନୂଆଦିଲ୍ଲୀ ସିକ୍କିମ୍‌ର ରାଜାଙ୍କୁ ଗାଦିଚ୍ୟୁତ କରିଥିଲା ଏବଂ କାରସାଦି କରି ଏହାକୁ ଭାରତରେ ସାମିଲ କରିଥିଲା ବୋଲି ଗ୍ଲୋବାଲ୍ ଟାଇମ୍ସର ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି । ଏବେ ଭୁଟାନ ଭାରତର ପ୍ରରୋଚନାରେ ପରିଚାଳିତ ହେଉଛି । ସେଥିପାଇଁ ଭୁଟାନ ଚୀନ୍ ସହ ଏପର୍ଯ୍ୟନ୍ତ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା କରିନାହିଁ କିମ୍ବା ଜାତିସଂଘ ନିରାପତ୍ତା ପରିଷଦ କୌଣସି ସ୍ଥାୟୀ ସଦସ୍ୟଙ୍କ ସହ ମଧ୍ୟ ସମ୍ପର୍କ ରଖିନାହିଁ । ସିକ୍କିମ୍ ସୀମା ବିବାଦରୁ ଭାରତ ନିୟନ୍ତ୍ରଣରେ ଭୁଟାନ ରହିଛି ବୋଲି ସ୍ପଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ଭୁଟାନ୍‌ର କୂଟନୈତିକ ଓ ପ୍ରତିରକ୍ଷା ସାର୍ବଭୌମତ୍ୱ ଫେରାଇ ଆଣିବାରେ ଚୀନ୍ ଅନ୍ତର୍ଜାତୀୟ ସମୁଦାୟକୁ ପ୍ରବର୍ତ୍ତାଇବାର ସମୟ ଆସିଛି ବୋଲି ଏହି ସମ୍ବାଦପତ୍ରରେ କୁହାଯାଇଛି ।

### ଚୀନ୍ ମିଡିଆରେ...

ବିଶେଷଜ୍ଞ ଏବଂ ଗଣମାଧ୍ୟମ ଏହି ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏଭଳି ପରିସ୍ଥିତିରେ ଚୀନ୍‌ର ଜନସାଧାରଣ ଏକଜୁଟ୍ ହୋଇ ଭାରତ ବିରୋଧରେ ସଂଗ୍ରାମ କରିବାକୁ ଏହି ସମ୍ପାଦକୀୟରେ ଆହ୍ୱାନ ଦିଆଯାଇଛି । ଏଥିରେ କୁହାଯାଇଛି, ଭାରତୀୟ ସେନା ଡୋକ୍‌ଲାମ୍‌ରୁ ନ ହଟିଲେ, ତାକୁ ଗୋଇଠା ମାରି ବିଦା କରି ଦିଆଯାଉ । ଚୀନ୍ ଜନସାଧାରଣ ଭାରତର ଏ ପ୍ରକାର ଆଭିମୁଖ୍ୟରେ କ୍ଷୁବ୍ଧ ହୋଇଛନ୍ତି । ଚୀନ୍ ସୀମାରୁ ଭାରତୀୟ ସେନାକୁ ହଟାଇବା ପାଇଁ ପିପୁଲ୍ସ ଲିବରେସନ ଆର୍ମିର ଯଥେଷ୍ଟ ସାମର୍ଥ୍ୟ ରହିଛି ବୋଲି ଆମର ବିଶ୍ୱାସ । ଏଭଳି ପରିସ୍ଥିତିରେ ଚୀନା ସମାଜ ଏକଜୁଟ୍ ହେବାକୁ ଆମେ ଆହ୍ୱାନ ଦେଉଛୁ ବୋଲି ଏହି ସମ୍ପାଦକୀୟରେ କୁହାଯାଇଛି । ଚୀନ୍ ସେନା ତା'ର ନିଜସ୍ୱ ଅଞ୍ଚଳରେ ରାସ୍ତା ନିର୍ମାଣ କରୁଥିବା ନେଇ ବେଜିଂ ପକ୍ଷରୁ ଦୃଢ଼ ପ୍ରମାଣ ଉପସ୍ଥାପନ ସ୍ୱରୂପ ଏକ ମାନଚିତ୍ର ରିଲିଜ୍ କରାଯିବାର ଦିନକ ପରେ ଗ୍ଲୋବାଲ୍ ଟାଇମ୍ସରେ ଏଭଳି ଭାରତ ବିରୋଧୀ ମନୋଭାବ ବ୍ୟକ୍ତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଏହି ସେକ୍ଟରରେ ଗତ ୩ ସପ୍ତାହ ହେଲା, ଭାରତ-ଚୀନ୍ ସେନା ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଚୀନ୍ ଭାରତୀୟ ସୈନ୍ୟଙ୍କୁ ହଟାଇନେବାକୁ ଦାବି କରିଆସୁଛି । ଭାରତୀୟ ସେନା ନ ହଟିବା ଯାଏ କୌଣସି ଆଲୋଚନା ସମ୍ଭବ ନୁହେଁ ବୋଲି ବେଜିଂ ଦୃଢ଼ ଭାବରେ କହୁଛି । ସେହିପରି ସିକିମ୍ ସେକ୍ଟରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ସମ୍ପର୍କରେ ଭାରତ ଭୁଲ ତଥ୍ୟ ଦେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି ବୋଲି ଚୀନ୍ ପକ୍ଷରୁ କୁହାଯାଇଛି । ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ସୁଆଙ୍ଗ୍ କହିଛନ୍ତି, ସିକ୍କିମ୍ ସେକ୍ଟରରେ ଚୀନ୍ ସେନା ରାସ୍ତା ନିର୍ମାଣ କରୁଛି ବୋଲି କୁହାଯାଉଛି । ଏଥିଯୋଗୁ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବେଶ କରିବାରେ ବାଧା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ କରାଯାଉଛି । କିନ୍ତୁ ବାସ୍ତବ ସ୍ଥିତି ଏହା ନୁହେଁ । ଭାରତ ପକ୍ଷରୁ କୁହାଯାଉଛି ଯେ, ଚୀନ୍, ଭୁଟାନ ଓ ଭାରତ ଏହି ୩ଟି ରାଷ୍ଟ୍ରର ମିଳିତ ପଏଣ୍ଟ ହେଉଛି ଡୋକ୍‌ଲାମ୍ । କିନ୍ତୁ ଏହା ୧୮୯୦ରେ ଚୀନ୍ -ବ୍ରିଟେନ ମଧ୍ୟରେ ବୁଝାମଣାର ଉଲ୍ଲଂଘନ କରୁଛି । ଏହି ମିଳିତ ପଏଣ୍ଟରେ ଦୁଇ ଦେଶର ସେନା ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି ବୋଲି ଭାରତ ଅପପ୍ରଚାର କରୁଛି । ମାତ୍ର ଗିପ୍‌ମୋଚି ପର୍ବତ ଠାରୁ ୨୦୦୦ ମିଟର ଦୂରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଗେଙ୍ଗ୍ ସୁଆଙ୍ଗ୍ କହିଛନ୍ତି । ଚୀନ୍ ଯେଉଁ ସ୍ଥାନରେ ରାସ୍ତା ନିର୍ମାଣ କରୁଛି, ସେଥିରେ କୌଣସି ତ୍ରୁଟିବିଚ୍ୟୁତି ନାହିଁ । ମାତ୍ର ଭାରତ ଓ ଭୁଟାନ ଅଯଥାରେ ଆପତ୍ତି ଉଠାଉଛନ୍ତି । ଚୀନ୍‌ର ଏହି ରାସ୍ତା ନିର୍ମାଣ ଦ୍ୱାରା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସହ ତା'ର ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ ବୋଲି ଭାରତ ଆଶଙ୍କା କରୁଛି ।

### ବାତିଲ ହେବ...

ଲାଗୁହେବାର ୪୮ ଘଣ୍ଟା ପୂର୍ବରୁ ସରକାରଙ୍କ ତୀକ୍ଷ୍ଣ ନଜରରେ ଥିବା ଦେଶର ୧ ଲକ୍ଷ ବେନିୟମ କମ୍ପାନୀର ପଞ୍ଜୀକରଣ ବାତିଲ କରିଦିଆଯାଇଛି ।

ଓଡ଼ିଶାର କଟକରେ ଥିବା କେନ୍ଦ୍ର କର୍ପୋରେଟ ମନ୍ତ୍ରାଳୟ କମ୍ପାନୀ ରେଜିଷ୍ଟ୍ରାର ୩୦.୫.୨୦୧୭ ତାରିଖରେ ଚିଠି ନମ୍ବର ୭୫ ଅନୁସାରେ ଏଲ୍‌ଏଲ୍‌ପି ଆକ୍ଟ ୨୦୦୮ (ଲିମିଟେଡ ଲାଇବିଲିଟି ପାର୍ଟନରସିପ୍ ଆକ୍ଟ) ଅନୁସାରେ ଓଡ଼ିଶାରେ ୧୭ ହଜାରରୁ ଅଧିକ କମ୍ପାନୀ ପଞ୍ଜୀକୃତ ହୋଇଛନ୍ତି । ସେଥିମଧ୍ୟରୁ ୭୬୮ କମ୍ପାନୀକୁ କାହିଁକି ବନ୍ଦ କରା ନଯିବ ୩୦ ଦିନ ମଧ୍ୟରେ ତାହାର କାରଣ ଦର୍ଶାଇବାକୁ କଟକସ୍ଥିତ ଓଡ଼ିଶା ରେଜିଷ୍ଟ୍ରାର ଅଫ୍ କମ୍ପାନୀ ନୋଟିସ ଜାରି କରିଛନ୍ତି । ଅନେକ ଅସାଧୁ କମ୍ପାନୀ ଟିକସ ଫାଙ୍କିବାକୁ ଏକାଧିକ ପ୍ୟାନ୍‌କାର୍ଡ ରଖିଥିବା ବେଳେ ବର୍ତ୍ତମାନ ପ୍ୟାନ୍ ସହିତ ଆଧାର ସଂଯୋଗ କରିବାରୁ ଆହୁରି ଅନେକ ଅସାଧୁ କମ୍ପାନୀ ଉପରେ ସରକାର କାର୍ଯ୍ୟାନୁଷ୍ଠାନ କରିବାର ଆଶଙ୍କା ରହିଛି; ଫଳରେ କେନ୍ଦ୍ର ସରକାରଙ୍କ କର୍ପୋରେଟ ମନ୍ତ୍ରାଳୟ ଆହୁରି ଅନେକ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ସମ୍ଭାବନା ରହିଛି ।

### ହାବୁଡ଼େ...

ଅବସ୍ଥାରେ ରହିଛନ୍ତି । ବଳରାମଙ୍କ କହିବା ଅନୁସାରେ ରାତି ପ୍ରାୟ ୨ଟା ସମୟରେ ଗୁହାଳରେ ଥିବା ମେଣ୍ଢାଗୁଡ଼ିକର ଚିତ୍କାର ଖୁବ୍ ଜୋର୍‌ରେ ଶୁଭିଥିଲା । ସେହି ଅଜଣା ଜନ୍ତୁ କାଳେ ଗ୍ରାମ ଭିତରେ ପଶି ଅନ୍ୟମାନଙ୍କର କ୍ଷତି ଘଟାଇବ ଆଶଙ୍କା କରି ବାହାରକୁ ବାହାରି ନଥିଲେ । ତେବେ ରବିବାର ସକାଳେ ଗୁହାଳରେ ଯାଇ ମେଣ୍ଢାଗୁଡ଼ିକର ଏପରି ଅବସ୍ଥା ଦେଖି ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ଜଣାଇଥିଲେ । ଘଟଣାସ୍ଥଳରେ ଜଙ୍ଗଲ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି ।

### ରଥଯାତ୍ରା ପରେ...

ମଧ୍ୟ ପ୍ରଶାସନ ନ ଦେଖିଲା ପରି ଆଚରଣ କରୁଥିବାରୁ ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେବେ ପ୍ରଶାସନ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଧ୍ୟାନ ଦେଇ ବଡ଼ଦାଣ୍ଡକୁ ମୁକ୍ତ ରଖିବା ପାଇଁ ବିଭିନ୍ନ ସାମାଜିକ ସଂଗଠନ ସମେତ ସାଧାରଣରେ ଦାବି ହେଉଛି ।

## ମେଣ୍ଢା ପାଇଁ ନିପାତ ନ ହେଉ ହେଟାବଂଶ

**ଅଡ଼ଶପୁର :** ନିଆଳିର ମେଣ୍ଢାମଡ଼କ ସାରା ରାଜ୍ୟରେ ଆତଙ୍କ ଖେଳାଇ ଦେଇଛି । ଯେତେ ଚେଷ୍ଟା କଲେ ମଧ୍ୟ ମେଣ୍ଢାଙ୍କୁ କିଏ ମାରୁଛି ତାହା ଜଣାପଡୁନାହିଁ । ଏପଟେ ଗୋଟିଏ ଗାଁରୁ ଗୋଟିଏ ଗାଁ ବୁଲି ବୁଲି ଅଜଣା ଜନ୍ତୁ ମେଣ୍ଢାଙ୍କୁ ହତ୍ୟା କରିଚାଲିଛି । ସ୍ଥାନୀୟ ଲୋକଙ୍କ ଚାପରେ ପଡ଼ି ଅଜଣାଜନ୍ତୁ ଧରିବାକୁ ପ୍ରଶାସନ ଭିନ୍ନ ଭିନ୍ନ ପନ୍ଥା ଆପଣାଇବାରେ ଲାଗିଛି । କେତେବେଳେ ଯନ୍ତା ବସାଉଛି ତ ପୁଣି କେତେବେଳେ ଡ୍ରୋନ୍ ସାହାଯ୍ୟରେ ଅଜଣାଜନ୍ତୁକୁ ଠାବ ପାଇଁ ଯୋଜନା କରୁଛି । ମାତ୍ର ସବୁଥିରେ ପ୍ରଶାସନ ବିଫଳ ହୋଇଛି । ଶେଷରେ ଜନ୍ତୁକୁ ଧରିବା ପାଇଁ ବନବିଭାଗ ପକ୍ଷରୁ ବାଣ, ନିଆଁହୁଳା, ଜାଲ ବସାଯାଇଛି । ତେବେ ଏସବୁ କୌଶଳରେ ଅଜଣାଜନ୍ତୁ ତ ଧରାପଡ଼ିନି ବରଂ ମେଣ୍ଢା ପାଇଁ ହେଟାବଂଶ ଲୋପ ପାଇବାକୁ ବସିଲାଣି । ଅଜଣାଜନ୍ତୁଟି କିଏ ଜଣାପଡ଼ି ନ ଥିବାରୁ ଛୋଟ ଛୋଟ ଜଙ୍ଗଲରେ ଥିବା ହେଟା ଓ ଅନ୍ୟାନ୍ୟ ଜୀବଜନ୍ତୁ ମଧ୍ୟ ପ୍ରଶାସନର ଆକ୍ରୋଶର ଶିକାର ହେଉଛନ୍ତି । ଯେଉଁଠି ହେଟା କିମ୍ବା ଗଧିଆ ଭଳି ଜନ୍ତୁ ଦେଖାଯାଉଛି ବାଣ, ନିଆଁ କିମ୍ବା ଜାଲ ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରାଯାଉଛି । ଏହାଦ୍ୱାରା ଜଙ୍ଗଲୀଜନ୍ତୁଙ୍କ ବଂଶ ନିପାତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ସେହିପରି ବାରମ୍ବାର ବାଣ ଫୁଟୁଥିବାରୁ ଜଙ୍ଗଲରେ ଥିବା ଅନ୍ୟାନ୍ୟ ପଶୁପକ୍ଷୀମାନେ ମଧ୍ୟ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବିଶେଷକରି ପକ୍ଷୀମାନେ ବେଶୀ କ୍ଷତିଗ୍ରସ୍ତ ହେଉଛନ୍ତି । ବାଣ ଫୁଟିବା ଫଳରେ ଏମାନେ ନିଜ ବାସସ୍ଥାନରେ ବି ନିଜକୁ ସୁରକ୍ଷିତ ମଣୁନାହାନ୍ତି । କେତେକ ପକ୍ଷୀ ଏହି ଶବ୍ଦରେ ହିଁ ମୃତ୍ୟୁବରଣ କରୁଥିବା ବେଳେ ପୁଣି କେତେକ ଅନ୍ୟତ୍ର ଉଡ଼ି ପଳାଉଥିବା ଜଣାପଡ଼ିଛି । ଏହାଦ୍ୱାରା ନିଆଳି ଅଞ୍ଚଳରେ ପରିବେଶ ବ୍ୟାପକ ଅସନ୍ତୁଳନ ହେବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ପରିବେଶବିତ୍‌ମାନଙ୍କ କହିବା ଅନୁସାରେ ବିଗିଡ଼ିଯାଉଥିବା ପରିବେଶର ସନ୍ତୁଳନ ରକ୍ଷା କରିବାରେ ଗଧିଆ ବା ହେଟାବାଘଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶେଷକରି ଜଙ୍ଗଲୀ ତଥା ଗହୀରିଆସ୍ଥାନମାନଙ୍କରେ ମରିଯାଉଥିବା ପ୍ରାଣୀମାନଙ୍କର ମାଂସକୁ ଏମାନେ ଭକ୍ଷଣ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଏମାନଙ୍କ ସଂଖ୍ୟା ଲୋପ ହେବା ଦ୍ୱାରା ମୃତ ପଶୁପକ୍ଷୀଙ୍କ ଶବଗୁଡ଼ିକ ପଚିସଢ଼ି ପରିବେଶକୁ ବିଗାଡ଼ି ଦେବାର ଆଶଙ୍କା ରହିଛି । ପୂର୍ବରୁ ଏମିତି ଅନେକ କାରଣରୁ ପରିବେଶ ପ୍ରଭାବିତ ହୋଇଛି । ଏହାଦ୍ୱାରା ମଣିଷ ସମାଜକୁ ମଧ୍ୟ ଢେର ମୂଲ୍ୟ ଦେବାକୁ ପଡ଼ିଛି । ବନ୍ୟଜନ୍ତୁଙ୍କ ବାସଗୃହକୁ ନଷ୍ଟ କରି ଆଜି ମଣିଷ ଘୋର ଅସୁବିଧାର ସମ୍ମୁଖୀନ ହେଉଛି । କେଉଁଠାରେ ଜନବସତିରେ ହାତୀ ପଶି ବ୍ୟାପକ ଧନଜୀବନ ହାନି କରୁଛି ତ ପୁଣି କେଉଁଠି ଗାଁରେ ବାଘ ପଶି ଲୋକଙ୍କୁ ଆକ୍ରମଣ କରୁଛି । ଆଉ ପୁଣି ଅଜଣାଜନ୍ତୁ ଗାଁ ଗାଁରେ ପଶି ଗୃହପାଳିତ ପଶୁଙ୍କୁ ମାରିପକାଉଛି । ଆଉ ଯେଉଁ କାରଣରୁ ଏତେସବୁ କାଣ୍ଡ ଘଟିଚାଲିଛି ତାହାର ପ୍ରତିକାର କରିବାକୁ ଯାଇ ପୁଣିଥରେ ସେହି ଭୁଲକୁ ଦୋହରାଉଛି ମଣିଷ । ହୁଏତ କାଲି ଏହି ଗଧିଆ ବା ହେଟାମାନେ ଏଠାରୁ ଯାଇ ଆଉ କେଉଁଠି ଆତଙ୍କ ଖେଳାଇବେ । ଖେଳାଇବେ ନୁହେଁ, ବରଂ ଆତଙ୍କ ଖେଳାଇଲେଣି । ନିଆଳି ପରେ ନୂଆପଡ଼ା ଓ ସୋର ଅଞ୍ଚଳରେ ଅଜଣାଜନ୍ତୁ ଗୃହପାଳିତଙ୍କୁ ଶିକାର କରିବାର ଏହା ସଦ୍ୟତମ ନଜିର । ତେଣୁ ଆଉ ପରିବେଶକୁ ନ ବିଗାଡ଼ି ବରଂ ଭିନ୍ନପଥ ଅବଲମ୍ବନ କରିବା ପାଇଁ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି ।

# ପ୍ରକୃତିର ଆଉଏକ ବିସ୍ମୟ ଥର୍ସ ୱେଲ

ଉପସ୍ଥାପନା
ଜାହ୍ନବୀସୁତ




ପୂର୍ବରୁ ଆମେ କେନ୍ଦ୍ର ଆମେରିକାର ବ୍ଲୁ ହୋଲ୍ କଥା କହିଥିଲୁ। ପ୍ରକୃତିର ସେହି ରହସ୍ୟ ଭଳି ଆହୁରି ପରସ୍ତ ପରସ୍ତ ରହସ୍ୟ ଲୁଚି ରହିଛି। ମଣିଷ ନିଜ ଜ୍ଞାନ ବଳରେ ସେହିସବୁ ରହସ୍ୟର ଅନେକ ତଥ୍ୟ ବାହାରକୁ ଆଣିଛି। ତଥାପି ପୃଥିବୀରେ ଅନେକ ସ୍ଥାନ ରହିଛି, ଯାହାକୁ ନେଇ ସବୁବେଳେ ମଣିଷ ମନରେ ଆସିଛି ଅନେକ ପ୍ରଶ୍ନ। ଏବେ ଆସନ୍ତୁ ଯିବା ଆଉ ଏକ ଆଶ୍ଚର୍ଯ୍ୟକର ସ୍ଥାନକୁ। ଏଠାରେ ମଧ୍ୟ ସମୁଦ୍ର କୂଳରେ ରହିଛି ଏକ ବିରାଟ ଗର୍ତ୍ତ। ଯାହାକୁ କୁହାଯାଏ ଥୋର୍ସ ୱେଲ୍। ଏହି ଆଶ୍ଚର୍ଯ୍ୟକର ସ୍ଥାନଟି ରହିଛି ଆମେରିକାର ଓରିଗନ ରାଜ୍ୟର କେପ୍ ପପେଟୁଆ ଜଙ୍ଗଲ ପାଖରେ ଥିବା ସମୁଦ୍ରକୂଳରେ। ଏଠାରେ ସମୁଦ୍ର ଦେଖିବାକୁ ଅତି ସୁନ୍ଦର, ମାତ୍ର ସାମାନ୍ୟ ନିକାଞ୍ଚନ ମଧ୍ୟ। ଏହି ସମୁଦ୍ରକୂଳରେ ରହିଛି ଥୋର୍ସ ୱେଲ। ପ୍ରଶାନ୍ତମହାସାଗରର ଏହି ଉପକୂଳକୁ ଅନେକ ପର୍ଯ୍ୟଟକ କେପପପେଟୁଆର ଜଙ୍ଗଲରେ ବୁଲିବାକୁ ଆସିଥିବା ବେଳେ ଏହି ଥୋର୍ସ ୱେଲ୍‌କୁ ଦେଖିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥାନ୍ତି। ଏହି ଆଶ୍ଚର୍ଯ୍ୟଜନକ ଗର୍ତ୍ତର ଆକାର ବେଶୀ ବଡ଼ ନୁହେଁ। କିନ୍ତୁ ଜୁଆର ସମୟରେ ଯେତେବେଳେ ସମୁଦ୍ର ପାଣି ଏହି ଗର୍ତ୍ତ ଭିତରକୁ ପ୍ରବେଶ କରେ ଆଉ ଗର୍ତ୍ତ ଯେତେବେଳେ ପାଣିରେ ପୂର୍ଣ୍ଣ ହୋଇଯାଏ, ସେତେବେଳେ ଏହି ଗର୍ତ୍ତରୁ ପାଣିର ଫୁଆରା ଭାଲି ଉପରକୁ ଉଠିଥାଏ। ପ୍ରାୟ ୨୦ ଫୁଟ ଉପରକୁ ଉଠି ଏହି ଜଳ ଫୁଆରା ଉଠିଥିବାର ଦେଖିବାକୁ ମିଳିଥାଏ। ପାଖରୁ ଏହି ଗର୍ତ୍ତଟି ଏକ ସମୁଦ୍ର ଗୁମ୍ଫା ଭଳି ଦେଖାଯାଇଥାଏ। ତେବେ ଓରିଗନର ଏହି ଆଶ୍ଚର୍ଯ୍ୟକର ସ୍ଥାନକୁ ଦେଖିଲେ ଅନେକ ପ୍ରଶ୍ନ ମଣିଷଙ୍କ ମନରେ ଆସିଥାଏ। କାରଣ ଗର୍ତ୍ତ ଭିତରକୁ ପାଣି ଯିବା ପରେ ତାହା ଉପରକୁ ଫୁଆରା ଆକାରରେ ଆସିଥାଏ। ତେବେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ ହୋଇଛି। ଆଉ ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ତେବେ ସମୁଦ୍ରକୂଳରେ ଥିବା ଏଭଳି ଆଶ୍ଚର୍ଯ୍ୟଜନକ ଗର୍ତ୍ତ ସବୁବେଳେ ଚର୍ଚ୍ଚାକୁ ଆସିଛି। ଜୁଆର ସମୟରେ ଯେତେବେଳେ ପ୍ରବଳ ପବନ ବୋହିଥାଏ, ସେତେବେଳେ ଏହି ଥୋର୍ସ ୱେଲ୍‌କୁ ଦେଖିବାକୁ ଖୁବ୍ ସୁନ୍ଦର ଦେଖାଯାଏ। କେହି କେହି ଏହାକୁ ପ୍ରଶାନ୍ତ ମହାସାଗରର ପାଇପ୍ ବୋଲି କହିଥାନ୍ତି। କୂଅ ଭଳି ଦେଖାଯାଉଥିବା ଏହି ଥୋର୍ସ ୱେଲ୍ ପ୍ରକୃତରେ ଏକ ପ୍ରାକୃତିକ ଗର୍ତ୍ତ। ଏହାକୁ କେହି କେହି ଗେଟ୍ ଟୁ ହେଲ୍ ବା ମର୍ତ୍ତ୍ୟର ଦ୍ୱାର ବୋଲି କହିଥାନ୍ତି। ଏମିତି ଅନେକ କଥା ଏହି ଆଶ୍ଚର୍ଯ୍ୟଜନକ ଗର୍ତ୍ତ ବିଷୟରେ ଶୁଣିବାକୁ ମିଳିଥାଏ। ପ୍ରକୃତିପ୍ରେମୀ ତଥା ଫଟୋଗ୍ରାହଫରମାନଙ୍କ ପାଇଁ ଏହି ସ୍ଥାନ ଖୁବ୍ ଆକର୍ଷଣୀୟ ନିଶ୍ଚିତ।

ପ୍ରକୃତିରେ ଆଶ୍ଚର୍ଯ୍ୟଜନକ ଗର୍ତ୍ତ। ପୃଥିବୀରେ ରହିଛି ଏମିତି ଅନେକ ଉପାଦାନ। ଓରିଗନ୍ ଥୋର୍ସ ୱେଲ ସେହିଭଳି ଆଶ୍ଚର୍ଯ୍ୟକର ପରିବେଶ ସୃଷ୍ଟି କରିଥାଏ। ଏହି କୂପ ବା ଗର୍ତ୍ତର ଗଭୀରତା ପ୍ରାୟ ୨୦ ଫୁଟ। ଆଉ ଯେତେବେଳେ ସମୁଦ୍ରରେ ଜୁଆର ନଥାଏ, ସେତେବେଳେ ଆପଣ ଏହି ଗର୍ତ୍ତ ଭିତରକୁ ଚାହିଁଲେ ଆପଣଙ୍କୁ ଏହା ସାଧାରଣ ଲାଗିପାରେ। କିନ୍ତୁ ଯେତେବେଳେ ସମୁଦ୍ରରେ ଉଚ୍ଚ ଜୁଆର ଆସେ, ସେତେବେଳେ ଏହି ଥୋର୍ସ ୱେଲ୍ ଆପଣଙ୍କ ମନକୁ ଆଶ୍ଚର୍ଯ୍ୟ କରିଦେବ। ସମୁଦ୍ରର ପାଣି ଏହି ଗର୍ତ୍ତ ଭିତରକୁ ଯିବା ପରେ କିଛିସି ସମୟ ପରେ ପୁଣି ଗର୍ତ୍ତ ଭିତରୁ ଫୁଆରା ଆକାରରେ ବାହାରକୁ ଆସିଥାଏ। ଆଉ ସେ ଫୁଆରା ବି ପ୍ରାୟ ୨୦ ଫୁଟ ଉପରକୁ ଉଠିଥାଏ। ଏହି ଗର୍ତ୍ତର ନାମକରଣକୁ ନେଇ ମଧ୍ୟ ଅନେକ କାରଣ ରହିଛି। ଜର୍ମାନୀର ନର୍ସ ପୁରାଣ ଅନୁସାରେ ଥର ହେଉଛନ୍ତି ଜଣେ ଦେବତା। ଯାହାଙ୍କର ଅସ୍ତ୍ର ହେଉଛି ହାତୁଡ଼ି। ଆଉ ଥର ଦେବତା ମାନବସମାଜକୁ ରକ୍ଷା କରିବା ପାଇଁ ନିଜ ହାତୁଡ଼ିରେ ରାକ୍ଷାସମାନଙ୍କୁ ବଧ କରୁଥିଲେ। ଥର ଦେବତା ମଧ୍ୟ ଝଡ଼, ବର୍ଷା, ବିଜୁଳି, ଘଡ଼ଘଡ଼ିର ଦେବତା ଥିଲେ। ପୁରାଣ ବିଶ୍ୱାସ ଅନୁସାରେ ଥର୍ ଦେବତାଙ୍କ ଅସ୍ତ୍ର ହାତୁଡ଼ିର ଅନେକ ଶକ୍ତି ରହିଥିଲା। ଏପରିକି ଏହି ହାତୁଡ଼ିରେ ପ୍ରହାର କଲେ ପଥରରେ ମଧ୍ୟ ଗର୍ତ୍ତ ସୃଷ୍ଟି ହୋଇପାରୁଥିଲା। ତେଣୁ ଆମେରିକା ଓରିଗନ୍‌ରେ ଥିବା ଏହି ଗର୍ତ୍ତକୁ ଥର୍ ଦେବତାଙ୍କ ନାମ ଅନୁସାରେ ଥର୍ସ ୱେଲ ବୋଲି ରଖାଯାଇଥିବା କୁହାଯାଉଛି। ପ୍ରଶାନ୍ତ ମହାସାଗର କୂଳରେ ଥିବା ଏହି ଥର୍ସ ୱେଲ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତୀକ ସାଜିଛି। ତେବେ ଏହି ସୁନ୍ଦରତା ସହ ଯେତେବେଳେ ରହସ୍ୟ ମିଶୁଛି ସେତେବେଳେ ଏହି ସ୍ଥାନକୁ ନେଇ ମଣିଷ ମନରେ ଉତ୍କଣ୍ଠା ସୃଷ୍ଟି ହେଉଛି। ପ୍ରଶାନ୍ତ ମହାସାଗର କୂଳରେ ଥିବା ଏହି ଥର୍ସ ୱେଲ୍‌କୁ ନେଇ ଗବେଷଣା କରାଯାଉଛି। ଆଉ ଏହାର ଉତ୍ପତ୍ତି ଏବଂ ରୂପକୁ ନେଇ ମଧ୍ୟ ଅନେକ ମତ ରହିଛି। କିନ୍ତୁ ପ୍ରକୃତରେ ଏହି ଥର୍ସ ୱେଲ୍ ନିକଟରେ ଜଳଫୁଆରେ ଅଦ୍ଭୁତ ରୂପ ଦେଖିବା ଅନେକ ଦ୍ୱନ୍ଦ୍ୱ ମନରେ ଆସେ ସମୁଦ୍ର ଜଳ ଆଉ ଗର୍ତ୍ତକୁ ନେଇ। ଜଳର ଏଭଳି ରୂପ ସତରେ ଖୁବ୍ ଦେଖିବା ଭଳି। କିନ୍ତୁ ପାଣି ଏତେ ଜୋର୍‌ରେ ଉପରକୁ ଆସୁଛି କେମିତି ? ପ୍ରାୟ ୨୦ ଫୁଟ୍ ଉପରକୁ ପାଣି ଉଠିବା ସତରେ ଯେ କେହି ଦେଖିଲେ ବି ଆଶ୍ଚର୍ଯ୍ୟ ହେବ। କିନ୍ତୁ ଗବେଷକମାନେ ଏହା ଏକ ସାଧାରଣ ପ୍ରାକୃତିକ ପ୍ରକ୍ରିୟା ବୋଲି ମତ ଦେଇଛନ୍ତି।

# ରତ୍ନବେଦୀରେ ଉଭାହେଲେ ଚତୁର୍ଦ୍ଧାମୂରତି

**ପୁରୀ (ବ୍ୟୁରୋ) :** ଶେଷ ହୋଇଛି ଜନ୍ମବେଦିରେ ଲୀଳାଖେଳା। ନବଦିନାତ୍ମକ ଯାତ୍ରାର ଅନ୍ତିମ ଦିବସରେ ସୋମବାର ରଥରେ ବିଜେ ହୋଇ ବଡ଼ଭାଇ ବଳଭଦ୍ର, ସୁନାମୁହିଁ ଭଉଣୀ ସୁଭଦ୍ରାଙ୍କ ସହ କାଳିଆଠାକୁର ବଡ଼ଦେଉଳକୁ ଫେରୁଛନ୍ତି। ଗୁଣ୍ଡିଚାଘର ଆଡ଼ପ ମଣ୍ଡପ ପୁଣି ଶୂନ୍ୟ ହୋଇଛି ବର୍ଷକ ପାଇଁ। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଚତୁର୍ଦ୍ଧାମୂର୍ତ୍ତି ପହଞ୍ଚିଯାଇଛନ୍ତି ସିଂହଦ୍ୱାର ସମ୍ମୁଖରେ। ତେବେ ଫେରିବା ବାଟରେ ବଳଗଣ୍ଡିଠାରେ ମାଉସୀ ମା'ର ପ୍ରିୟ ପୋଡ଼ପିଠା ଖାଇବାକୁ ଭୁଲି ନାହାନ୍ତି। ଏହାସହ ରାଜନଅର ସମ୍ମୁଖରେ କାଳିଆ ସାଆନ୍ତଙ୍କୁ ଭେଟିଛନ୍ତି ଲକ୍ଷ୍ମୀ ସାଆନ୍ତାଣୀ। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଭକ୍ତଙ୍କ ପୁରୀରେ ସମାଗମ ହୋଇଛି। ନୀତିନିର୍ଘଣ୍ଟର ଘଣ୍ଟାଏ ପୂର୍ବରୁ ରଥଟଣା ସହ ପ୍ରମୁଖ ନୀତିଗୁଡ଼ିକ ଶେଷ ହୋଇଥିଲା। ପାଗ ମେଘୁଆ ଥିବାରୁ ଭକ୍ତମାନେ ଉତ୍ସାହରେ ତିନିରଥକୁ ଟାଣିଥିଲେ। ମଙ୍ଗଳବାର ଏକାଦଶୀ ତିଥିରେ ଦାରୁଦିଅଁଙ୍କୁ ସୁନାବେଶ କରାଯିବ। ବାହୁଡ଼ଯାତ୍ରା ପାଇଁ ଆଡ଼ପ ମଣ୍ଡପରେ ସକାଳ ୬.୪୦ରେ ମହାପ୍ରଭୁଙ୍କ ମଙ୍ଗଳ ଆରତି କରାଯାଇଥିଲା। ଏହାପରେ ମଇଲମ, ତଡ଼ପଲାଗି ଓ ଅବକାଶ ନୀତି ଅନୁଷ୍ଠିତ ହୋଇଥିଲା। ସକାଳ ୭.୨୦ରେ ସୂର୍ଯ୍ୟପୂଜା, ୭.୪୦ରେ ଦ୍ୱାରପାଳ ପୂଜା ଓ ୭.୫୦ରେ ମହାପ୍ରଭୁଙ୍କ ବେଶ ଶେଷ ହୋଇଥିଲା। ଗୋପାଳ ଭୋଗ ଓ ସକାଳ ଧୂପରେ ପ୍ରଭୁଙ୍କୁ ଖେଚୁଡ଼ି ଭୋଗ କରାଯାଇଥିଲା। ପରେ ପରେ ଦଇତାପତିମାନେ ସେନାପଟା ଲାଗି କରିଥିଲେ। ପୂର୍ବାହ୍ନ ୯.୨୫ରେ ମଙ୍ଗଳାର୍ପଣ ହେବା ପରେ ଏହାର ୧୫ ମିନିଟ୍ ପରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ଘଣ୍ଟୁଆଙ୍କ ଘଣ୍ଟନାଦ, ଭକ୍ତଙ୍କ ଆଲଟ ଚାମର ସେବା ମଧ୍ୟରେ ଠାକୁରମାନଙ୍କୁ ଧାଡ଼ି ପହଣ୍ଡିରେ ରଥାରୂଢ଼ କରାଯାଇଥିଲା। ପରମ୍ପରା ଅନୁସାରେ ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କୁ ପହଣ୍ଡି କରାଯାଇ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିଜେ କରାଯାଇଥିଲା। ଏହା ପରେ ପ୍ରଭୁ ବଳଭଦ୍ରଙ୍କୁ ସେବାୟତମାନେ ପହଣ୍ଡି କରି ତାଳଧ୍ୱଜ ରଥରେ ବିଜେ କରାଇଥିଲେ। ଦେବୀ ସୁଭଦ୍ରାଙ୍କୁ ଶୂନ୍ୟପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ଶେଷରେ କଳାଠାକୁର ଟାହିଆ ହଲାଇ ହଲାଇ ଗୁଣ୍ଡିଚାଘରୁ ବାହାରିଥିଲେ। ମହାପ୍ରଭୁଙ୍କ ଟିକେ ଝଲକ ପାଇବା ମାତ୍ରେ ଭକ୍ତମାନେ ଊର୍ଦ୍ଧ୍ୱବାହୁ ହୋଇ ଜୟ ଜଗନ୍ନାଥ ଧ୍ୱନି ଦେଉଥିଲେ। ଶ୍ରୀଜଗନ୍ନାଥ ନନ୍ଦିଘୋଷ ରଥରେ ବିଜେ ହେବାପରେ ପରେ ମଧ୍ୟାହ୍ନ ୧୨.୨୦ରେ ମହାଜନ ସେବକମାନେ ମଦନମୋହନଙ୍କୁ ନନ୍ଦିଘୋଷ ଓ ରାମକୃଷ୍ଣ ତାଳଧ୍ୱଜ ରଥରେ ବିଜେ କରିଥିଲେ। ଏହାପରେ ଗଜପତି ମହାରାଜ ଶ୍ରୀଦିବ୍ୟସିଂହ ଦେବ ମେହେନାରେ ଆସି ଦିନ ଗୋଟାଏରେ ରଥର ଛେରାପହଁରା କରିଥିଲେ। ତିନି ରଥକୁ ସୁନାଖଡ଼ିକାରେ ପହଁରା କରି ଗଜପତି ମହାରାଜ ଅପରାହ୍ଣ ୨.୦୦ରେ ପଟୁଆରରେ ରାଜନଅରକୁ ଫେରିଯାଇଥିଲେ। ନୀତିନିର୍ଘଣ୍ଟର ଘଣ୍ଟାଏ ପୂର୍ବରୁ ଛେରାପହଁରା ନୀତି ଶେଷ ହୋଇଥିଲା। ପର୍ଯ୍ୟାୟ କ୍ରମେ ରଥରୁ ଚାରମାଳ ଫିଟା ଓ ଘୋଡ଼ାଯୋଚା ଯାଇ ରଥଟଣା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବିଜେ କାହାଳୀ ବାଜିବା ମାତ୍ରେ ପ୍ରଥମେ ୨ଟା୧୦ରେ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିଥିଲେ। ପାଖାପାଖି ଘଣ୍ଟାଏ ପୂର୍ବରୁ ରଥଟଣା ନୀତି ଆରମ୍ଭ ହୋଇଥିଲେ। ଏହାର ଅଧଘଣ୍ଟା ପରେ ଦର୍ପଦଳନ ରଥ ଟଣା ହୋଇଥିଲା। ଶେଷରେ ଅପରାହ୍ଣ ୩ଟାରେ ଭକ୍ତମାନେ ନନ୍ଦିଘୋଷ ରଥକୁ ଟାଣିବା ଆରମ୍ଭ କରିଥିଲେ। ପାଗ ଭଲ ଥିବାରୁ ଭକ୍ତମାନେ ଆବେଗ ଓ ଉତ୍ସାହର ସହ ରଥକୁ ଟାଣିଥିଲେ। ବଳଗଣ୍ଡିଠାରେ ତିନିଠାକୁରଙ୍କୁ ମାଉସୀ ମା'ଙ୍କ ପୋଡ଼ପିଠା ଭୋଗ କରାଯାଇଥିଲା। ମାଉସୀ ମା'ଙ୍କ ପୂଜକ ଏହି ପୋଡ଼ପିଠା ମହାପ୍ରଭୁଙ୍କୁ ଭୋଗ କରିଥିଲେ। ପୋଡ଼ପିଠା ଖାଇ ତିନିରଥ ଆଗକୁ ଗଡ଼ି ଚାଲିଥିଲେ। ତାଳଧ୍ୱଜ ରଥ ଅପରାହ୍ଣ ୫ଟାରେ ଓ ଦର୍ପଦଳନ ରଥ ଏହାର ୨୦ ମିନିଟ୍‌ରେ ଅର୍ଥାତ୍ ସନ୍ଧ୍ୟା ପୂର୍ବରୁ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ଶେଷରେ ଆସୁଥିବା ନନ୍ଦିଘୋଷ ରଥ ରାଜନଅର ସମ୍ମୁଖରେ ପହଞ୍ଚିବା ପରେ ସନ୍ଧ୍ୟା ୬ଟା ୨୦ରେ ଲକ୍ଷ୍ମୀ-ନାରାୟଣ ଭେଟ ହୋଇଥିଲା। ସେବାୟତମାନେ ଶ୍ରୀମନ୍ଦିରୁ ମହାଲକ୍ଷ୍ମୀଙ୍କ ଚଳନ୍ତିପ୍ରତିମାଙ୍କୁ ପାଲିଙ୍କିରେ ଆଣି ରାଜନଅର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀଙ୍କ ପ୍ରତିମାଙ୍କୁ ଧରି ଶ୍ରୀଜଗନ୍ନାଥଙ୍କୁ ଭେଟ କରାଇଥିଲେ। ଏହାପରେ ଗଜପତି ମହାରାଜା ରଥ ଚାରିପଟେ ପରିକ୍ରମା କରିବା ପରେ ମହାପ୍ରଭୁଙ୍କ ଆଜ୍ଞା ମିଳିଥିଲା। ମହାଲକ୍ଷ୍ମୀ ବଡ଼ଦେଉଳକୁ ଫେରିଥିଲେ। ଏହି ନୀତି ଶେଷ ହେବା ପରେ ନନ୍ଦିଘୋଷ ରଥ ଗଡ଼ିଥିଲା। ସନ୍ଧ୍ୟା ୭ଟାରେ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ଲାଗିଥିଲା। ତିନିରଥକୁ ବ୍ୟାରିକେଡ୍ ମଧ୍ୟରେ ରଖାଯାଇଛି। ପୋଲିସ ବାହିନୀ ରଥକୁ ସୁରକ୍ଷା ଦେଉଛନ୍ତି। ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଲାଗି ରହିଛି। ପ୍ରତି ରଥ ସମ୍ମୁଖରେ ଅତି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିବାରୁ ତିନି ଠାକୁରଙ୍କ ମୁହଁ ଝଲସି ଉଠୁଛି। ମଙ୍ଗଳବାର ବଡ଼ଏକାଦଶୀରେ ରଥ ଉପରେ ତିନିଠାକୁରଙ୍କୁ ସୁନାବେଶ କରାଯିବ। ବାହୁଡ଼ାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦୦ ପ୍ଲାଟୁନ ପୋଲିସ ଫୋର୍ସ ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ୩୬ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ବାହୁଡ଼ା ପାଇଁ ବଡ଼ଦାଣ୍ଡ ଓ ସମୁଦ୍ରକୂଳରେ ଭିଡ଼ ଲାଗି ରହିଛି।









## ପୁଣି ମିଳିଲା ଶ୍ରୀକ୍ଷେତ୍ର ଅବଢ଼ା

**ପୁରୀ :** ସରିଲା ନବଦିନାତ୍ମକ ଘୋଷଯାତ୍ରା। ନୀଳାଦ୍ରିବିଜେ ହୋଇ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ଫେରିଛନ୍ତି। ତିନିଦିନ ଧରି ସିଂହଦ୍ୱାର ସମ୍ମୁଖରେ ମାନବୀୟ ଲୀଳାଖେଳା କରିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି। ବର୍ତ୍ତମାନଠାରୁ ପୁଣିଥରେ ଭକ୍ତମାନଙ୍କ ପାଇଁ ଉପଲବ୍ଧ ହେବ ଶ୍ରୀକ୍ଷେତ୍ର ଅବଢ଼ା। ମାତ୍ର ନୀଳାଦ୍ରିବିଜେ ପହଣ୍ଡି ସମୟରେ ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି। ଚଳିତବର୍ଷ ରଥଯାତ୍ରାର ସମସ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ ହୋଇଥିବା ବେଳେ ଦେବୀ ସୁଭଦ୍ରା ପହଣ୍ଡିବିଜେ ହୋଇ ରତ୍ନସିଂହାସନକୁ ଯାଉଥିବା ସମୟରେ ସାତପାହାଚ ନିକଟରେ ସାଦାପୋଷାକରେ ଥିବା ଜଣେ ପୋଲିସ ଅଧିକାରୀ ସୁଭଦ୍ରାଙ୍କୁ ସ୍ପର୍ଶ କରିଥିବା ସମ୍ପର୍କରେ ଜଣେ ସେବାୟତ ଅଭିଯୋଗ କରିଛନ୍ତି। ଘଟଣା ପରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ତୁରନ୍ତ ସେ ସ୍ଥାନରୁ ବାହାର କରି ଦିଆଯାଇଥିଲା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଏହି ପୋଲିସ ବାବୁ ଅତୀତରେ ପୁରୀ ସମୁଦ୍ରକୂଳ ଥାନାରେ କାର୍ଯ୍ୟ କରିଥିଲେ। ତେବେ ଏହି ଅଘଟଣ ସମ୍ପର୍କରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ତଦନ୍ତ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପହଣ୍ଡି ସମୟରେ ଶ୍ରୀବିଗ୍ରହଙ୍କୁ ସେବାୟତ ସାଦାପୋଷାକଧାରୀ ଦୁଇଜଣ ବ୍ୟକ୍ତି ସ୍ପର୍ଶ କରିଥିବାରୁ ସେ ଦୁହିଁଙ୍କୁ ପୋଲିସ ସିଂହଦ୍ୱାର ଥାନାକୁ ନେଇ ଅଟକ ରଖିଛି। ଘଟଣାଦିନ ପ୍ରତ୍ୟୁଷରୁ ସିଂହାସନ ମାର୍ଜନା ଓ ପୁଷ୍ପାଞ୍ଜଳି ଅର୍ପଣ



ପରେ ଆରମ୍ଭ ହୋଇଥିଲା ନୀଳାଦ୍ରିବିଜେ ପହଣ୍ଡି। ଅପରାହ୍ଣ ୫ଟାରେ ପହଣ୍ଡିବିଜେ ଆରମ୍ଭ କରାଯାଇ ପ୍ରଥମେ ରାମକୃଷ୍ଣ ଓ ମଦନମୋହନ ରଥ ଉପରୁ ବିଜେ ହୋଇ ଶ୍ରୀମନ୍ଦିରକୁ ଯାଇଥିଲେ। ଏହାପରେ ୫ଟା ୨୫ ମିନିଟରେ ଶ୍ରୀସୁଦର୍ଶନ, ପରେ ପରେ ପ୍ରଭୁ ବଳଭଦ୍ର ଓ ଦେବୀସୁଭଦ୍ରାଙ୍କୁ ପହଣ୍ଡିବିଜେ କରାଯାଇଥିଲା। ପ୍ରଭୁ ବଳଭଦ୍ର ଓ ଦେବୀସୁଭଦ୍ରା ଗୋଟିପହଣ୍ଡିରେ ରତ୍ନସିଂହାସନାରୂଢ଼ ହେବା ପରେ ଆରମ୍ଭ ହୋଇଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି। ମହାପ୍ରଭୁ ଚାରମାଳ ଉପରକୁ ଆସିବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ଚାହାଣି ମଣ୍ଡପକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରି



ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପ୍

# ସମସ୍ତଙ୍କୁ ପଛରେ ପକାଇଲା ଭାରତ

**ଭୁବନେଶ୍ୱର (ବ୍ୟୁରୋ) :** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୨୨ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାର ପଦକ ତାଲିକାରେ ଭାରତ ତା'ର ପ୍ରାଧାନ୍ୟ ବଜାୟ ରଖି ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ଭାରତକୁ ମିଳିଛି ୯ଟି ପଦକ। ଏଥିରେ ସାମିଲ ରହିଛି ୫ଟି ସ୍ୱର୍ଣ୍ଣପଦକ। ଦେଶ ପାଇଁ ଆଜି ପ୍ରଥମ ସ୍ୱର୍ଣ୍ଣ ଆଣିଥିଲେ ମହିଳା ହେପ୍ଟାଥଲନ ଇଭେଣ୍ଟରେ ସ୍ୱପ୍ନା ବର୍ମନ। ସେ ବିଭିନ୍ନ ପ୍ରତିଯୋଗିତାରେ ସର୍ବାଧିକ ୫୯୪୨ ପଏଣ୍ଟ ହାସଲ କରି ଏହି ସମ୍ମାନ ନିଜ ନାମରେ କରିଥିଲେ। ତାଙ୍କ ପରେ ପୁରୁଷ ୧୦,୦୦୦ ମି. ଦୌଡରେ ଜି. ଲକ୍ଷ୍ମଣନ ସ୍ୱର୍ଣ୍ଣ ହାତେଇଥିଲେ। ଏହାପରେ ୪ ଗୁଣା ୪୦୦ ମି. ଦୌଡ଼ ସେହିପରି ଓଡ଼ିଆ ଆଥ୍‌ଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ହେପ୍ଟାଥଲନ ଇଭେଣ୍ଟରେ ବ୍ରୋଞ୍ଜପଦକ ଅକ୍ତିଆର କରିଛନ୍ତି। ତାଙ୍କ ଭଳି ପୁରୁଷ ୮୦୦ ମି. ଦୌଡ଼ରେ ଜିନସନ୍ ଜନସନ ଓ ପୁରୁଷ ଜାଭେଲିନ୍ ବର୍ଗରେ ଦେବିନ୍ଦର ସିଂ କାଙ୍ଗ ବ୍ରୋଞ୍ଜପଦକ ନିଜ ନାମରେ କରିଛନ୍ତି। ଏଭଳି ପ୍ରଦର୍ଶନ ଯୋଗୁଁ ଭାରତ ପଦକ ତାଲିକାରେ ଶୀର୍ଷରେ ରହି ଅଭିଯାନ ଶେଷ କରିଛି। ଭାରତ ନିକଟରେ ୧୨ଟି ସ୍ୱର୍ଣ୍ଣ ସହ ମୋଟ ୨୯ଟି ପଦକ ରହିଛି। ଏଥିରେ ୫ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜପଦକ।



## ବ୍ରୋଞ୍ଜ୍‌ରେ ସନ୍ତୁଷ୍ଟ ଓଡ଼ିଆ ଖେଳାଳି

**ଭୁବନେଶ୍ୱର :** ୨୨ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ୫ ଓଡ଼ିଆ ଆଥ୍‌ଲେଟଙ୍କୁ ୪ଟି ବ୍ରୋଞ୍ଜପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଦେଶର ଦ୍ରୁତତମ ଧାବିକା ଦୂତୀ ଚାନ୍ଦ ସର୍ବାଧିକ ୨ଟି ବ୍ରୋଞ୍ଜପଦକ ଜିଣିଛନ୍ତି। ସେ ୧୦୦ ମିଟର ଦୌଡ଼ ଇଭେଣ୍ଟରେ ବ୍ରୋଞ୍ଜ ଜିତିବା ପରେ ତାଙ୍କ ନେତୃତ୍ୱରେ ଭାରତୀୟ ମହିଳା ୪ ଗୁଣା ୧୦୦ ମିଟର ରିଲେ ଦଳ ମଧ୍ୟ ବ୍ରୋଞ୍ଜପଦକ ଜିତିଥିଲା। ସେହିଭଳି ଭାରତୀୟ ମହିଳା ଦଳର ନିୟମିତ ସଦସ୍ୟ ଶ୍ରାବଣୀ ନନ୍ଦଙ୍କୁ ମିଳିଥିଲା ବ୍ରୋଞ୍ଜପଦକ। ଅନ୍ତିମ ଦିବସରେ ରାଜ୍ୟ ପାଇଁ ପଦକ ଜିଣିଥିଲେ ଅଲରାଉଣ୍ଡର ଆଥ୍‌ଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍। ସେ ହେପ୍ଟାଥଲନ୍ ଇଭେଣ୍ଟରେ ମୋଟ୍ ୩୪୩୨ ପଏଣ୍ଟ ଅର୍ଜନ କରି ଏହି ସମ୍ମାନ ପାଇଥିଲେ। ଅନ୍ୟପକ୍ଷରେ ଦେଶର ଦ୍ରୁତତମ ଧାବକ ଅମିୟ ମଲ୍ଲିକ ସମ୍ପୂର୍ଣ୍ଣ ରୂପେ ଘରୋଇ ଦର୍ଶକଙ୍କ ସାମ୍ନାରେ ଫେଲ୍ ମାରିଛନ୍ତି। ସେ ପ୍ରଥମେ ୪ ଗୁଣା ୧୦୦ ମିଟର ରିଲେ ଇଭେଣ୍ଟରେ ଆଯୋଗ୍ୟ ହୋଇ ଭାରତୀୟ ଦଳକୁ ପଦକରୁ ବଞ୍ଚିତ ରଖିଥିଲେ। ପରେ ସେ ୧୦୦ ମିଟର ଦୌଡ଼ରେ ମଧ୍ୟ ତ୍ରୁଟି କରି ସେମି ପର୍ଯ୍ୟାୟରୁ ଅଭିଯାନ ଶେଷ କରିଥିଲେ। ଅନ୍ତିମ ଦିବସରେ ସେ ନିଜର ନୈରାଶ୍ୟଭରା ପ୍ରଦର୍ଶନ ଜାରି ରଖି ୨୦୦ ମିଟର ଦୌଡ଼ର ଫାଇନାଲ୍‌ରେ ବିଫଳ ହୋଇଥିଲେ। ସେହିଭଳି ଶ୍ରାବଣୀ ଓ ଦୂତୀ ନିଜ ୨୦୦ ମିଟର ଇଭେଣ୍ଟରେ ଅଳ୍ପକେ ପଦକରୁ ବଞ୍ଚିତ ରହିଥିଲେ।

## ଫୱାଦଙ୍କ ସ୍ଥାନରେ ସଲ୍ଲୁ



ପାକିସ୍ତାନୀ ଆକ୍ଟର ଫୱାଦ ଖାନ୍‌ଙ୍କୁ ବଲିଉଡ୍ ଦବଙ୍ଗ ଖାନ୍ ରିପ୍ଲେସ୍ କରିଛନ୍ତି। ଭାରତରେ ପାକିସ୍ତାନୀ ଆକ୍ଟରଙ୍କ ବ୍ୟାନ କାରଣରୁ ଏଭଳି ସମ୍ଭବ ହୋଇଛି। ଏକାବେଳେ ଫୱାଦ୍‌ଙ୍କୁ ଦୁଇଟି ଫିଲ୍ମରେ କାମ କରିବାର ଅଫର ମିଳିଥିଲା ମାତ୍ର ଭାରତରେ ଏହି ନୂଆ ନିୟମ ଲାଗୁ ହେବା ପରେ ପରେ ତାଙ୍କୁ ବାଧ୍ୟହୋଇ ବଲିଉଡ୍ ଛାଡ଼ିବାକୁ ପଡ଼ିଥିଲା। କରନ ଜୋହରଙ୍କ ପ୍ରଯୋଜନାରେ ସୁଟିଂ ଆରମ୍ଭ ହେବାକୁ ଥିବା 'ରାତ୍ ବାକି'ରେ ଫୱାଦଙ୍କ ଜାଗା ନେବେ ସଲମାନ୍, ଯେଉଁଥିରେ କ୍ୟାଟ୍ରିନା କୈଫ୍ ଲିଡ୍ ରୋଲରେ ଆସିବେ ବୋଲି ପୂର୍ବରୁ କନଫର୍ମ ହୋଇଯାଇଛି। ଯଦି ସବୁ ଠିକ୍‌ଠାକ୍ ରହେ ତେବେ ଆଉ ଏକ ଫିଲ୍ମରେ ସଲ୍ଲୁ-କ୍ୟାଟ୍ ଯୋଡ଼ିକୁ ଦେଖିବାକୁ ମିଳିବ। ସୂଚନାଥାଉ କି ଏବେ ସଲମାନ୍ ଓ କ୍ୟାଟ୍ରିନାଙ୍କ ଅପ୍‌କମିଂ ଫିଲ୍ମ 'ଟାଇଗର ଜିନ୍ଦା ହେଁ'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

## ରୋମାନ୍ସ କରିବେ ଅନୁଷ୍କା-ବରୁଣ

ବଲିଉଡ୍‌ରେ ନିର୍ଦ୍ଦେଶକ ଓ ପ୍ରଯୋଜକ ନିଜ ଫିଲ୍ମକୁ ଟିକେ ଭିନ୍ନ କରିବା ପାଇଁ ନୂଆ ନୂଆ ଯୋଡ଼ିଙ୍କୁ ବଡ଼ପରଦାକୁ ଓହ୍ଲାଇଥାଆନ୍ତି, ଯାହାକୁ ଏବେ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ଏହି ନୂଆ ଯୋଡ଼ିରେ ଆଉ ଦୁଇଟି ତାରକାଙ୍କ ନାମ ସାମିଲ ହୋଇଯାଇଛି। ଯଶ୍ ରାଜ୍ ବ୍ୟାନର ତଳେ ନିର୍ମାଣ ହେବାକୁ ଥିବା ଅପ୍‌କମିଂ 'ସୁଇ ଧାଗା-ମେଡ୍ ଇନ୍ ଇଣ୍ଡିଆ' ଫିଲ୍ମରେ ବରୁଣ ଧାୱନ ଓ ଅନୁଷ୍କା ଶର୍ମାଙ୍କୁ ନେଇ ଏକ ନୂଆ ଯୋଡ଼ି ପ୍ରସ୍ତୁତ କରାଯାଇଛି; ଯେଉଁଥିରେ ମନୀଷ ଶର୍ମା ଫିଲ୍ମର ପ୍ରଯୋଜନା ଭାର ତୁଲାଉଛନ୍ତି। ଏହାର ଷ୍ଟୋରୀ ଲେଖୁଛନ୍ତି ଶରତ କଟାରିୟା। ଏହି ନୂଆ ଫିଲ୍ମକୁ ନେଇ ଅନୁଷ୍କା ଓ ବରୁଣ ଟ୍ୱିଟର ଜରିଆରେ ନିଜ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ଏହି ସିନେମାରେ ଦୁହେଁ ଫୁଲ୍ ରୋମାନ୍ସ କରିବେ ବୋଲି ମିଳୁଛି।








Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**